R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୬
ତିଥି : ଅଷ୍ଟମୀ
୦୧ ମେ' ୨୦୨୪, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 206
01 May 2024, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଜାଳୁଛି, ପୋଡୁଛି


ଫଟୋ : ଅତୁଲ୍ୟ

## ବାରିପଦା ବିଶ୍ୱର ଦ୍ୱିତୀୟ ଉତ୍ତପ୍ତ ସହର
## ବାରିପଦାରେ ୪୬.୪°, ବାଲେଶ୍ୱରରେ ୪୬° ରେକର୍ଡ
## ୧୫ ସହରରେ ତାପମାତ୍ରା ୪୪ଡିଗ୍ରୀ
## ଭୁବନେଶ୍ୱରରେ ପାରଦ ୪୫ଡିଗ୍ରୀ ଟପିଲା
## ଆଜି ୧୧ ଜିଲ୍ଲାକୁ ରେଡ୍ ଆଲର୍ଟ

ଭୁବନେଶ୍ୱର, ୩୦।୪ (ସବ୍ୟୁ) : ରାଜ୍ୟରେ ରାଜୁତି କରୁଛି ତାତି । ୧୫ଦିନ ହେବ ଆକାଶରୁ ନିଆଁ ବର୍ଷୁଛି । ଉପକୂଳରୁ ଆଭ୍ୟନ୍ତର ସବୁଠି ପ୍ରଚଣ୍ଡ ଗ୍ରୀଷ୍ମଲହରୀ ଜାରି ରହିଛି । ଏପରିକି ପାରଦ ୪୬ଡିଗ୍ରୀ ଟପିଯାଇଛି । ମଙ୍ଗଳବାର ବାରିପଦା ସର୍ବକାଳୀନ ତାତି ରେକର୍ଡ ଭାଙ୍ଗିଛି । ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୬.୪ଡିଗ୍ରୀ ରେକର୍ଡ ହୋଇଛି । ଏହା ପଛକୁ ରହିଛି ବାଲେଶ୍ୱର । ବାଲେଶ୍ୱରରେ ତାପମାତ୍ରା ୪୬ଡିଗ୍ରୀ ଓ ଭୁବନେଶ୍ୱରରେ ତାପମାତ୍ରା ୪୫.୪ଡିଗ୍ରୀ ସେଲ୍‌ସିୟସ ରହିଛି ।

ବିଶ୍ୱର ପ୍ରଥମ ୧୦ଟି ଉତ୍ତପ୍ତ ସହର ଭିତରେ ଉପରୋକ୍ତ ତିନୋଟି ସହର ଅନ୍ତର୍ଭୁକ୍ତ ରହିଛି । ପ୍ରଥମ ସ୍ଥାନରେ ଓମାନ ଜୋବା ସହର ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ବାରିପଦା, ତୃତୀୟ ସ୍ଥାନରେ ବାଲେଶ୍ୱର ଓ ୧୦ମ ସ୍ଥାନରେ ଭୁବନେଶ୍ୱର ରହିଥିବା ଓଜିମେଟ୍ ପାଣିପାଗ ପକ୍ଷରୁ କୁହାଯାଇଛି । ମଙ୍ଗଳବାର ୧୫ଟି ସହରରେ ତାପମାତ୍ରା ୪୪ଡିଗ୍ରୀ କିମ୍ବା ତା'ଠାରୁ ରେକର୍ଡ ହୋଇଛି । ଏହା ସହ ୧୪ଟି ସହରରେ ତାପମାତ୍ରା ୪୨ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି ।

୨୦୧୦ ଏପ୍ରିଲ୍ ୨୧ରେ ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୬.୧ ଡିଗ୍ରୀ ରେକର୍ଡ ହୋଇଥିଲା । ୧୪ବର୍ଷ ପରେ ଏହି ରେକର୍ଡ ଭାଙ୍ଗିଛି ବାରିପଦା । ମଙ୍ଗଳବାର (ଆଜି) ବାରିପଦାରେ ଅଗ୍ନିବର୍ଷା ହୋଇଛି । ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୬.୪ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଭୁବନେଶ୍ୱରରେ ୨୦୧୬ ଏପ୍ରିଲ୍ ୧୧ରେ ସର୍ବୋଚ୍ଚ ତାପମାତ୍ରା ୪୫.୮ଡିଗ୍ରୀ ରେକର୍ଡ ହୋଇଥିଲା । ଚଳିତ ମାସରେ ଦ୍ୱିତୀୟ ସର୍ବାଧିକ ତାପମାତ୍ରା (୯ ପୃଷ୍ଠାରେ)

## ଏପ୍ରିଲ୍‌ରେ ୧୮ ଦିନ ଗ୍ରୀଷ୍ମଲହରୀ

ଭୁବନେଶ୍ୱର, ୩୦।୪ (ସବ୍ୟୁ) : ରାଜ୍ୟରେ ତାତିରେ ଲାଗୁନି ବ୍ରେକ୍ । ଚଳିତ ମାସରେ ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ବୃଦ୍ଧି ପାଇଛି । ଏଥର ଏପ୍ରିଲ୍‌ରେ ୧୮ଟି ଗ୍ରୀଷ୍ମପ୍ରବାହ ଦିନ ସଂଖ୍ୟା ରହିଛି । ଏପ୍ରିଲ ମାସରେ ୧ରୁ ୩ଦିନ ଗ୍ରୀଷ୍ମପ୍ରବାହ ହେବା କଥା । ହେଲେ ଏବର୍ଷ ଅଧିକ ଗ୍ରୀଷ୍ମପ୍ରବାହ ଦିନ ସଂଖ୍ୟା ବଢିଛି । ଯାହା ଜନଜୀବନ ଉପରେ ପ୍ରଭାବ ପକାଇଛି ।

ଗ୍ରୀଷ୍ମ ଋତୁରେ କାଳବୈଶାଖୀ ବର୍ଷା ତାତିରେ ବ୍ରେକ୍ ଲଗାଇଥାଏ । ପଶ୍ଚିମା ଝଡ ପ୍ରଭାବରେ ବର୍ଷା ହୋଇଥାଏ । ସମୁଦ୍ର ଆଡକୁ ପବନ ଓ ପଶ୍ଚିମା ଝଡ ଯୋଗୁ କାଳବୈଶାଖୀ ସୃଷ୍ଟି ହୁଏ । ତେବେ ଏଥର ପଶ୍ଚିମା ଝଡର ଦେଖାନାହିଁ କି ସମୁଦ୍ର ଆଡୁ ପବନ ଆଉ ଆସୁନି । ଫଳରେ କାଳବୈଶାଖୀ ବର୍ଷା ଗାଏବ ହୋଇଯାଇଛି । କାଳବୈଶାଖୀ ବର୍ଷା ନହେବା ହେତୁ ଦିନ (୯ ପୃଷ୍ଠାରେ)

### 'ସମୟ'ର ଛୁଟି

ମେ' ପହିଲା ଶ୍ରମିକ ଦିବସ ଉପଲକ୍ଷେ ଦୈନିକ 'ସମୟ' କାର୍ଯ୍ୟାଳୟ ବୁଧବାର ଦିନ ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୩ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ ।

**ନିର୍ଦ୍ଦେଶିକା**




## ହିଞ୍ଜିଳି ଆସନ ଲାଗି ନାମାଙ୍କନ ଦାଖଲ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର, ୩୦।୪ (ସବ୍ୟୁ) : ହିଞ୍ଜିଳି ଆସନ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଲଗାତର ୫ ଥର ସେ ଏହି ଆସନରୁ ନିର୍ବାଚିତ ହୋଇଛନ୍ତି । ଏଥର ନିର୍ବାଚିତ ହେଲେ ଷଷ୍ଠ ଥର ଲାଗି ସେ ଏହି ଆସନରୁ ପ୍ରତିନିଧିତ୍ୱ କରିବେ । ନବୀନ ପଟ୍ଟନାୟକଙ୍କ ପାରମ୍ପରିକ ଆସନ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବିଧାନସଭା ଆସନ ପାଇଁ ଆଜି ନାମାଙ୍କନ ପତ୍ର ଛତ୍ରପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।



ଆଜି ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଠାରୁ ବାହାରି ପ୍ରାୟ ୧୧ଟାରେ ନରସିଂହପୁର ଛକରେ ଥିବା ଏକ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିଥିଲେ। ପରେ ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାର ଆରାଧ୍ୟ ଦେବି ମାଁ ତାରା ତାରିଣୀ ମନ୍ଦିରରେ ପହଞ୍ଚି ସେଠାରୁ ମା'ଙ୍କୁ ପୂଜା ଅର୍ଚ୍ଚନା କରି (୯ ପୃଷ୍ଠାରେ)

## ବିଶ୍ୱଭୂଷଣ ଦାସ କାକଟପୁରର କଂଗ୍ରେସ ପ୍ରାର୍ଥୀ

ଭୁବନେଶ୍ୱର, ୩୦।୪ (ସବ୍ୟୁ) : କାକଟପୁର ନିର୍ବାଚନମଣ୍ଡଳି ଲାଗି କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି । ବିଶ୍ୱଭୂଷଣ ଦାସଙ୍କୁ ଦଳ ପ୍ରାର୍ଥୀ କରିଥିବା ଏଆଇସିସି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ପ୍ରକାଶ ପାଇଛି । ବିଜେଡି ଓ ବିଜେପି ଏଠାରେ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି । ଅପରପକ୍ଷରେ କଟକ ଲୋକସଭା ପ୍ରାର୍ଥୀ ଚୟନକୁ ନେଇ କଂଗ୍ରେସରେ ଅସନ୍ତୋଷ ଦେଖାଦେଇଛି । ବିଭୂତି ମିଶ୍ରଙ୍କୁ ଲୋକସଭା (୯ ପୃଷ୍ଠାରେ)

## କୋଭିସିଲ୍ଡ ଟିକାରେ ବିରଳ ପାର୍ଶ୍ୱପ୍ରତିକ୍ରିୟା

ନୂଆଦିଲ୍ଲୀ, ୩୦।୪ : କରୋନା ସମୟରେ ଆଷ୍ଟ୍ରାଜେନିକ୍ ଦ୍ୱାରା ପ୍ରସ୍ତୁତ ଟିକା 'କୋଭିସିଲ୍ଡ'ର ପାର୍ଶ୍ୱ ପ୍ରତିକ୍ରିୟା ରହିଛି ବୋଲି ଖୋଦ୍ କମ୍ପାନୀ ଆମେରିକାର ଏକ କୋର୍ଟରେ ସ୍ୱୀକାର କରିଛି । ଏହି ଟିକା ନେଇଥିବା ବ୍ୟକ୍ତିଙ୍କ ନିକଟରେ ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ପାଟ୍‌ଲେଟ୍ ହ୍ରାସ ପାଉଛି ଓ ରକ୍ତ ଜମାଟ ବାନ୍ଧୁଛି । ଏହା ଫଳରେ ବ୍ରେନ୍ ଷ୍ଟ୍ରୋକ୍ ଓ ହୃଦ୍‌ଘାତ ଭଳି ସମସ୍ୟା ଦେଖିବାକୁ ମିଳୁଛି ।

କରୋନା ସମୟରେ କୋଭିସିଲ୍ଡକୁ ନେଇ ସରକାର ଅନେକ ପ୍ରଚାର କରିଥିଲେ । ଏପରିକି ମାଗଣାରେ ଟିକା ଦିଆଯାଉଛି ବୋଲି ଜୋରଦାର ପ୍ରଚାର କରାଯାଇଥିଲା । ମାତ୍ର ଏହି ଟିକା ଏବେ ସୁରକ୍ଷିତ ହୋଇନଥିବା ଜଣାପଡିବା ପରେ ଲୋକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି । ଆଷ୍ଟ୍ରାଜେନିକ୍ ଭ୍ୟାକ୍ସିନ୍‌କୁ ପୁନା ସ୍ଥିତ ସେରମ୍ (୯ ପୃଷ୍ଠାରେ)

## ଅଡୁଆ ବଢ଼ିବା ପରେ ରେଭାନ୍ନା ଜେଡିଏସ୍‌ରୁ ନିଲମ୍ବିତ

ନୂଆଦିଲ୍ଲୀ, ୩୦।୪ : ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କୁ ନେଇ ଏବେ ଅଡୁଆରେ ପଡିଛି ଏନ୍‌ଡିଏ । ବିଜେପି ସହ ଜେଡିଏସ୍ କର୍ଣ୍ଣାଟକରେ ମେଣ୍ଟ କରିଥିଲା ଓ ପୂର୍ବ ପ୍ରଧାନମନ୍ତ୍ରୀ ଦେବଗୌଡା ନାତିକୁ କର୍ଣ୍ଣାଟକର ହାସନ ନିର୍ବାଚନମଣ୍ଡଳିରୁ ପ୍ରାର୍ଥୀ କରିଥିଲା । ମାତ୍ର ତାଙ୍କ ନାମରେ ଅଶ୍ଳୀଳ ଭିଡିଓ ଭାଇରାଲ ହେବାପରେ ବିଜେପି ଓ ଜେଡିଏସ୍ ପାଇଁ ଅଡୁଆ ବଢ଼ିଛି । ଏହାକୁ ସାମାନ୍ୟ ପ୍ରଶମିତ କରିବା ପାଇଁ ଜେଡିଏସ୍ ପ୍ରଜ୍ୱଳଙ୍କୁ ଦଳରୁ ନିଲମ୍ବନ କରିଛି । ତେବେ ପ୍ରଜ୍ୱଳ ଦେଶ ଛାଡି ଚାଲିଯାଇଥିବା ନେଇ ଚର୍ଚ୍ଚା ହେଉଛି । ଯାହାକୁ ଏବେ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡିକ ମୁଖ୍ୟ ପ୍ରସଙ୍ଗ କରିଛନ୍ତି ।

କର୍ଣ୍ଣାଟକର ହେବଳି ଠାରେ ଜେଡିଏସ୍‌ର କୋର୍ କମିଟି ବସିଥିଲା । ବୈଠକରେ ପ୍ରଜ୍ୱଳଙ୍କୁ ନିଲମ୍ବନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରଜ୍ୱଳଙ୍କ ଭିଡିଓକୁ (୯ ପୃଷ୍ଠାରେ)




# ଏଥର ବି ତ୍ରିକୋଣୀୟ ଲଢ଼େଇ

**ସତ୍ୟ ସୁନ୍ଦର ଭଞ୍ଜ**

ନବରଙ୍ଗପୁର, ୩୦।୪ : ଅବିଭକ୍ତ କୋରାପୁଟ ଜିଲ୍ଲାର ଅନ୍ୟତମ ଆଦିବାସୀ (ସଂରକ୍ଷିତ) ସଂସଦୀୟ କ୍ଷେତ୍ର ହେଉଛି ନବରଙ୍ଗପୁର । ଏହି ସଂସଦୀୟ କ୍ଷେତ୍ର ଅଧିନରେ ୭ ଗୋଟି ବିଧାନସଭା କ୍ଷେତ୍ର ଆସୁଛି ।

### ନବରଙ୍ଗପୁର ଲୋକସଭା ଆସନ





ତନମଧ୍ୟରୁ ନବରଙ୍ଗପୁର, ଡ଼ାବୁଗାଁ, ଉମରକୋଟ, କୋଟପାଡ଼, ଝରିଗାଁ ଓ ମାଲକାନଗିରି ଜିଲ୍ଲାରୁ ମାଲକାନଗିରି ଓ ଚିତ୍ରକୋଣ୍ଡା ଆସନ । କୋଟପାଡ଼ ବିଧାନସଭା କ୍ଷେତ୍ର କୋରାପୁଟ ଜିଲ୍ଲା ଅଧିନରେ ରହିଛି । ଚଳିତ ନିର୍ବାଚନ ପୂର୍ବରୁ ନେତାଙ୍କ ଦଳ ଡ଼ିଆଁ, ଦଳ ଛାଡ଼ିବା ଓ ସଂଖ୍ୟାଧିକ ଆଶାୟୀ ସୃଷ୍ଟି ହେବା ନିର୍ବାଚନ ଗଣିତକୁ ଓଲଟ ପାଲଟ କରିଦେଇଛି । ବିଶେଷ କରି ଦଳ ପରିବର୍ତ୍ତନ ଏବଂ ନୂଆ ନେତାଙ୍କୁ ଟିକେଟ ଦେବା ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ପୁରୁଣା ନେତାଙ୍କୁ ଭାଳେଣିରେ ପକାଇଛି। ବିଳମ୍ବରେ ଟିକେଟ ବଣ୍ଟନ କାର୍ଯ୍ୟ ଶେଷ ହୋଇଥିବା ବେଳେ ଅନେକ ଆଶାୟୀ ଏବେ ବିଦ୍ରୋହୀ ହୋଇଛନ୍ତି । ଏହା ତିନି ପ୍ରମୁଖ ଦଳ କଂଗ୍ରେସ, ବିଜେପି ଓ ବିଜେଡ଼ିରେ ଦେଖାଦେଇଛି । (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



ବିଗ୍‌ବସରେ ମୋତେ ନେପୋ କିଡ୍ ବୋଲି ସମ୍ବୋଧନ କରିଥାଆନ୍ତି । ତେଣୁ ମୁଁ ସେଠି ପ୍ରିୟଙ୍କାଙ୍କ ନାଁ ନେଉନଥିଲି । ମୋ ଆଇଡେଣ୍ଟି ଉପରେ ସେମାନେ ସବୁବେଳେ ପ୍ରଶ୍ନ ଉଠାନ୍ତି ।

ମନ୍ନର ଚୋପ୍ରା ଅଭିନେତ୍ରୀ



ଅମର ସିଂ ଚମକିଲାର ସ୍କ୍ରିନିଂ ସମୟରେ ମୋର ତାଙ୍କ ପ୍ରଥର ସ୍ତ୍ରୀଙ୍କ ପାଇଁ ଡରଥିଲା । କୌଣସି ସିନ୍ କାଳେ ତାଙ୍କୁ କଷ୍ଟ ଦେବ । ହେଲେ ଫିଲ୍ମଟି ତାଙ୍କର ଖୁବ ପସନ୍ଦ ହୋଇଥିଲା ।

ଇମ୍‌ତିଆଜ ଅଲ୍ଲୀ, ଫିଲ୍ମ ମେକର



ମୋ ଇଣ୍ଟନସିପ୍ ସମୟରେ ରଣବୀର, ରାଣୀ, ଅନୁସ୍କାଙ୍କର ସାକ୍ଷାତକାର ବିଷୟରେ ବୁଝୁଥିଲି । ସେମାନଙ୍କର ପ୍ରମୋସନାଲ କାମ ଦେଖିବା ମୋର ଡ୍ୟୁଟି ଥିଲା ।

ପରୀଣିତି ଚୋପ୍ରା, ଅଭିନେତ୍ରୀ

## ଇତିହାସ

୧୮୮୬ – ଆମେରିକାର ସିକାଗୋରେ ଆଠ ଘଣ୍ଟା କାମ କରିବା ପାଇଁ ଶ୍ରମିକଙ୍କ ଅନଶନ ।

୧୯୦୮ – ପ୍ରଫୁଲ୍ଲ ଚାକୀ ମୁଜାଫରନଗର ବୋମା ବିସ୍ଫୋରଣ ଘଟାଇବା ପରେ ନିଜକୁ ଗୁଳି କରି ହତ୍ୟା କରିଥିଲେ ।

୧୯୨୩ – ଭାରତରେ ଶ୍ରମିକ ଦିବସ ପାଳନର ଆରମ୍ଭ ।

୧୯୫୬ – ପୋଲିଓ ଟିକା ଜନସାଧାରଣଙ୍କ ପାଇଁ ଉପଲବ୍ଧ ହୋଇଥିଲା ।

୨୦୦୯ – ସ୍ୱିଡେନ୍‌ରେ ସମଲିଙ୍ଗୀ ବିବାହକୁ ମଞ୍ଜୁରୀ ।

୨୦୧୧ – ଆମେରିକା ଉପରେ ୨୦୦୧ରେ ହୋଇଥିବା ଆକ୍ରମଣର ମାଷ୍ଟର ମାଇଣ୍ଡ ଓସାମା ବିନ୍ ଲାଦେନଙ୍କର ପାକିସ୍ତାନରେ ମୃତ୍ୟୁ ହୋଇଥିବା ସୂଚନା ମିଳିଥିଲା ।

## ଶ୍ରମିକ ଓ ଶ୍ରମକ୍ଷେତ୍ର



କୌଣସି ସମାଜ, ଦେଶ, ସଂସ୍ଥା ଏବଂ ଉଦ୍ୟୋଗରେ ଶ୍ରମିକ, କାରିଗର ଏବଂ ଶ୍ରମଜୀବୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏମାନଙ୍କ ଶ୍ରମଦାନ ପାଇଁ କୌଣସି ଉଦ୍ୟୋଗ ସଫଳ ହୋଇପାରିଥାଏ । ଶ୍ରମିକଙ୍କ ବିନା କୌଣସି ଉଦ୍ୟୋଗ ତିଷ୍ଠି ରହିବା ସମ୍ଭବପର ନୁହେଁ । ଶ୍ରମିକମାନଙ୍କ ଗୁରୁତ୍ୱକୁ ଉପଲବ୍ଧି କରିବା ଏବଂ ସେମାନଙ୍କ କଲ୍ୟାଣ ଦିଗରେ ସାମଗ୍ରୀକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ମାସ ପହିଲାକୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ରୂପେ ପାଳନ କରାଯାଇଥାଏ । ଏହି ଦିବସ ପାଳନର ପରମ୍ପରା ୧ ମେ' ୧୮୮୬ ମସିହାରେ ଆରମ୍ଭ ହୋଇଥିଲା । ୮ଘଣ୍ଟା କାମ କରିବା ଦାବି ନେଇ ଏହି ଦିନ ଆମେରିକାର ଚିକାଗୋ ସହରରେ ଶ୍ରମିକମାନେ ଆନ୍ଦୋଳନ ଚଳାଇଥିବା ସମୟରେ ବୋମା ବିସ୍ଫୋରଣ ଘଟିଥିଲା । ବୋମା ବିସ୍ଫୋରଣକାରୀ ସଂପର୍କରେ ଜଣା ପଡ଼ିନଥିଲେ ବି ପୋଲିସ ଆନ୍ଦୋଳନକାରୀଙ୍କ ଉପରକୁ ଗୁଳି ଚଳାଇଥିଲା । ଏଥିରେ ୭ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣା ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା । ଧୀରେ ଧୀରେ ଶ୍ରମିକଙ୍କୁ ଆଠ ଘଣ୍ଟା କାମ କରାଇବା ନିୟମକୁ ବିଶ୍ୱର ସମସ୍ତ ରାଷ୍ଟ୍ର ଆଇନରେ ପରିଣତ କରିଥିଲେ । ଉକ୍ତ ଘଟଣା ସ୍ମୃତିରେ ପ୍ରତିବର୍ଷ ମେ' ପହିଲାକୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ରୂପେ ପାଳନ କରାଯାଇଥାଏ ।

ଶ୍ରମିକମାନେ ଯୁଗେ ଯୁଗେ ଶ୍ରମଦାନ କରି ସମାଜକୁ ଓ ଏହାର ଅର୍ଥନୀତିକୁ ବଳିଷ୍ଠ କରିଥାନ୍ତି । ସେମାନଙ୍କ ରକ୍ତ ଓ ଝାଳବୁହା ପରିଶ୍ରମରେ ଏ ସମାଜର ବଡ଼ ବଡ଼ କଳକାରଖାନା, ରାସ୍ତାଘାଟ, ବନ୍ଧ ଆଦି ନିର୍ମାଣ ହୋଇଥାଏ । କୋଣାର୍କର ସୂର୍ଯ୍ୟ ମନ୍ଦିର ହେଉ ବା ଲଣ୍ଡନ ଟାୱାର ଅଥବା ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ସମସ୍ତ ସ୍ଥାନରେ ଶ୍ରମିକଙ୍କ କଠିନ ପରିଶ୍ରମର ଉଦାହରଣ ଦେଖିବାକୁ ମିଳିଥାଏ । ସବୁଠି ଶ୍ରମିକମାନଙ୍କ ଅବଦାନ ନିହିତ। ସେପରିସ୍ଥଳେ ଶ୍ରମିକମାନେ କିଭଳି ଅର୍ଥନୈତିକ ସ୍ତରରେ ସବଳ ହୋଇପାରିବେ ଏବଂ ସମାଜରେ ସମ୍ମାନଜନକ ଭାବେ ଜୀବନ ଅତିବାହିତ କରିବା ସହ ପରିବାର ପ୍ରତିପୋଷଣ କରିପାରିବେ ସେଥିଲାଗି ସମସ୍ତେ ଯତ୍ନବାନ ହେବାର ଆବଶ୍ୟକତା ରହିଛି । ଆମ ଦେଶରେ ଶ୍ରମିକଙ୍କ ପାଇଁ ଶ୍ରମିକ କ୍ଷତିପୂରଣ ଆଇନ-୧୯୨୩, ଟ୍ରେଡ଼ ୟୁନିୟନ ଆଇନ-୧୯୨୬, ମଜୁରୀ ପ୍ରଦାନ ଆଇନ-୧୯୪୮, ଇପିଏଫ ସହିତ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାର ସମ୍ପ୍ରତି ଅସଂଗଠିତ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଲାଗି କେତେଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ସ୍ୱାଗତଯୋଗ୍ୟ । ଶ୍ରମିକର ଉନ୍ନତି ହେଲେ ସାମଗ୍ରୀକ ଭାବେ ରାଜ୍ୟ ତଥା ଦେଶର ଉନ୍ନତି ଘଟିବା ସ୍ୱାଭାବିକ ।

ଡ଼ଃ.ଅରୁନ୍ଧତୀ ଦେବୀ

## ହେମୋଫିଲା



ଏହା ଏକ ପ୍ରକାରର ଇନ୍‌ହେରିଟେଡ୍ ବ୍ଲିଡିଂ ଡିଜ୍‌ଇଡର । ଏହି ସମସ୍ୟା ରୋଗୀଙ୍କୁ ବାପା ମାଆଙ୍କ ଠାରୁ ଆସିଥାଏ । ଏହି ରୋଗ ହେଲେ ଆମ ଶରୀରରେ ରକ୍ତ ସଠିକ୍ ଢଙ୍ଗରେ ଜମାଟ ବାନ୍ଧି ନଥାଏ । ତେଣୁ ଯଦି କୌଣସି ସ୍ଥାନରେ କ୍ଷତ ହୁଏ ତେବେ ଏଥିରୁ ରକ୍ତ ବନ୍ଦ ହୋଇ ନଥାଏ । ଆମ ରକ୍ତରେ ଏକାଧୀକ ପ୍ରୋଟିନ ରହିଛି ଯାହା ବ୍ଲଡ୍ କ୍ଲଟ କରିବାରେ ସହାୟକ ହୋଇଥାଏ । ଏହା କାହାକୁ ବି ହୋଇପାରେ । ହେମୋଫିଲିଆ କାରଣରୁ ଅନ୍ୟ ରୋଗ ମଧ୍ୟ ହେବାର ସମ୍ଭାବନା ରହିଛି । ଏହା କାରଣରୁ ଶରୀରରେ ଥିବା ବିଭିନ୍ନ ଜଏଣ୍ଟରେ ବ୍ଲିଡିଂ ହୋଇଥାଏ ଯାହା କ୍ରୋନିକ ଜଏଣ୍ଟ ଡିଜିଜ୍ ଓ ପେନ୍‌ର କାରଣ ହୋଇଥାଏ । ବେଳେବେଳେ ଏହି ସମସ୍ୟାରେ ବ୍ରେନ୍‌ରେ ବ୍ଲିଡିଂ ହୋଇଥାଏ, ଯେଉଁ କାରଣରୁ ଅନେକ ବଡବଡ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଯିବାର ଆଶଙ୍କା ରହିଛି । ବେଳେବେଳେ ଏଥିରେ ଜୀବନପ୍ରତି ମଧ୍ୟ ବିପଦ ରହିଥାଏ । ଯଦି ଏହାର କୌଣସି ଲକ୍ଷଣ ଆପଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

### ଲକ୍ଷଣ

- ଜଏଣ୍ଟ ଯେପରି ଆଣ୍ଠୁ, କହୁଣୀ ଆଦିରେ ଟାଇଟନେସ୍ ରହିବା ।
- ପାଟି ଓ ମାଢିରେ ବ୍ଲିଡିଂ ହେବା ।
- ଛୋଟ ଇଞ୍ଜକସନ୍ ନେଲେ ମଧ ରକ୍ତ ବନ୍ଦ ନହେବା ।
- ଝାଡା କିମ୍ବା ପରିସ୍ରାରେ ରକ୍ତ ପଡିବା ।
- ନାକରୁ ରକ୍ତ ପଡିବା ।




## ସୁଜି ଦୋସା

**ସାମଗ୍ରୀ–** ସୁଜି ଏକକପ୍, ପିଆଜ କଟା ୩ଟି, ଚାଉଳ ଚୁନା ୧କପ, ଅଦା କଟା ଅଳ୍ପ, କାଜୁ ଭଜା ଅଳ୍ପ, କଟା କଞ୍ଚା ଲଙ୍କା, ଜିରା, ଧନିଆ, ଗୋଲମରିଚ ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ସୁଜି, ଚାଉଳ ଗୁଣ୍ଡକୁ ମିଶାଇ ନିଅନ୍ତୁ । ଏହାପରେ ଏହି ମିଶ୍ରଣରେ କିଛି ପାଣି ମିଶାନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ମିଶାଇ ଗୋଳାଇ ନିଅନ୍ତୁ । ଏହି ଆଣକୁ ପାଖାପାଖି ୩ ଘଣ୍ଟା ଘୋଡାଇ ରଖନ୍ତୁ । ଏହାପରେ ଏହି ମିଶ୍ରଣରେ କାଜୁ ଭଜା ଓ ଅଦା ମିଶାଇ ଗୋଳାଇ ନିଅନ୍ତୁ । ଯଦି ପାଣିର ଆବଶ୍ୟକ ରହିଛି ତେବେ ଦେଇ ପାରିବେ । ଏହାପରେ ପ୍ୟାନରେ ଏହି ଆଣକୁ ଢାଳି ଦୋସା ଆକାର ଦିଅନ୍ତୁ । ଏହା ଉପରେ ଅଳ୍ପ ପରିମାଣରେ ପିଆଜ କଟା ଓ କଞ୍ଚା ଲଙ୍କା କଟା ପକାନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଜି ଦୋସା ।



## କଫି ଠାରୁ ରୁହନ୍ତୁ ଦୂରରେ



ଖରାଦିନେ ଖାଇବା ପିଇବା ଉପରେ ବିଶେଷ ଧ୍ୟାନ ଦେବାକୁ ହୋଇଥାଏ । ଏହି ଦିନେ ସବୁବେଳେ ନିଜକୁ ହାଇଡ୍ରେଟ ରଖିବାକୁ ହୋଇଥାଏ, ତେଣୁ ପାଣି ଜାତୀୟ ଖାଦ୍ୟ ଖାଇବାକୁ ହୋଇଥାଏ । ତେବେ ଏହି ଦିନେ କଫି ଠାରୁ ଦୂରରେ ରୁହନ୍ତୁ । କଫି ଆପଣଙ୍କୁ ଖୁବ ଶୀଘ୍ର ଡି ହାଇଡ୍ରେଟ୍ କରିଥାଏ । ସେହିଭଳି ଏହି ଦିନେ କଫି ପିଇବା ଦ୍ୱାରା ନିଦରେ ସମସ୍ୟା ଦେଖିବାକୁ ମିଳିଥାଏ । ଯାହା ଦ୍ୱାରା ଫଟିଗୋ ସମସ୍ୟା ଦେଖିବାକୁ ମିଳିଥାଏ । କଫି ପିଇବା ଦ୍ୱାରା ହାର୍ଟ ରେଟ ବଢିବା ସହିତ ଶରୀରର ତାପମାତ୍ରା ମଧ୍ୟ ବଢିଥାଏ । ସେହିଭଳି ଏହା ଆମ ଶରୀରରେ ଆଙ୍ଗଜାଇଟି ଓ ରେଷ୍ଟଲେସ୍‌ନେସ ବଢାଇଥାଏ । ତେଣୁ ଖରାଦିନେ କଫି ପିଅନ୍ତୁ ନାହିଁ , କଫି ବଦଳରେ ଯେତେ ପାରୁଛନ୍ତି ସେତେ ଥଣ୍ଡା ପାନୀୟ ପିଅନ୍ତୁ । ତରଭୁଜ, ଲସି, ଫଳରସ, ଆଖୁରସ, ଲେମ୍ବୁପାଣି ଆଦି ପିଅନ୍ତୁ । ଦହି ଏହି ଦିନେ ଖୁବ ଉପକାରୀ ହୋଇଥାଏ, ନିଜ ମିଲ୍‌ରେ ଦହି ସାମିଲ କରନ୍ତୁ ।



ପିଣ୍ଟୁ – ଦୁନିଆର ସବୁଠାରୁ ଭଲ ସିଙ୍ଗର କିଏ କହିଲୁ ?
ମଣ୍ଟୁ – ମୁଁ କେମିତି ଜାଣିବି । କୋଇଲି ?
ପିଣ୍ଟୁ – ସବୁଦିନ ତା ସାଙ୍ଗରେ ଶୋଉଚୁ ଜାଣି ନାହୁଁ ।
ମଣ୍ଟୁ – ନା । ତୁ କହ ।
ପିଣ୍ଟୁ – ଦୁନିଆର ସବୁଠାରୁ ଭଲ ସିଙ୍ଗର ହେଉଛି ମଶା ।

ହାଃ ହାଃ

## କୁକ୍କୁଟାସନ



ଏହି ଯୋଗଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍‌ରେ ପଦ୍ମାସନ ପୋଜ୍‌ରେ ବସନ୍ତୁ । ଏହାପରେ ଜଙ୍ଘ ମଧ୍ୟରେ ହାତ ଦୁଇଟିକୁ ପଶାନ୍ତୁ । ବର୍ତ୍ତମାନ ହାତକୁ ତଳେ ଭରା ଦେଇ ଧୀରେ ଧୀରେ ଚଟାଣରୁ ଉପରକୁ ଉଠିବାକୁ ଚେଷ୍ଟା କରନ୍ତୁ । ଏହି ପୋଜ୍‌ରେ କିଛି ସମୟ ରହି ପୁନଶ୍ଚ ପୂର୍ବାବସ୍ଥାକୁ ଫେରିଆସନ୍ତୁ ।

### ଉପକାର

* ରକ୍ତ ସଞ୍ଚାଳନକୁ ଉନ୍ନତ କରିବ ।
* ପାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବ ।
* ବାଲାନ୍ସ ଓ ଷ୍ଟାବିଲିଟି କ୍ଷମତାକୁ ମଜଭୁତ କରିବ ।
* ହୃତପିଣ୍ଡକୁ ସୁସ୍ଥ ରଖିବ ।

## ୪ ବର୍ଷ ପରେ ବି ରହିଛି କ୍ରେଜ



ଆଲିଆଙ୍କ ଅଭିନୀତ ଫିଲ୍ମ ଗଙ୍ଗୁବାଇ କାଠିଆବାଡିର କ୍ରେଜ ଆଜି ମଧ୍ୟ ରହିଛି । ଫିଲ୍ମଟି ୨୦୨୦ରେ ସ୍କ୍ରିନ୍‌କୁ ଆସଥିଲା । ଏଥିରେ ଆଲିଙ୍କର ଅଭିନୟ ଦର୍ଶକଙ୍କୁ ବେଶ୍ ଭଲ ଲାଗିଥିଲା । ଏଥିରେ ଆଲିଆଙ୍କ ସହିତ ଅଜୟ ଦେବଗନ, ଶାନ୍ତନୁ ମାହେଶ୍ୱରୀ, ବିଜୟ ରାଜ ଆଦି ସ୍କ୍ରିନ୍ ସେୟାର କରିଥିଲେ । ଏହି ଫିଲ୍ମକୁ ଅନେକ ଆୱାର୍ଡ ମିଳିଛି । ଆଲିଆଙ୍କୁ ନ୍ୟାସନାଲ ଫିଲ୍ ଆୱାର୍ଡ ମଧ ଏହି ଫିଲ୍ମ ପାଇଁ ମିଳିଛି । ତେବେ ଏହି ଫିଲ୍ମର ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଛି । ଆଲିଆଙ୍କର ଏହି ଫିଲ୍ମର ପ୍ରିମିୟର ଆମେରିକାର ଥିଏଟରରେ ହେବାକୁ ଯାଉଛି । ଫିଲ୍ମର ନିର୍ଦ୍ଦେଶକ ସଞ୍ଜୟ ଲିଲା ଭଂସାଲୀଙ୍କ ଉପସ୍ଥିତିରେ ଏଲ୍‌ଏର ଏହି ଥିଏଟରରେ ଫିଲ୍ମଟି ପ୍ରଦର୍ଶିତ ହେବ । ଆମେରିକାର ସିନେମାଥେକ୍ୟୁସ୍ ଏରୋ ଥିଏଟରରେ ଏହି ରିଲିଜ୍ କରାଯାଇଛି । ଏହି ଥିଏଟର ଆଗରେ ଭଂସାଲୀଙ୍କ ନାଁ ସହିତ ଫିଲ୍ମର ନାଁ ମଧ ଲେଖାଯାଇଥିବା ଦେଖିବାକୁ ମିଳିଛି । ଆଲିଆଙ୍କ ଫ୍ୟାନ ଏହି ପୋଷ୍ଟଟି ଦେଖିବାପରେ ବେଶ୍ ଉତ୍ସୁକ ଅଛନ୍ତି । ବିଦେଶରେ ମଧ ନିଜ ଷ୍ଟାରଙ୍କ କ୍ରେଜ ଦେଖି ସମସ୍ତେ ଖୁବ ଖୁସି ଅଛନ୍ତି । ଫିଲ୍ମଟିକୁ ରିଲିଜ୍ ହେବାର ଏତେ ବର୍ଷ ବିତି ଯାଇଥିଲେ ମଧ ଫିଲ୍ମ ପ୍ରତି ସମସ୍ତଙ୍କର ଥିବା ଆଗ୍ରହ ଫିଲ୍ମଟିର କାହାଣୀ ଓ ଅଭିନୟ କେତେ ଭଲ ଥିଲା ତାହାକୁ ସୂଚାଉଛି ।

## ମୋହନା, ଚିକିଟିରେ ପାଣ୍ଡିଆନଙ୍କ ଜୋରଦାର ପ୍ରଚାର

ଭୁବନେଶ୍ୱର,(ସବ୍ୟୁ) : ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଦଳ ପାଇଁ ତୋଫାନୀ ଗସ୍ତ କରି ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା ଓ କୋରାପୁଟ ପରେ ଆଜି ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି । ଆଜି ସେ ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଜପତି ଜିଲ୍ଲାର ମୋହନା ଓ ଗଞ୍ଜାମ ଜିଲ୍ଲାର ଚିକିଟି ବିଧାନସଭା ଅଞ୍ଚଳ ଗସ୍ତ କରି ଦଳୀୟ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ମୋହନା ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗୋ ଓ ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପଦେବଙ୍କୁ ରେକର୍ଡ ମାର୍ଜିନରେ ଭୋଟ ଦେଇ ଜିତେଇବାକୁ ଆହ୍ୱାନ ଦେଇଛନ୍ତି । ୯୫ ପ୍ରତିଶତ ଭୋଟ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିପୁଳ ବିଜୟ ହାସଲ କରିବାକୁ ନିବେଦନ କରିଛନ୍ତି ।

ଆଜି ମଧ୍ୟ ଶ୍ରୀ ପାଣ୍ଡିଆନ ବିରୋଧୀ ଦଳଙ୍କ ପ୍ରତି ଶାଣିତ ନିଶାଣ କରି କହିଥିଲେ ଯେ ଜେଲ୍ ଯାଇ ବେଲ୍ରେ ଆସିଥିବା ବ୍ୟକ୍ତିଙ୍କୁ ଆମେ ଜେଲ ପଠାଇବା, ସଂସଦକୁ ନୁହେଁ । ଅପରାଧୀ ମାନଙ୍କ ପାଇଁ ସବୁଠାରୁ ଭଲ ସ୍ଥାନ ହେଉଛି ଜେଲ୍ । କିନ୍ତୁ ବିରୋଧୀ ତାଙ୍କୁ ପ୍ରାର୍ଥୀ କରୁଛନ୍ତି । ଆମେ ତାଙ୍କୁ ତାଙ୍କର ଉଚିତ ସ୍ଥାନ ଦେଖାଇବା । ବିରୋଧୀ ସବୁବେଳେ ବଡ ବଡ କଥା କହିଥାନ୍ତି ବୋଲି ମତ ଦେଇ ସେ କହିଥିଲେ ଯେ କିନ୍ତୁ କାମ ବେଳକୁ ତାଙ୍କର ଦେଖା ନ ଥାଏଛ ଖୋଜିଲେ ବି ପାଇବେନି । ଏଭଳି ଲୋକଙ୍କ ଠାରୁ ଦୂରରେ ରୁହନ୍ତୁ । ବିରୋଧୀ ବାରମ୍ବାର ଡବଲ ଇଞ୍ଜିନ କଥା କହୁଛନ୍ତି । କିନ୍ତୁ ଗରିବ ଲୋକଙ୍କୁ ଭତ୍ତା ଦେଲା ବେଳକୁ ଦେଉଛନ୍ତି ମାତ୍ର ୩୦୦ ଟଙ୍କାଛ ଓଡିଶାରେ ନବୀନ ଇଞ୍ଜିନ ଦେଉଛି ୧୦୦୦ ଟଙ୍କା ।

ଚିକିଟିରେ ଦଳର ବରିଷ୍ଠ ନେତ୍ରୀ ଉଷା ଦେବୀଙ୍କୁ ସମ୍ମାନ ଜଣାଇ ସେ କହିଥିଲେ ଯେ ତାଙ୍କ ସହିତ ଗଭୀର ସଂପର୍କ ରହିଛି । ୧୫-୧୬ ବର୍ଷ ହେଲାଣି ମୁଁ ତାଙ୍କୁ ଜାଣିଛି । ସେ ମୋତେ ପୁଅ ବୋଲି ସମ୍ବୋଧନ କରନ୍ତିଛ ତାଙ୍କ ପ୍ରତି ମୋର ବହୁତ ସମ୍ମାନ ରହିଛି ବୋଲି ସେ କହିଥିଲେ ।

# ବିରୋଧୀଙ୍କ କଥା ବଡ, କାମ ଶୂନ



ଦଳୀୟ କର୍ମୀମାନଙ୍କୁ ସତର୍କ କରି ସେ କହିଥିଲେ ଯେ ଆପଣମାନେ ସଜାଗ ରୁହନ୍ତୁ । ବିରୋଧୀ ପ୍ରାର୍ଥୀମାନେ ଆସୁଛନ୍ତି ଆଉ ଲୋକଙ୍କୁ ମିଛ କହି ଠକୁଛନ୍ତି, ତେଣୁ ଆପଣମାନେ ସତର୍କ ରୁହନ୍ତୁଛ ଆସନ୍ତୁ, ଆମେ ସମସ୍ତେ ମିଶି ଭଲ କାମ କରିବା, ଓଡିଶାକୁ ଆଗେଇ ନେବା । ଐତିହ୍ୟ ସ୍ଥଳ ରୂପାନ୍ତର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ସେ କହିଲେ ଯେ ମୁଖ୍ୟମନ୍ତ୍ରୀ ସବୁ ସମାଜକୁ ଭଲ ପାଆନ୍ତି, ଆପଣଙ୍କ ବ୍ୟକ୍ତିଗତ ଧାର୍ମିକ ବିଶ୍ୱାସକୁ ସମ୍ମାନ ଦିଅନ୍ତି । ତେଣୁ ମଠ ମନ୍ଦିର ଚର୍ଚ୍ଚ ମସଜିଦ୍ ଗୁରୁଦ୍ୱାର - ସବୁ ପୂଜାସ୍ଥଳୀର ଉନ୍ନତି ପାଇଁ ସେ କାମ କରିଛନ୍ତି । ମା ମାନଙ୍କୁ ମୁଖ୍ୟମନ୍ତ୍ରୀ ସବୁବେଳେ ସର୍ବାଧିକ ଗୁରୁତ୍ୱ ଦେଇଥାନ୍ତି । ସେମାନଙ୍କ ପାଇଁ ମିଶନ ଶକ୍ତି କାର୍ଯ୍ୟକ୍ରମ, ମମତା, ବିନା ସୁଧରେ ଋଣ, ମା ମାନଙ୍କୁ ବୁଲାଇ ଗସ୍ତରେ ପଠାଇବା ଆଦି ଅନେକ କାମ କରିଛନ୍ତି । ସମାଜରେ ମା ମାନଙ୍କୁ ନୂଆ ପରିଚୟ ଦେଇଛନ୍ତି । ଘରର ମୁଖିଆ ଭାବରେ ମୁଖ୍ୟମନ୍ତ୍ରୀ ଗରିବଙ୍କୁ ସାହସ ଦେଇଛନ୍ତି, ସେମାନଙ୍କ ପାଇଁ ଇଗରଡ଼ କରିଛନ୍ତି । ଗରିବ ଲୋକର ଚିକିତ୍ସା ଚିନ୍ତା ଦୂର କରିଛନ୍ତି । ସେମାନେ ଆଜି ବଡ ବଡ ବେସରକାରୀ ହସ୍ପିଟାଲରେ ବିନା ଚିନ୍ତାରେ ଚିକିତ୍ସା ପାଉଛନ୍ତି । ପିଲାଙ୍କ ଭବିଷ୍ୟତ ପାଇଁ ସେ ହାଇସ୍କୁଲ ରୂପାନ୍ତର କରିଛନ୍ତି । ୮୦୦୦ରୁ ଅଧିକ ହାଇସ୍କୁଲର ରୂପାନ୍ତର ହୋଇଛି । ଜନଜାତି ପିଲାଙ୍କ ପାଇଁ ହଷ୍ଟେଲ, ଅନ୍ୱେଷା ଭଳି କାର୍ଯ୍ୟକ୍ରମ କରିଛନ୍ତି । ଆମ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଏକମାତ୍ର ନେତା ଯିଏ ଆମକୁ ଲୋକଙ୍କ ପାଇଁ କଣ କାମ କରିଛ, ତାର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଥାନ୍ତି । ତେଣୁ ଆଜି ମୁଁ ଆପଣଙ୍କ ଅଞ୍ଚଳରେ ବିକାଶ କାମର ପୁରା ହିସାବ ଦେବି ।ଆପଣମାନଙ୍କ ଅନୁରୋଧ କ୍ରମେ ମୋହନାରେ ୧୮୦ କୋଟି ଟଙ୍କାର କାମ ଚାଲିଛି ।

**ଜେଲ୍ ଯାଇ ଜାମିନରେ ଆସିଥିବା ବ୍ୟକ୍ତିର ସ୍ଥାନ ସଂସଦ ନୁହେଁ**
**ମୁଖ୍ୟମନ୍ତ୍ରୀ ସବୁ ସମାଜକୁ ଭଲ ପାଆନ୍ତି**
**ବିରୋଧୀ ପ୍ରାର୍ଥୀମାନେ ଆସୁଛନ୍ତି, ଲୋକଙ୍କୁ ଠକୁଛନ୍ତି**

ସେହିପରି ଚିକିଟିରେ ୪୫ କୋଟି ଟଙ୍କାର କାମ ଚାଲିଛି ବୋଲି ସେ କହିଥିଲେ । ଏଥିସହିତ ଭୈରବୀ ଚଇଁଡ଼ା ମନ୍ଦିର ପାଇଁ ୧ କୋଟି ୯୫ ଲକ୍ଷ ଟଙ୍କା, ବାଳକୁମାରୀ ମନ୍ଦିର ପାଇଁ ୧ କୋଟି ୯୦ ଲକ୍ଷ, ରାମାୟାପାଟଣା ଠାରେ ତଟ ସୁରକ୍ଷା ପାଇଁ ୨୩ କୋଟି ଟଙ୍କା, ପାତ୍ରପୁର ଓ ଚିକିଟି ବ୍ଲକକୁ ଭାଘଲଟି ଡ୍ୟାମ୍ରୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ପାଇଁ ୪୦୦ କୋଟିଟଙ୍କାର କାମ ଚାଲିଛି ବୋଲି ସେ କହିଥିଲେ । ବିଏସ୍କେୱାଇରେ ଚିକିଟି ଅଞ୍ଚଳର ୬୧ ହଜାର ହିତାଧିକାରୀ ସାମିଲ ହୋଇଛନ୍ତି ଏବଂ ଚିକିଟିର କେ ଚିନାମା ଏବଂ ପାତ୍ରପୁର ଅଞ୍ଚଳର ତପସ୍ୱିନୀ ପଣ୍ଡା ଏହି ଯୋଜନାରେ ୧୦ ଲକ୍ଷ ଟଙ୍କା ଲେଖାଏ ପାଇ ଚିକିତ୍ସିତ ହୋଇଛନ୍ତି ବୋଲି ସେ କହିଥିଲେ ।

## କାମ୍ପାକୋଲା ପାଇଁ ଆରସିପିଏଲର ନୂତନ ଅଭିଯାନ

ଭୁବନେଶ୍ୱର (ସବ୍ୟୁ), କାମ୍ପାକୋଲା ବ୍ରାଣ୍ଡ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ (ଆରସିପିଏଲ) ର ଅଂଶ । ଏହି ଅଭିଯାନ ଶୁଭାରମ୍ଭ ଅବସରରେ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ ର ସିଓଓ କେତନ ମୋଦି କହିଛନ୍ତି, ଏହି ଅଭିଯାନ ଭାରତୀୟମାନଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଗୁଣବତ୍ତା ସମ୍ପନ୍ନ ଉତ୍ପାଦ ଯୋଗାଇବା ଦିଗରେ ଆମର ଯାତ୍ରାର ପ୍ରଥମ ପଦକ୍ଷେପ । ପ୍ରଖ୍ୟାତ ଲେଖକ ଓ ଆଡ୍ ଗୁରୁ ପ୍ରସୂନ୍ ଯୋଶୀ ଅଭିଯାନ ଶୁଭାରମ୍ଭରେ ଖୁସି ବ୍ୟକ୍ତ ଏହି ନୂତନ ସୃଜନଶୀଳତା ସହିତ ବ୍ରାଣ୍ଡ କାମ୍ପା ଏକ ନୂତନ ଉଦୀୟମାନ ଭାରତ ସହିତ ସମତାଳରେ ରହିବାକୁ ଲକ୍ଷ୍ୟ ରଖିଛି ଯାହା ନୂତନ ଅନ୍ୱେଷଣ କରିବା ପାଇଁ ଆତ୍ମବିଶ୍ୱାସୀ ଏବଂ ବ୍ୟଗ୍ର ରହିଛି ।

## ସ୍ତ୍ରୀକୁ ବୟଫ୍ରେଣ୍ଡ ସହ ଦେଖି ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସ୍ତ୍ରୀକୁ ବୟଫ୍ରେଣ୍ଡ ସହ ବୁଲେଟ୍ରେ ଯାଉଥିବା ଦେଖି ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିବା ସ୍ୱାମୀକୁ ଗିରଫ କରିଛି ଇନ୍ଫୋସିଟି ଥାନା ପୋଲିସ୍ । ବିଡ଼ିଏ କଲୋନୀ ଅଞ୍ଚଳରେ ରହୁଥିବା ଅଭିଯୋଗକାରିଣୀଙ୍କୁ ଅଭିଯୁକ୍ତ ସ୍ୱାମୀ ସିଦ୍ଧାର୍ଥ ତ୍ରିପାଠୀ (୩୧) ୨୦୧୬ ମସିହାରୁ ଭଲ ପାଇ ଆସୁଥିଲେ । ୨୦୨୩ ମସିହାରେ ସର୍ବସମ୍ମତିକ୍ରମେ ଉଭୟଙ୍କ ବିବାହ ହୋଇଥିଲା । ବିବାହ ପରେ ସ୍ୱାମୀଙ୍କ ପରିବାର ଅଧିକ ଯୌତୁକ ଦାବି କରି ଅଭିଯୋଗକାରିଣୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ । ନିର୍ଯାତନା ସହି ନପାରି ସେ ବାପଘରେ ରହୁଛନ୍ତି । ଚଳିତମାସ ୨୫ ତାରିଖ ସନ୍ଧ୍ୟାବେଳେ ଅଭିଯୋଗକାରିଣୀ ବୟଫ୍ରେଣ୍ଡଙ୍କ ସହ ବୁଲେଟ୍ରେ ଘରକୁ ଫେରୁଥିଲେ । ତାଙ୍କୁ ପିଛାକରି ଆସୁଥିବା ସ୍ୱାମୀ ସିଦ୍ଧାର୍ଥ ତ୍ରିପାଠୀ ଇନ୍ଫୋସିଟି ଛକ ନିକଟ ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ତାଙ୍କ ବୁଲେଟ୍କୁ ପଛପାଖରୁ ଆସୁଥିବା ସ୍କୁଟରରେ ଧକ୍କା ଦେଇଥିଲେ । ସେ ଦୁହେଁ ତଳେ ପଡ଼ିଯିବା ପରେ ସିଦ୍ଧାର୍ଥ ସ୍ତ୍ରୀର ତଣ୍ଟିକୁ ଚିପି ତାଙ୍କୁ ଜୀବନରେ ମାରିଦେବାକୁ ପ୍ରୟାସ କରିଥିଲେ ବୋଲି ଏତଲାରେ ଦର୍ଶାଇଥିଲେ ପୀଡ଼ିତା ।

## ବିଜେଡ଼ିରେ ଯୋଗଦେଲେ ମୋହନାର ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ



ଭୁବନେଶ୍ୱର (ସବ୍ୟୁ): ମୋହନା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ ମଙ୍ଗଳବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବାସନ୍ତୀ ମଲ୍ଲିକଙ୍କ ଯୋଗଦାନ ଫଳରେ ବିଶେଷ କରି ମୋହନା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପିରୁ ଇସ୍ତଫା ଦେଲେ କାଳୁ ଖଣ୍ଡାୟତରାୟଙ୍କ ସମେତ ଶତାଧିକ କର୍ମୀ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ଭାଜପା ରୁ ଟିକେଟ କଟିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କାଳୁଚରଣ ଖଣ୍ଡାୟତରାୟ । ଆଜି ନୂଆବସଷ୍ଟାଣ୍ଡସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ସାମ୍ବାଦିକ ସମ୍ମିଳନୀ ଡାକି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ବର୍ଷିଛନ୍ତି କାଳୁ । ମୋ ଭାବନା ଓ ଆବେଗକୁ ପଛପଟୁ ଅପରାଜିତା ଛୁରୀ ମାରିଛନ୍ତି । ୧୦ବର୍ଷ ଦଳ ପାଇଁ ସମୟ ଦେଇଥିବା ବେଳେ ୧୦ଦିନ ତଳେ ଯୋଗଦେଇଥିବା ଜଣେ ଦାଗୀ, ଅପରାଧିଙ୍କୁ ଟିକେଟ ଦେଇଛନ୍ତି ଅପରାଜିତା । ରାଜ୍ୟ ସଭାପତି ୪୮ ଘଣ୍ଟା ସମୟ ମାଗି ମୋ ସହ ଖେଳୁଛନ୍ତି । ମୋ ସହ ଶହେରୁ ଉର୍ଦ୍ଧ୍ୱ ଦଳୀୟ




କର୍ମୀ ସମୂହ ଇସ୍ତଫା ଦେଇଛନ୍ତି । ସମର୍ଥକ ଙ୍କ ନିଷ୍ପତି କ୍ରମେ ମୁଁ ସ୍ୱାଧିନ ଭାବେ ଲଢ଼ିବି ।

ଦଳ ଭିତରେ ଅପରାଜିତାଙ୍କ ଦ୍ୱାରା ଉପେକ୍ଷିତ ହୋଇଥିବା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଖଣ୍ଡେଇତରାୟ ୨୦୧୯ ନିର୍ବାଚନରେ ୭୪ହଜାର ୫ଶହ ରୁ ଉର୍ଦ୍ଧ୍ୱ ଭୋଟ ପାଇଥିଲେ । କିନ୍ତୁ ନିର୍ବାଚନ ସମୟରେ ଦଳ ତାଙ୍କ ପ୍ରତି କରିଥିବା ବେଇମାନି ଆଜି ତାଙ୍କୁ ତାଙ୍କ ପରିବାର ଓ ସମର୍ଥକଙ୍କୁ କଷ୍ଟ ଦେଇଥିବା ସେ ପ୍ରକାଶ କରିଛନ୍ତି । ତେଣୁ ସେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଶ୍ରୀ ଖଣ୍ଡେଇତରାୟଙ୍କ ସମେତ ବଡ଼ପୋଖରିଆ ମଣ୍ଡଳ ସଭାପତି ବିପିନ ପାଲଟାସିଂହ, ନିରାକାରପୁର ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ଦକ୍ଷିଣ ମଣ୍ଡଳ ସଭାପତି ସୀତାରାମ ରାଉତରାୟ, ନିର୍ବାଚନ ମଣ୍ଡଳୀ ସଂଯୋଜକ କିଶୋର ଚନ୍ଦ୍ର ବରାଳ, ନଗର ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସ, ଉପସଭାପତି ତ୍ରିନାଥ ମହାପାତ୍ର, ସାଧାରଣ ସମ୍ପାଦକ ଅଭିମନ୍ୟୁ ଘଟୁଆଳ, ଓବିସି ମୋର୍ଚ୍ଚା ସଭାପତି ଜିତେନ୍ଦ୍ର ବେହେରା, ରଜତ ରଞ୍ଜନ ଶର୍ମା, ବଦ୍ରି ନାରାୟଣ ଦାଶ ଶହେ ରୁ ଉର୍ଦ୍ଧ୍ୱ ଆଗଧାଡ଼ି ର କାର୍ଯ୍ୟକର୍ତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି ।



## ଅଙ୍ଗନବାଡ଼ି, ଆଶା, ମିଶନ ଶକ୍ତି ମହିଳାଙ୍କ ବିରୋଧରେ ବିଜେପିର ଅଭିଯୋଗ ଭିତ୍ତିହୀନ

# ସିଇଓଙ୍କୁ ବିଜେପି ବିରୁଦ୍ଧରେ ଫେରାଦ ହେଲା ବିଜେଡି



ଭୁବନେଶ୍ୱର, (ସବ୍ୟୁ) : ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ମିଶନ ଶକ୍ତି ମା'ମାନଙ୍କୁ ନିର୍ବାଚନରେ ଧମକାଉଛନ୍ତି ବିଜେପି ନେତା ବୋଲି ବିଜେଡି ଅଭିଯୋଗ କରିଛି । ଏ ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି ।

ବିଜେଡି ଉଲ୍ଲେଖ କରିଛି ଯେ କୋଭିଡ୍ ସମୟରେ ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ମିଶନ ଶକ୍ତି ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଏମାନଙ୍କ ପ୍ରମୁଖ ଭୂମିକା ରହିଥିଲା । ମହିଳା ସଶକ୍ତିକରଣ ପ୍ରତୀକ ହେଉଛନ୍ତି ଆଶା, ଅଙ୍ଗନୱାଡି ଓ ମିଶନ ଶକ୍ତି ମା'ମାନେ । ତେବେ ସେମାନଙ୍କ ବିରୋଧରେ ବିଜେପି ଭିତ୍ତିହୀନ ଅଭିଯୋଗ ଆଣୁଛି । ଆଶା, ଅଙ୍ଗନୱାଡି ଓ ମିଶନ ମହିଳାମାନଙ୍କୁ ବିଜେପି ନେତାମାନେ ଧମକାଉଥିବା ବିଜେଡି ଅଭିଯୋଗ କରିଛି । ଉକ୍ତ ଘଟଣା ତଦନ୍ତ କରିବା ସହ ବିଜେପି ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ର ପ୍ରଦାନ କରିଛି ବିଜେଡି ।

ସେହିଭଳି ନିମାପଡା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ପ୍ରଭାତୀ ପରିଡା ଶିଶୁଙ୍କୁ ବ୍ୟବହାର ନେଇ ବିଜେଡି ଅଭିଯୋଗ ଆଣିଛି । ନିର୍ବାଚନ ରାଲିରେ ପିଲାମାନଙ୍କୁ ବ୍ୟବହାର କରାଯାଉଥିବା କୁହାଯାଇଛି । ଯାହାଦ୍ୱାରା ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ହେଉଛି । ତୁରନ୍ତ ଉକ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛି ବିଜେଡି । ଏହି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର ଓ ସୁଲତା ଦେଓଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

# କୋଟିଏରୁ ଊର୍ଦ୍ଧ୍ୱ ଠକେଇ: ସାନଭାଇ ଗିରଫ, ବଡ଼ଭାଇ ଫେରାର୍

ଭୁବନେଶ୍ୱର, (ସବ୍ୟୁ) : ମୋଟା ଅଙ୍କର ସୁଧ ଦେବା ପ୍ରତିଶ୍ରୁତିରେ ବିଭିନ୍ନ ଲୋକଙ୍କ ଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିବା ଜଣେ ଅଭିଯୁକ୍ତଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । କିଛିବର୍ଷ ପୂର୍ବେ ଅଭିଯୋଗକାରୀ ରଶ୍ମିରଞ୍ଜନ ଧଳ ଜଣେ ମିଚ୍ୟୁଆଲ୍ ଫଣ୍ଡରେ ଏକ୍ସପର୍ଟଙ୍କ ନିକଟକୁ ଯାଇଥିଲେ । ସେଠାରେ ଅଭିଯୁକ୍ତ ରାଜୁ ଓରଫ ରାଜେଶ କୁମାର ନାୟକ (୩୪)ଙ୍କ ସହ ଦେଖା ହୋଇଥିଲା । ଅଭିଯୁକ୍ତର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଭଲ ଚିହ୍ନା ଥିବା ଦର୍ଶାଇ ମିଚ୍ୟୁଆଲ ଫଣ୍ଡ ଏକ୍ସପର୍ଟ ଏତଲାକାରୀଙ୍କୁ ଚିହ୍ନା କରାଇଥିଲେ । ତାଙ୍କୁ ଟଙ୍କା ସୁଧକୁ ଦେଲେ ସେ ଭଲ ସୁଧ ଦେବା ସହ ଟଙ୍କା ଫେରାଇବେ ବୋଲି ଏକ୍ସପର୍ଟ କହିଥିଲେ । ଅଭିଯୁକ୍ତ ରାଜେଶ ଅଭିଯୋଗକାରୀଙ୍କୁ ନେଇ ଅନ୍ୟ ଜଣେ ଅଭିଯୁକ୍ତ ତାଙ୍କ ବଡ଼ଭାଇ ରାକେଶ ନାୟକଙ୍କ ସହ ସାକ୍ଷାତ କରାଇଥିଲେ । ରାକେଶ ଜଣେ ଅନ୍‌ଲାଇନ୍ ଟ୍ରେଡିଂ ଏକ୍ସପର୍ଟ ବୋଲି ରାଜେଶ୍ କହିଥିଲେ । ଉଭୟ ଅଭିଯୁକ୍ତଙ୍କ ସହ କଥାହେବା ପରେ ଅଭିଯୋଗକାରୀ ପ୍ରଥମେ ତାଙ୍କୁ ୧୫ ଲକ୍ଷ ଟଙ୍କା ଦେଇଥିଲେ । ଉଭୟ ଅଭିଯୁକ୍ତ ଅଭିଯୋଗକାରୀଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ତାଙ୍କୁ ମାସଶେଷରେ ୪ ଲକ୍ଷ ଟଙ୍କା ଫେରାଇଥିଲେ । ଏହା ଦେଖି ଅଭିଯୋଗକାରୀଙ୍କ ମନରେ ସେମାନଙ୍କ ପ୍ରତି ବିଶ୍ୱାସ ବଢ଼ିଥିଲା । ସେମାନଙ୍କୁ ପୁଣି ୨୮ ଲକ୍ଷ ଟଙ୍କା ଦେବାସହ ଆଉ ୧୫ ଲକ୍ଷ ଟଙ୍କା ଜଣେ ବନ୍ଧୁର ମା'ଙ୍କ ଆକାଉଣ୍ଟରୁ ଏବଂ ୩୮ ଲକ୍ଷ ଟଙ୍କା ନଗଦ ଆକାରରେ ଦେଇଥିଲେ । ଏହିପରି ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଦେବାପରେ ଉଭୟ ଅଭିଯୁକ୍ତ ଅଭିଯୋଗକାରୀଙ୍କ ନିକଟରୁ ୮୧ ଲକ୍ଷ ଟଙ୍କା ନେଇଥିଲେ । ସେଥିରୁ ମାତ୍ର ୧୪ ଲକ୍ଷ ୯୩ ହଜାର ୬୩୦ ଟଙ୍କା ଫେରସ୍ତ କରିଥିଲେ । ବାକି ଟଙ୍କା ଫେରସ୍ତ ଲାଗି ଏକ ଚେକ୍ ଦେଇଥିଲେ । ସେହି ଚେକ୍ ବ୍ୟାଙ୍କରେ ଲଗାଇବା ପରେ ତାହା ବାଉନ୍ସ ହୋଇଯାଇଥିଲା । ଟଙ୍କା ଫେରସ୍ତ ଲାଗି ଉଭୟ ଅଭିଯୁକ୍ତ ଦିନ ପରେ ଦିନ ଗଡ଼ାଇ ଚାଲିଲେ । ଯାହାଫଳରେ ରଶ୍ମିରଞ୍ଜନଙ୍କ ମନରେ ସନ୍ଦେହ ସୃଷ୍ଟି ହେଲା । ବାଧ ହୋଇ ସେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କଲେ । ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିବା ସହ ସାନଭାଇ ରାଜେଶକୁ ଗିରଫ କରିଥିବାବେଳେ ବଡ଼ଭାଇ ଫେରାର୍ ଅଛି । ଦୁଇଭାଇଙ୍କ ଘର ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳରେ ହୋଇଥିବାବେଳେ ଦୁହେଁ ସୁନ୍ଦରପଦା ହାଇଟେକ୍ ପ୍ଲାଜାରେ ରୁହନ୍ତି । କେବଳ ରଶ୍ମିରଞ୍ଜନଙ୍କ ଠାରୁ ନୁହେଁ, ଅନ୍ୟଜଣେ ମହିଳାଙ୍କ କହିବାନୁଯାୟୀ ତାଙ୍କଠାରୁ ମଧ୍ୟ ମୋଟାଅଙ୍କର ସୁଧ ଦେବା ପ୍ରତିଶ୍ରୁତିରେ କୋଟିଏ ପାଖାପାଖି ଟଙ୍କା ନେଇଛନ୍ତି । ତାଙ୍କୁ ଟ୍ରାନ୍ସପୋର୍ଟ ଓ ଟ୍ରାଭେଲ ବ୍ୟବସାୟ ଥିବା କହିଥିଲେ । ବ୍ୟବସାୟରେ ଟଙ୍କା ବିନିଯୋଗ କରିବା ପାଇଁ ସୁଧକୁ ଟଙ୍କା ନେଉଛନ୍ତି ବୋଲି କହିଥିଲେ । ପରେ ତାଙ୍କର ଜଣେ ପୋଲିସ ଅଫିସର ଥିବା ସମ୍ପର୍କୀୟ ସେହି ମହିଳାଙ୍କୁ ମଧ୍ୟ ଟଙ୍କା ଫେରସ୍ତ ସମ୍ପର୍କରେ ବୁଝାସୁଝା କରିଥିଲେ । ପୋଲିସ ଅଫିସର ଆମ ସମ୍ପର୍କୀୟ ହୋଇଥିବାରୁ ଟଙ୍କା ନଫେରାଇଲେ ତମେ ଆମର କିଛି କରିପାରିବ ନାହିଁ ବୋଲି ଧମକାଇଥିବା ସେହି ମହିଳା କହିଛନ୍ତି ।

## ଗୃହମନ୍ତ୍ରୀଙ୍କ ଫେକ୍ ଭିଡିଓ ନେଇ ବିଜେଡି ନେତାଙ୍କ ମନ୍ତବ୍ୟ

# ଆଦିବାସୀଙ୍କ ଜମି ଛଡାଇନେବା ପାଇଁ ଓଡ଼ିଶା ସରକାର କ୍ୟାବିନେଟ୍ ନିଷ୍ପତ୍ତି ନେଇଥିଲେ କି ନାହିଁ? : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ରାଜ୍ୟ ସରକାର ଆଦିବାସୀ ବିରୋଧୀ ସରକାର । ଦଳିତ ଓ ପଛୁଆ ଜାତି ବିରୋଧୀ ସରକାର । ଆଦିବାସୀ ମାନଙ୍କର ଜମି ବିକ୍ରି ହୋଇପାରିବ ନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ଅଛି । ମାତ୍ର ଆଦିବାସୀଙ୍କ ଜମିକୁ ଛଡାଇ ସେମାନଙ୍କୁ ତଳିତଳାନ୍ତ କରିବା ପାଇଁ ହୀନ ଚକ୍ରାନ୍ତ କିଏ କରିଥିଲେ ? ଆଦିବାସୀଙ୍କ ଜମି ବିକ୍ରି କରିବା ପାଇଁ ଓଡ଼ିଶା ସରକାର କ୍ୟାବିନେଟ୍ ନିଷ୍ପତି ନେଇନଥିଲେ କି ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ନିର୍ବାଚନ ପ୍ରଚାର ବେଳେ ନବରଙ୍ଗପୁର ବିଜେଡିର ଲୋକସଭା ପ୍ରାର୍ଥୀ ପ୍ରଦୀପ



ମାଝୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଫେକ୍ ଭିଡିଓ ଆଧାରରେ ମନ୍ତବ୍ୟ ଦେଇଛନ୍ତି । ଉକ୍ତ ଭିଡିଓ ନକଲି ବୋଲି ପ୍ରମାଣିତ ହୋଇ ସାରିଥିବା ବେଳେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ନାଁରେ ମାମଲା ରୁଜୁ ହୋଇସାରିଛି । ନିର୍ବାଚନ ପ୍ରଚାର ସମୟରେ ଅପପ୍ରଚାର କରିବା, ମିଛର ସାହାରା ନେବା ବିଜେଡିର ଅଭ୍ୟାସ । ଶ୍ରୀ ମାଝୀ ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପରେ ଏପରି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ । ତାଙ୍କର ଏପରି ବୟାନ ଗଣମାଧମରେ ଘୁରିବୁଲୁଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିବେଦନ, ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ଦେଶର ଗୃହମନ୍ତ୍ରୀଙ୍କ ଉପରେ ଏପରି ଅପପ୍ରଚାର ଗ୍ରହଣୀୟ ନୁହେଁ । ଏହାକୁ ବିଜେପି ପକ୍ଷରୁ କୋଠର ଶବ୍ଦରେ ନିନ୍ଦା କରାଯାଉଛି । ଖୁବ ଶୀଘ୍ର ବିଜେପିର ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରରେ ମୁଖ୍ୟ ର୍ନିବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେବା ସହ ଦାବି ପତ୍ର ଦେବେ ଏବଂ ଥାନାରେ ଏତଲା ଦାୟର ମଧ କରାଯିବ । ଆଦିବାସୀଙ୍କ ଜମି ବିକିବା ପାଇଁ କିଏ କ୍ୟାବିନେଟ୍ ନିଷ୍ପତ୍ତି କରିଥିଲା ? ପୁଞ୍ଜିପତିଙ୍କୁ ଦେବା ପାଇଁ ଗତବର୍ଷ ଆଦିବାସୀଙ୍କ ଜମି ବିକ୍ରି କରିବା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ନିଆଯାଇଥିଲା କି ନାହିଁ ? ପୁଣି ଅଦିବାସୀଙ୍କ ଚାପରେ କ୍ୟାବିନେଟ୍ ନିଷ୍ପତି ବଦଳାଇ ନଥିଲେ କି ?

# ପ୍ରାର୍ଥୀପତ୍ର ଦାଖଲ କଲେ ସୁଶାନ୍ତ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଲାଗି ବିଜେଡ଼ି ପ୍ରାର୍ଥୀ ସୁଶାନ୍ତ ରାଉତ ମଙ୍ଗଳବାର ନାମାଙ୍କନ ଦାଖଲ କରିଛନ୍ତି । ନିଜର ଶତାଧିକ ସମର୍ଥକଙ୍କ ସହ ଏକ ବିଶାଳ ଶୋଭାଯାତ୍ରାରେ ଆସି ସେ ଭୁବନେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଶୋଭାଯାତ୍ରାରେ ଉତ୍ତର ନିର୍ବାଚନମଣ୍ଡଳୀର ବହୁ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ । ବିଭିନ୍ନ ୱାର୍ଡର କର୍ପୋରେଟରଙ୍କ ସମେତ ଶତାଧିକ ସମର୍ଥକ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଭୁବନେଶ୍ୱରର ୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ଉତ୍ତର ନିର୍ବାଚନମଣ୍ଡଳୀ ଲାଗି ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ ହୋଇଛି । ଭୁବନେଶ୍ୱର ମଧ୍ୟ ଓ ଏକାମ୍ର ବିଜେଡି ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିନାହାଁନ୍ତି । ୨୦୧୯ରେ ସୁଶାନ୍ତ ରାଉତ ଭୁବନେଶ୍ୱର ଉତ୍ତର ଆସନରୁ ବିଜେଡି ପ୍ରାର୍ଥୀ ଭାବେ ପ୍ରଥମ ଥର ଲାଗି ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । ୨୦୨୪ରେ ଦଳ ପୁଣି ତାଙ୍କୁ ଭରସା କରିଛି ।

## ପ୍ରଣବ ପ୍ରକାଶଙ୍କ ନାମାଙ୍କନପତ୍ର ଦାଖଲ

# ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ(ବବି) ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହା ପୂର୍ବରୁ ସେ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ । ପରେ ନିଜ ଦଳୀୟ ସମର୍ଥକଙ୍କ ଗହଣରେ ବାଲିବନ୍ଧା ଛକରୁ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଥିଲେ । ସେ ଜିଲ୍ଲାପାଳ ତଥା ରିଟର୍ଣ୍ଣିଙ୍ଗ ଅଫିସର ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନିକଟରେ ୪ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ଅବସରରେ ପ୍ରଣବ ପ୍ରକାଶ କହିଥିଲେ ଯେ, ମାଁ ସମଲେଶ୍ୱରୀଙ୍କ ଡୋରୀ ଲାଗିବାରୁ ମୁଁ ଏ ମାଟିର ସେବା କରିବା ପାଇଁ ଆସିଛି । ମୁଖ୍ୟମନ୍ତ୍ରୀ ମତେ ସମ୍ବଲପୁର ପଠାଇଛନ୍ତି । ମାଁଙ୍କ ଆଶୀର୍ବାଦ ରହିଛି । ନିଶ୍ଚୟ ଜୟଯୁକ୍ତ ହେବୁ ଏବଂ ସମୃଦ୍ଧ ସମ୍ବଲପୁର ଗଢିବା ଦିଗରେ କାମ କରିବୁ ବୋଲି କହିଥିଲେ । ସମଲେଇ ମନ୍ଦିର ଦର୍ଶନ ପରେ ଜେଲ ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ନାମାଙ୍କନ



ପତ୍ର ଦାଖଲ ପାଇଁ ବାଲିବନ୍ଧାରୁ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଏକ ଶୋଭାଯାତ୍ରା ବାହାରିଥିଲା । ପାରମ୍ପରିକ ଦୁଲଦୁଲି ବାଜା ଓ ସାଂସ୍କୃତିକ ଦଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବିଭିନ୍ନ ସ୍ଥାନରେ ଲୋକେ ପୁଷ୍ପବର୍ଷା କରି ସ୍ୱାଗତ ଜଣାଇଥିଲେ । ଶୋଭାଯାତ୍ରା କୁଞ୍ଜେଲପଡା, ଝାଡୁଆପଡା, ନନ୍ଦପଡା, ହାଟପଡା, ଦଲେଇପଡା ଓ ମ୍ୟୁନସିପାଲଟି ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଶୋଭାଯାତ୍ରା ସମୟରେ ବାଟରେ ଅଟକି ଉଭୟ ନେତା ପ୍ରସିଦ୍ଧ ସରସତିଆ ଖାଇଥିଲେ। ଝାଡୁଆପଡା ସ୍ଥିତ ବ୍ରହ୍ମପୁରା ମନ୍ଦିର ଯାଇ ଦର୍ଶନ କରିଥିଲେ । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ବବିଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ମୁଁ ନିଶ୍ଚିତ ଯେ, ଏହି ନିର୍ବାଚନରେ ତୁମେ ନିଶ୍ଚୟ ଜିତିବ। ଏହି ଶୁଭେଚ୍ଛା ବାର୍ତ୍ତା ପରେ ବିଜେଡି କର୍ମୀଙ୍କ ମନୋବଳ ବୃଦ୍ଧି ପାଇଛି । ସୂଚନା ଯୋଗ୍ୟ, ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ପୂର୍ବତନ ବିରୋଧୀ ଦଳ ନେତା ସ୍ୱର୍ଗତ ଅଶୋକ ଦାସଙ୍କର ପୁଅ । ସେ ୨୦୦୯ ମସିହାରୁ ଲଗାତାର ତିନି ଥର ଯାଜପୁର ବିଧାନସଭାରୁ ବିଜୟୀ ହୋଇଛନ୍ତି । ନବୀନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ସମର୍ପିତ କରିଛନ୍ତି । ଚଳିତ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେଡ଼ି ପକ୍ଷରୁ ଲଢେଇ କରୁଛନ୍ତି । ବିଜେପିରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କଂଗ୍ରେସରୁ ନଗେନ୍ଦ୍ର ପ୍ରଧାନ ମଇଦାନକୁ ଓହ୍ଲାଇଛନ୍ତି । ତେବେ ସମ୍ବଲପୁରରେ ହାଇଭୋଲଟେଜ ଲଢେଇ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି । ଏହି ଶୋଭାଯାତ୍ରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୁମୁଦିନୀ ନାଏକ, ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଓ ସଞ୍ଜୟ ବାବୁ, ପୂର୍ବତନ ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସ, ଦେବେନ୍ ପତି, ଶୋଭାରାମ ପ୍ରଧାନ, ରାଜେନ୍ଦ୍ର ଛତ୍ରିଆ, ସିଦ୍ଧାର୍ଥ ସାହା, ନଳିନୀ ପ୍ରଧାନ, ସୌଭାଗ୍ୟ ନାୟକ, ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ସିପ୍ରା ମହାନ୍ତି, ଗୋକୁଳ ମେହେର, ପ୍ରମିଳା ବହିଦାର, ବନ୍ଦିତା ମିଶ୍ର, ସୁବାସ ଜେନା, ମିଳନ ହୋତା ଓ ସତ୍ୟନାରାୟଣ ଅଗ୍ରୱାଲ ସାମିଲ ଥିଲେ ।

# ବଳାତ୍କାରୀକୁ ୨୦ ବର୍ଷ ସଜା

ଭୁବନେଶ୍ୱର, (ସବ୍ୟୁ) : ନାବାଳିକା ବଳାତ୍କାରୀ ରମ୍‌ଜାନ୍ ଖାନ୍‌କୁ ଭୁବନେଶ୍ୱର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ୨୦ ବର୍ଷ ସଜା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଧାର୍ଯ୍ୟ କରିଛନ୍ତି ସ୍ପେଶାଲ କୋର୍ଟ ବିଚାରପତି ଏସ୍‌କେ ସାହୁ । ଜୋରିମାନା ଅନାଦେୟ ହେଲେ ଅଧିକ ଦୁଇମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ନିର୍ଦ୍ଦେଶରେ କୁହାଯାଇଛି ।

ଅଭିଯୋଗକାରିଣୀ ଡୁମୁଡୁମା ହାଉସିଂବୋର୍ଡ କଲୋନୀରେ ରୁହନ୍ତି । ଗତ ୨୦୧୮ ମସିହା ନଭେମ୍ବର ୨୬ ତାରିଖ ଦିନ ସକାଳ ୬ଟା ୪୫ ବେଳେ ତାଙ୍କର ନାବାଳିକା ଝିଅ ସ୍କୁଲକୁ ଯିବା ଲାଗି ଘର ସମ୍ମୁଖସ୍ଥ ମୁଖ୍ୟ ଫାଟକ ନିକଟରେ ଅଟୋକୁ ଅପେକ୍ଷା କରିଥିଲେ । ଏହି ସମୟରେ ବୁଲି ବୁଲି ଖେଳନା ବିକ୍ରି କରୁଥିବା ଅଭିଯୁକ୍ତ ରମ୍‌ଜାନ୍ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ଖେଳନା କିଣିବାକୁ କହିଥିଲେ । ପୀଡ଼ିତା ଖେଳନା କିଣିବା ପାଇଁ ମନା କରିଥିଲେ । ନିକଟରେ କେହି ନଥିବା ସୁଯୋଗ ଉଣ୍ଡି ଅଭିଯୁକ୍ତ ରମ୍‌ଜାନ୍ ଖାନ୍ ପୀଡ଼ିତାଙ୍କ ପାଟିକୁ ହାତରେ ଚାପି ଧରି ତାଙ୍କୁ ବଳପୂର୍ବକ ବଳାତ୍କାର କରିଥିଲେ । ଏହି ସମୟରେ ଜଣେ ବ୍ୟକ୍ତି ଏହା ଦେଖି ଘଟଣାସ୍ଥଳକୁ ଆସି ଅଭିଯୁକ୍ତ କବଳରୁ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହିତ ଅଭିଯୋଗକାରିଣୀ ମା'ଙ୍କୁ ସମସ୍ତ ଘଟଣା ବିଷୟରେ କହିଥିଲେ । ପୀଡ଼ିତାଙ୍କ ମା' ପିସିଆର୍‌କୁ ଫୋନ୍ କରି ଡାକିବା ସହିତ ଖଣ୍ଡଗିରି ଥାନାରେ ଏତଲା କରିଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ୩୪୧, ୩୫୪-ବି, ୩୭୬-ଏବି ଓ ୪୪୭ ଆଇପିସିରେ ମାମଲା ରୁଜୁ କରି ରମ୍‌ଜାନ୍‌କୁ ପୋଲିସ ୨୦୧୮ ମସିହାରେ କୋର୍ଟ ଚାଲାଣ କରିଥିଲା । ସେହି ମାମଲାର ବିଚାର କରି ବିଚାରପତି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି ।

# ୯ ନଂ ୱାର୍ଡ଼ ରେ ଜୋରଦାର ପ୍ରଚାର କଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ

କଟକ (ସବ୍ୟୁ) ବାରବାଟୀ – କଟକ ବିଧାନସଭା ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସୋଫିଆ ଫିର୍ଦୋଷଙ୍କୁ ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢିବା ନିମନ୍ତେ ଦଳ ଘୋଷଣା କରିବା ପରେ ମଙ୍ଗଳବାର ପୂର୍ବାହ୍ନରେ ବିଧାୟକ ତଥା ତାଙ୍କର ପିତା ମହମ୍ମଦ ମୋକିମଙ୍କ ସହିତ କଟକ ସହରର ୱାର୍ଡ ନଂ-୦୯ ଅଞ୍ଚଳର ଷ୍ଟୁଆର୍ଟ ପାଟଣା, ବାଉରିସାହି, ଖ୍ରୀଷ୍ଟିଆନ ସାହି,ତୁଳସୀପୁର, ସେଲ୍ଟର ଛକ ଆଦି ଅଞ୍ଚଳ ଘରକୁ ଘର ବୁଲି ଭୋଟରଙ୍କୁ ଭେଟିଥିଲେ । ୱାର୍ଡ ଅଞ୍ଚଳର ବିଭିନ୍ନ ପୂଜା କମିଟି ମୁରବିମାନେ ବିଧାୟକ ମୋକିମଙ୍କୁ ସ୍ୱାଗତ ଜଣାଇବା ସହ ସୋଫିଆ ଫିର୍ଦୋଷଙ୍କୁ ଆଶୀର୍ବାଦ ଦେଇଥିଲେ । ଜନସାଧାରଣଙ୍କ ପ୍ରବଳ



ସ୍ନେହ ଶ୍ରଦ୍ଧା ଓ ସମର୍ଥନ ପାଇଁ ସେ ଅଭିଭୂତ ହୋଇଯାଇଥିଲେ । ଯୁବ ନେତ୍ରୀଙ୍କୁ ଦଳ ଗୁରୁ ଦେଇ ତାଙ୍କୁ କଟକ ସହରର ପ୍ରାର୍ଥିନୀ କରି ଥିବାରୁ ସେ କଟକ ସହରର ମୌଳିକ ସମସ୍ୟା ପ୍ରତି ଯତ୍ନବାନ ହେବା ସହିତ ଯୁବକ, ମହିଳାଙ୍କର ବିକାଶ ପାଇଁ ଗୁରୁତ୍ୱ ଦେବେ ବୋଲି ଭୋଟରଙ୍କୁ ପ୍ରତିଶୃତି ଦେଇଥିଲେ ।

## ବେଦାନ୍ତ ଆଲୁମିନିୟମ ବାଳିକାମାନଙ୍କ

# ସଶକ୍ତିକରଣ ଲାଗି ବେଲପାହାଡ଼ରେ ପ୍ରକଳ୍ପ ପଂଛି ପଦକ୍ଷେପକୁ ବିସ୍ତାର କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉଦ୍ୟୋଗ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ବେଲପାହାଡ଼ର ଲଖନପୁର ବ୍ଲକରେ ପ୍ରକଳ୍ପ ପଂଛି ପଦକ୍ଷେପର ବିସ୍ତାର କରିଛି। ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ



ଅନୀଲ ଅଗ୍ରୱାଲଙ୍କ ଦିଗଦର୍ଶନରେ ଏହି କାର୍ଯ୍ୟକ୍ରମରେ ଭାରତର ଆର୍ଥିକ ଦୁର୍ବଳ ଶ୍ରେଣୀର ୧୦୦୦ ବାଳିକାଙ୍କୁ ବିଭିନ୍ନ ବ୍ୟବସାୟରେ ନିଯୁକ୍ତି ଦେବା ହେଉଛି ପ୍ରକଳ୍ପ ପଂଛିର ଆଭିମୁଖ୍ୟ।

ଏହି ପଦକ୍ଷେପ ବାଳିକାମାନଙ୍କ ଶିକ୍ଷା ତଥା ନିଯୁକ୍ତି ଆବଶ୍ୟକତାକୁ ସମାଧାନ କରିବା ଦିଗରେ ଧ୍ୟାନ ଦେଇଥାଏ । ସେମାନଙ୍କୁ ଉଚ୍ଚ ଶିକ୍ଷା ସମାପ୍ତ କରିବା ଲାଗି କମ୍ପାନି ତରଫରୁ ଆର୍ଥିକ ସହାୟତା ଓ ସଫଳତା ପରେ ଏହାର କାର୍ଯ୍ୟରେ ନିଯୋଜିତ କରିବା ଲକ୍ଷ୍ୟକୁ ନେଇ କାର୍ଯ୍ୟ କରୁଛି । ଥରେ ଚୟନ ହେବା ପରେ ପ୍ରାର୍ଥୀମାନଙ୍କୁ ପ୍ରମୁଖ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ପାଇଁ ଚୟନ କରାଯାଏ ଓ ଡିଗ୍ରୀ ପାଠ୍ୟକ୍ରମରେ ସଫଳତା ପରେ ସେମାନଙ୍କୁ ବେଦାନ୍ତର ଗ୍ରାଜୁଏଟ ଟ୍ରେନି ଭାବରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଥାଏ । ସଂପ୍ରତି ଲଖନପୁର ବ୍ଲକରୁ ୧୪ ଜଣ ଝିଅଙ୍କୁ ଚୟନ କରାଯାଇଛି ଓ ଚିନ୍ତାମଣି ପ୍ରଧାନ, ସବଡିଭିଜନାଲ ପୋଲିସ ଅଧିକାରୀ, ବ୍ରଜରାଜନଗରଙ୍କ ଦ୍ୱାରା ସେମାନଙ୍କୁ ଅଫର ଲେଟର ପ୍ରଦାନ କରାଯାଇଥିଲା ଓ ଭି ଶ୍ରୀକାନ୍ତ, ସିଇଓ (ମାଇନ) ବେଦାନ୍ତ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରିଥିଲେ । ବେଦାନ୍ତ ଆଲୁମିନିୟମର ଖଣି ଟିମ ପ୍ରଥମ ବର୍ଷର ଆରମ୍ଭରେ ଛତିଶଗଡ଼ରେ ପ୍ରତିଷ୍ଠିତ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟ ପାଇଁ ପ୍ରକଳ୍ପ ପଂଛିର ପ୍ରାର୍ଥୀମାନଙ୍କୁ ଶିକ୍ଷା ଗ୍ରହଣ ପାଇଁ ପଠାଯାଇଛି । ବର୍ତମାନ ସୁଦ୍ଧା ବେଦାନ୍ତର ଅପରେସନରେ ପ୍ରକଳ୍ପ ପଂଛି ମାଧ୍ୟମରେ ୨୩୦ରୁ ଅଧିକ ବାଳିକାଙ୍କୁ ଚୟନ କରାଯାଇଛି ଯେଉଁ ଥିରେ ଛତିଶଗଡ଼ର କୋରବା, ଲାଞ୍ଜିଗଡ, ଝାରସୁଗୁଡ଼ା,ସୁନ୍ଦରଗଡ଼ ଓ ବେଲପାହାଡ଼ର ପ୍ରାର୍ଥୀମାନେ ରହିଛନ୍ତି ।

# ଡଁସରରେ ଉଦଘାଟନ ହେଲା ଅକ୍ଷୟ ଝର



ଭୁବନେଶ୍ୱର (ସବ୍ୟୁ): କଟକ ଜିଲ୍ଲାର ବାଙ୍କୀ ବ୍ଲକ ଅନର୍ଗତ ଡଁସର ଗ୍ରାମପଞ୍ଚାୟ ବସ୍ ଷ୍ଟାଣ୍ଡ ଠାରେ ଏକ ଥଣ୍ଡା ପାନୀୟ ଭଣ୍ଡାର ଲୋକାର୍ପିତ ହୋଇଛି । ବାଙ୍କୀ ମାଟିର ପୂର୍ବତନ ବିଧାୟକ ସ୍ୱର୍ଗତ ଅକ୍ଷୟ ପଟ୍ଟନାୟକଙ୍କ ସୁପୁତ୍ର ଶ୍ରୀମାନ୍ ଅବିନାଶ ପଟ୍ଟନାୟକ ପଥଚାରୀ ତଥା ଯାତ୍ରୀଙ୍କ ପାଇଁ ଥଣ୍ଡା ଜଳ ଭଣ୍ଡାରଟି ଡଁସର ସବୁଜ ବାହିନୀ ସହଯୋଗରେ ଗ୍ରାମକୁ ଅର୍ପଣ କରିଛନ୍ତି । ଅବିନାଶଙ୍କ ଏଭଳି ବଦାନ୍ୟତା ପାଇଁ ସମସ୍ତଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ବହୁ ଲୋକ ମଧ୍ୟ ଅବିନାଶଙ୍କୁ ଆଶୀର୍ବାଦ କରିବା ସହିତ ଆଗକୁ ଆହୁରି ଅନେକ ଉନ୍ନାୟନ ମୂଳକ କାର୍ଯ୍ୟ କରିବା ପାଇଁ ପ୍ରେରଣା ମଧ୍ୟ ଦେଇଛନ୍ତି । ଅବିନାଶ କହିଛନ୍ତି, ରାଜ୍ୟ ସରକାର ସାରା ରାଜ୍ୟରେ ବହୁ ଉନ୍ନୟନ ଲୋକାଭିମୂଖି କାର୍ଯ୍ୟ କରିଛନ୍ତି । ମୁଁ ବ୍ୟକ୍ତିଗତ ଭାବେ ଅନୁଭବ କରିଛି, ଯଦି ବ୍ୟକ୍ତିଗତ ସ୍ତରରେ ନିଜ ନିଜର ଶକ୍ତି ଓ ସାମର୍ଥ୍ୟ ମୁତାବକ ଆମେ ମାନେ ବିକାଶ କାମରେ ହାତ ବାଇବା, ତାହେଲେ ଆମ ଅଞ୍ଚଳର ଉନ୍ନତୀ ହେବା ସହ ଜନସାଧାରଣ ଉପକୃତ ହୋଇପାରିବେ । ପାନୀୟ ଜଳ ଭଣ୍ଡାର ଲୋକାର୍ପଣ କାର୍ଯ୍ୟରେ ସ୍ୱର୍ଗତ ବିଧାୟକ ଅକ୍ଷୟ ପଟ୍ଟନାୟକଙ୍କ ପତ୍ନୀ ଓ ପୁଅ ଅବିନାଶ ଉପସ୍ଥିତ ଥିଲେ ।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର

# ଚତୁର୍ଥ ତ୍ରୈମାସରେ ନେଟ୍ ଲାଭ ୧,୨୧୮ କୋଟିରୁ ଅଧିକ

ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏହାର ଚତୁର୍ଥ ତ୍ରୈମାସରେ ଶତକଡା ୪୫ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୧,୨୧୮ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି। ବ୍ୟାଙ୍କର ନେଟ୍ ସୁଧ ଆୟ ଓ ଅଣ-ସୁଧ ଆୟରେ ବୃଦ୍ଧି ଏବଂ ନିମ୍ନତମ ଟ୍ୟାକ୍ସ ବ୍ୟବସ୍ଥା ଦ୍ୱାରା ଏହି ଅଭିବୃଦ୍ଧି ସମ୍ଭବ ହୋଇପାରିଛି । ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୪ ରେ ପ୍ରତି ଇକ୍ୟୁଟୀ ଶେୟାର ପାଇଁ ୧.୪୦ ର ଲାଭାଂଶ ଘୋଷଣା କରିଥିବା ସହ ଆର୍ଥିକ ବର୍ଷ ୨୦୨୫ ରେ ଇକ୍ୟୁଟୀ ଇସୁ୍ୟ କରିବା ସହ ୭,୫୦୦ କୋଟିର ପୁଞ୍ଜି ବୃଦ୍ଧି ପାଇଁ ଅନୁମତି ପ୍ରଦାନ କରିଛି । ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଧୁ ସକ୍ସେନା କହିଛନ୍ତି ଯେ ବ୍ୟାଙ୍କ ଲଗାତାର୧୫ଟି ତ୍ରୈମାସ ଧରି ଲାଭପ୍ରଦ ରହିଥିବା ସହ ନିଜର ଅଭିବୃଦ୍ଧି ବଜାୟ ରଖିପାରିଛି। ବ୍ୟାଙ୍କର ନେଟ୍ ସୁଧ ଆୟ ଶତକଡା



୧୮ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୨,୫୮୪ କୋଟି ଟଙ୍କାରେ ପହଞ୍ଚିଛି । ବ୍ୟାଙ୍କର ନେଟ୍ ଇରେଷ୍ଟ ମାର୍ଜିନ୍ (ଏନ୍ଆଇଏମ୍) ଶତକଡା ୩.୯୨ ପ୍ରତିଶତକୁ ବୃଦ୍ଧି ପାଇଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ କିମ୍ବା ଅନାଦେୟ ଋଣ ଶତକଡା ୧.୮୮ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ନେଟ୍ ଏନ୍‌ପିଏ ଶତକଡା ୦.୨୦ ପ୍ରତିଶତକୁ ହ୍ରାସ ପାଇଛି। ବ୍ୟାଙ୍କର ଗ୍ରସ୍ ଅଗ୍ରିମ ଆର୍ଥିକ ବର୍ଷ ୨୦୨୪ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଶତକଡା ୧୬.୩୦ ପ୍ରତିଶତ ବୃଦ୍ଧି ପାଇ ୨,୦୩,୬୬୪ କୋଟି ଟଙ୍କାରେ ପହଞ୍ଚିଛି । ବ୍ୟାଙ୍କର ସମୁଦାୟ ଜମା ଆର୍ଥିକ ବର୍ଷ ୨୦୨୪ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୧୫.୬୬ ପ୍ରତିଶତ ବୃଦ୍ଧି ପାଇ ୨,୭୦,୭୪୭ କୋଟି ଟଙ୍କାରେ ପହଞ୍ଚି ପାରିଛି। ଶ୍ରୀ ସକ୍ସେନା କହିଛନ୍ତି ଯେ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୫ରେ ଅଗ୍ରୀମ ଏବଂ ଜମା ରାଶିରେ ଯଥାକ୍ରମେ ଶତକଡା ୧୬ ରୁ ୨୦ ପ୍ରତିଶତ ଓ ଶତକଡା ୧୨ ରୁ ୧୫ ପ୍ରତିଶତ ବୃଦ୍ଧିର ଆଶା ରଖିଛି।

# ସାନଖେମୁଣ୍ଡି କଂଗ୍ରେସ ବିଧାୟକ ରମେଶ ଜେନାଙ୍କ ପ୍ରାର୍ଥୀପତ୍ର ଦାଖଲ



ବ୍ରହ୍ମପୁର, (ସବ୍ୟୁ): ଆଜି ଗଞ୍ଜାମ ଜିଲ୍ଲାର କଂଗ୍ରେସ ବିଧାନସଭା ଆସନ ସାନଖେମୁଣ୍ଡିରୁ ବିଧାୟକ ପ୍ରାର୍ଥୀ ଭାବେ ବିଧାୟକ ରମେଶ ଚନ୍ଦ୍ର ଜେନା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଧାୟକ ରମେଶ ଚନ୍ଦ୍ର ଜେନା ଆଜି ଗମ୍ଭାରିଗୁଡ଼ା ଗ୍ରାମର ସମସ୍ତ ମନ୍ଦିର କଙ୍କୋରଡ଼ା ଗ୍ରାମର ମାଁ ନାରାୟଣୀଙ୍କ ମନ୍ଦିର ଏବଂ ପଥରପୁଞ୍ଜି ଗ୍ରାମର ମାଁ ଦକ୍ଷିଣକାଳୀଙ୍କୁ ଦର୍ଶନ କରି କଙ୍କୋରଡ଼ା, ପଥରପୁଞ୍ଜି ରମୁଣି ଛକ, ଆଡପୋଡା, ଖଲିଙ୍ଗି ଛକ-ନିସ୍ତିପୁର ଛକ, ବାଲିପୋଡ଼ା, ଦକ୍ଷିଣପୁର ଦେଇ ବ୍ରହ୍ମପୁର ଫାଷ୍ଟଗେଟ, ଆସ୍କା ରୋଡ, ଟାଟା ବେଞ୍ଚ ଛକ, କମାପଲ୍ଲୀ ଓ ବାଇପାସ ଦେଇ ଛତ୍ରପୁର-ଜିଲ୍ଲାପାଳ କାର୍ଯ୍ୟାଳୟରେ ସାନଖେମୁଣ୍ଡି ବିଧାନସଭା ପ୍ରାର୍ଥୀ ରୂପେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାନଖେମୁଣ୍ଡି କଂଗ୍ରେସ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ଜେନା, ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଓ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ସଭାପତି ଦୀପକ ପଟ୍ଟନାୟକଙ୍କ ସହ ବ୍ରହ୍ମପୁର ନଗର ପରିକ୍ରମା କରି ହଜାର ହଜାର ସମର୍ଥକଙ୍କ ଗହଣରେ ଛତ୍ରପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ ସମର୍ଥକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ତଥା ବିଧାୟକ ପ୍ରାର୍ଥୀ ପିତା ଅରକ୍ଷିତ ଜେନାଙ୍କ ସମେତ ହଜାର ହଜାର ସମର୍ଥକଙ୍କ ଗହଣରେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ବ୍ରହ୍ମପୁର ସହରରେ ସମେତ ଛତ୍ରପୁର ପୂର୍ବରୁ ବାଇପାସ ଉପରେ ହଜାର ହଜାର ସଂଖ୍ୟାରେ ସମର୍ଥକଙ୍କ ଗହଳି ଦେଖିବାକୁ ମିଳୁଛି ।

# ମୟୂରଭଞ୍ଜ ଜିଲ୍ଲା ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତଦାରଖ ସମ୍ପର୍କିତ ବୈଠକ



ବାରିପଦା, (ସବ୍ୟୁ) : ଆସନ୍ତା ମଇ ୨୫ତାରିଖରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ରାଜ୍ୟର ତୃତୀୟ ଏବଂ ଦେଶର ଷଷ୍ଠ ପର୍ଯ୍ୟାୟରେ ମତଦାନ ହେବ ଏବଂ ଜିଲ୍ଲାରେ ସପ୍ତମ ପର୍ଯ୍ୟାୟରେ ଜୁନ ୧ରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ଏବଂ ନିର୍ବାଚନରେ ହେବାକୁ ଥିବା ଖର୍ଚ୍ଚ ବିଷୟରେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆଜି ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଗୃହରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ଏବଂ ରାଜ୍ୟର ବିଭିନ୍ନ ରାଜନୈତିକ ଦଳମାନଙ୍କର ମୁଖପାତ୍ର ଏବଂ ପ୍ରତିନିଧି ମାନେ ଆସି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ସହିତ ଏ ବିଷୟରେ ଆଲୋଚନା କରିଥିଲେ । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନ ପ୍ରଚାରରେ ବ୍ୟବହୃତ ଯାନବାହାନ, ବିଭିନ୍ନ ପ୍ରଚାର ପ୍ରସାର ମାଧ୍ୟମ, ଫଟୋଗ୍ରାଫି, ଭିଡିଓଗ୍ରାଫି ଏହି ସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ଶ୍ରୀ ମହାପାତ୍ର ସମସ୍ତ ରାଜନୈତିକ ଦଳ ଏବଂ ନିର୍ବାଚନରେ ହେବାକୁ ଥିବା ଖର୍ଚ୍ଚର ଅବଧି ଏବଂ ଖର୍ଚ୍ଚର ସଠିକ ହିସାବ ବିଷୟରେ ଏବଂ ପ୍ରଚାରରେ ଲାଗିବାକୁ ଥିବା ସମସ୍ତ ଜିନିଷ ପତ୍ରର ଅନୁକ୍ରମଙ୍କ ବିଷୟରେ ଆଲୋଚନା ହୋଇଥିଲା । ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ଏହି ବୈଠକରେ ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଆଞ୍ଚଳିକ ପରିବହନ ଅଧିକାରୀ, ବିସ୍ୱରାଜ ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ନାଏକ ଓ କୋଷାଧକ୍ଷ ଅଧିକାରୀ ଆର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଶତ ପ୍ରତିଶତ ଭୋଟ ଦାନ ଲାଗି ନିବେଦନ

ବାରିପଦା, (ସବ୍ୟୁ) : ଚଳିତ ୨୦୨୪ ମସିହା ସାଧାରଣ ନିର୍ବାଚନରେ ମୟୂରଭଞ୍ଜବାସୀ ଶତ ପ୍ରତିଶତ ଭୋଟଦେଇ ଉପଯୁକ୍ତ ବିଧାୟକ ଏବଂ ଲୋକସଭା ସଦସ୍ୟ ନିର୍ବାଚିତ କରିବାକୁ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପକ୍ଷରୁ ନିବେଦନ କରାଯାଇଛି। ତତ୍‌ସହିତ ୧୯୫୧ ମସିହା ପ୍ରଥମ ସାଧାରଣ ନିର୍ବାଚନରେ ଦେଶର ଜନସଂଖ୍ୟା ମାତ୍ର ୩୭କୋଟି ଥିବାବେଳେ ଏବେ ତାହା ୧୪୪କୋଟି ପହଞ୍ଚି ସାମୂହିକ ବିକାଶର ବହୁଗୁଣରେ ଆବଶ୍ୟକତା ଅଛି। ୧୯୫୨ ମସିହାରୁ ୧୯୬୯ ମସିହା ପର୍ଯ୍ୟନ୍ତ ଦେଶରେ ଏକସଙ୍ଗେ ବିଧାନସଭା ଏବଂ ଲୋକସଭା ନିର୍ବାଚନ ହୋଇ ସରକାରୀ ଅର୍ଥର ଅଳ୍ପରେ ସଦୁପୋଯୋଗ ହୋଇଥିବା ହେତୁ ଆଗାମୀ ୨୦୨୯ ନିର୍ବାଚନକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ଏକ ସଙ୍ଗେ କରିବା ପାଇଁ ଫୋରମ୍ ଦାବି କରିଛି। ତେବେ ଆଗାମୀ ନିର୍ବାଚନର ଜୁନ୍ ମାସ ୪ତାରିଖ ନିର୍ବାଚନ ଫଳ ପ୍ରକାଶ ପରେ ବାରିପଦା ଷ୍ଟାଡିୟମ ସଭାକକ୍ଷରେ ନିର୍ବାଚିତ ସର୍ବଦଳୀୟ ଲୋକ ପ୍ରତିନିଧି ମାନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଫୋରମ୍ ତରଫରୁ ଏହି ଉତ୍ସବରେ ଜିଲ୍ଲାର ସମସ୍ତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ, ସାମ୍ବାଦିକ ବନ୍ଧୁ ଏବଂ ବିଶିଷ୍ଟ ବୁଦ୍ଧିଜୀବୀ ମାନଙ୍କୁ ମୟୂରଭଞ୍ଜର ସାମୂହିକ ବିକାଶ ଲାଗି ନିମନ୍ତ୍ରଣ କରାଯିବ ବୋଲି ଫୋରମ୍‌ର ଉପସଭାପତି ଆଡ୍. ପ୍ରବୀର କୁମାର ବସା, ସମ୍ପାଦକ ଆଡ୍ ବିପ୍ଳବ କୁମାର ବାରିକ, ଉଦଳା ସଦସ୍ୟ ଆଡ୍ ଲମ୍ବୋଦର ବେହେରା, ବେତନଟୀ ସଦସ୍ୟ ଆଡ୍. ସଚ୍ଚିଦାନନ୍ଦ ମହାନ୍ତି, କରଞ୍ଜିଆ ସଦସ୍ୟ ଆଡ୍. ସଞ୍ଜୟ କୁମାର ସାହୁ, ରାଇରଙ୍ଗପୁର ଆଡ୍. ପ୍ରଦ୍ୟୁମ୍ନ କୁମାର ଲେଙ୍କା ଏବଂ ବଡସାହି ସଦସ୍ୟ ସଚ୍ଚିଦାନନ୍ଦ ବିଶ୍ୱାଳ ପ୍ରମୁଖ ସୂଚନା ଦେଇଛନ୍ତି।

# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଆଶଙ୍କା

ଧରାକୋଟ, (ସବ୍ୟୁ): ଧରାକୋଟ ଥାନା ଅନ୍ତର୍ଗତ ଜଗମୋହନ ଗ୍ରାମର ଭୀମ ସାହୁଙ୍କ ପୁଅ ଭାଲୁ ସାହୁ ୭୦ ବର୍ଷଙ୍କର ଆଜି ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଇଛି । ଜଗମୋହନ ଗ୍ରାମର ଡେରା ସାହିର ଭାଲୁ ସାହୁ ଆଜି ମଧ୍ୟାହ୍ନ ବାର ଘଣ୍ଟା ସମୟରେ ନିକଟସ୍ଥ ଋଷିକୁଲ୍ୟା ନଦୀକୁ ଶୌଚ କାର୍ଯ୍ୟ ପାଇଁ ଯାଇଥିବା ବେଳେ ଅତ୍ୟଧିକ ଖରାର ପ୍ରକୋପ ଯୋଗୁଁ ସେଠି ଟଳି ପଡ଼ିଥିଲେ। ସ୍ନାନ ପାଇଁ ଯାଇଥିବା ଗ୍ରାମର କିଛି ଲୋକ ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଧରାକୋଟ ମେଡ଼ିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପ୍ରକାଶ ଯୋଗ୍ୟ ଗତ କିଛି ଦିନ ହେଲା ଧରାକୋଟ ଅଞ୍ଚଳରେ ତାପମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇବା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଲାଣି ।

# ବାରିପଦା ପୂର୍ବତନ ନଗରପାଳ ରାଜ୍ ଶିବ ନାରାୟଣ କିସ୍କୁଙ୍କ ପରଲୋକ



ବାରିପଦା, (ସବ୍ୟୁ) : ବାରିପଦା ପୌରପରିଷଦର ପୂର୍ବତନ ନଗରପାଳ ରାଜ୍ ଶିବ ନାରାୟଣ କିସ୍କୁଙ୍କ ୪୭ବର୍ଷ ବୟସରେ ଅକାଳ ବିୟୋଗ ହୋଇଯାଇଛି । ଗତ କିଛିଦିନ ଧରି ସେ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ବେଳେ ମଙ୍ଗଳବାର ସକାଳେ ତାଙ୍କର ପରଲୋକ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ବାରିପଦା ସହରରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ମେଳାପୀ, ପରପୋକାରୀ ଓ ମିଷ୍ଟଭାଷୀ ଯୁବକ ଭାବେ ସବୁରୀ ମହଲରେ ପରିଚିତ ଥିଲେ । ରାଜ୍ ଶିବ ନରାୟଣ କିସ୍କୁ ୨୦୦୯ ମସିହାରେ କାଉନ୍‌ସିଲର ଭାବେ ପ୍ରଥମଥର ପାଇଁ ନିର୍ବାଚିତ ହୋଇ ବିଜୁ ଜନତା ଦଳର ପ୍ରଥମ ନଗରପାଳ ଭାବେ ବାରିପଦା ପୌରପରିଷଦ ନଗରପାଳ ପଦ ଅଳଙ୍କୃତ କରିବା ସହ ବାରିପଦା ସହରକୁ ସବୁଜ ସୁନ୍ଦର ଭାବେ ଗଢିତୋଳିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିଲେ । ସେ ୨୦୦୯ ମସିହା ଫେବୃଆରୀ ୧୩ତାରିଖ ରୁ ୨୦୧୪ ମିସହା ଫେବୃଆରୀ ୧୨ତାରିଖ ପର୍ଯ୍ୟନ୍ତ ବାରିପଦା ନଗରପାଳ ଭାବରେ କାର୍ଯ୍ୟ କରିଥିଲେ । ବାରିପଦା ସ୍ଥିତ ତାଙ୍କ ବାସଭବନରେ ମରଶରୀର ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାଧାରଣ ଜନତା ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# ମଦ ଜବତ, ୩ ଗିରଫ

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ଓ ଠାକୁରଗଡ଼ ପୋଲିସ ସୋମବାର ଦିନ ବିଭିନ୍ନ ଗ୍ରାମରେ ଚଢଉ କରି ଚୋରା ଦେଶୀ ମହୁଲି ମଦ ଜବତ କରିଛନ୍ତି । ଏ ନେଇ ୩ ଜଣ ଙ୍କୁ ଗିରଫ କରିଛନ୍ତି । ସେରେଣ୍ଡା ଗ୍ରାମରେ ଚଢଉ କରି ପ୍ରଭାସିନୀ ବେହେରା ଙ୍କ ଘରୁ ୧୫ ଲିଟର ଚୋରା ମଦ ଜବତ କରିଛନ୍ତି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେହି ପରି ସାତପେରେଡିଆ ଗ୍ରାମର ଭକ୍ତଚରଣ ପ୍ରଧାନ ଙ୍କ ଘରୁ ୧୧ ଲିଟର ଚୋରା ମଦ ଜବତ କରାଯାଇଛି । ସେହି ପରି ଠାକୁରଗଡ଼ ପୋଲିସ ପିତାବଳି ବାହଳ ଗ୍ରାମରେ ଚଢଉ କରି ଲୋଚନ ବେହେରାଙ୍କ ଘରୁ ୧୦ ଲିଟର ମଦ ଜବତ କରିବା ସହ ଏମାନଙ୍କୁ ଗିରଫ କରାଯାଇଛି ।

# ଧରାକୋଟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି, ଅସହ୍ୟ ଗୁଳୁଗୁଳି

ଧରାକୋଟ, (ସବ୍ୟୁ): ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ମାତ୍ରାଧିକ ବୃଦ୍ଧି ପାଉଥିବା ବେଳେ ଧରାକୋଟ ଅଞ୍ଚଳ ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ଆଜି ଧରାକୋଟରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁବା ଯୋଗୁଁ ଜନ ଜୀବନ ଏକ ରକମ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । ସକାଳ ନଅ ଘଣ୍ଟା ସମୟରୁ ଖରାର ପ୍ରକୋପ ବୃଦ୍ଧି ପାଇ ବାର ଘଣ୍ଟା ସମୟ ବେଳକୁ ୪୨ ଡିଗ୍ରୀ ଛୁଇଁବା ଯୋଗୁଁ ବଜାର ରାସ୍ତା ଘାଟ ସବୁ ସୁନସାନ ହୋଇଯାଇଥିଲା । ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସବୁ ଜନଶୂନ୍ୟ ହୋଇଯାଇଥିଲା । ପରିସ୍ଥିତି ଏପରି ହୋଇଥିଲା ଜେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ସଠିକ ଭାବରେ କାମ କରୁନଥିବା ଦେଖିବାକୁ ମିଳିଥିଲା। ସଂପ୍ରତି ଖରାର ପ୍ରକୋପ ଦିନକୁ ଦିନ ଅହେତୁକ ଭାବରେ ବଢୁଥିବା ବେଳେ ଧରାକୋଟ ଅଞ୍ଚଳରେ ପିଇବା ପାଣି ସମସ୍ୟା ଉତ୍କଟ ହେଲାଣି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ କୂଅ, ପୋଖରୀ, ବନ୍ଧ, ଗାଡିଆ ସମେତ ବିଭିନ୍ନ ଜଳ ଉତ୍ସ ଗୁଡ଼ିକ ଶୁଖିଲା ପଡିଛି। ମଣିଷ ଠାରୁ ଜୀବ ଜନ୍ତୁ ମାନେ ପିଇବା ପାଣି ପାଇଁ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଣୁ ପଞ୍ଚାୟତ ଓ ପଞ୍ଚାୟତ ସମିତି ତରଫରୁ ଗାଁ ଗଣ୍ଡା ଛକ ବଜାର ରାସ୍ତା ଘାଟ ରେ ପର୍ଯ୍ୟାପ୍ତ ପରିମାଣରେ ଜଳଛତ୍ର ଖୋଲିବା ପାଇଁ ଦାବୀ ହେଉଛି ।

# ପୋଲସରା ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କ ନାମାଙ୍କନ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିନରେ ପୋଲସରା ବିଧାନସଭା ଆସନ ନିମନ୍ତେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ହଜାର ହଜାର ସମର୍ଥକଙ୍କ ସହ ବିରାଟ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲେ । ପରେ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କ ନିକଟରେ ସେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ନବୀନ ପଟ୍ଟନାୟକ ଜିନ୍ଦାବାଦ । ବିଜେଡି ଜିନ୍ଦାବାଦ ନାରାବାଜିରେ କମ୍ପି ଉଠିଥିଲା। ସଦର ମହକୁମା, ବିକାଶ ଓ ନବୀନ ଗ୍ୟାରେଣ୍ଟି ମୁଦା ନେଇ ଲୋକଙ୍କ ପାଖରେ ପହଁଚି ଯୋଡି ଶଙ୍ଖରେ ଭୋଟ ଦେବା କହିବି ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ କହିଥିଲେ ।

# ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ଅଭିଯୋଗ

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ଥାନା ନାକିଚି ଅଞ୍ଚଳର ଏକ ଘରେଇ ମୋବାଇଲ ଟାୱାରରୁ ବେଟେରୀ ଚୋରୀ ହୋଇଥିବା ମୋବାଇଲ ଟାୱାରର କର୍ମଚାରୀ ବିଭୂଦତ୍ତ ସାହୁ ହଣ୍ଡପା ଥାନାରେ ସୋମବାର ଦିନ ଅଭିଯୋଗ କରିଛନ୍ତି । ପୋଲିସ କେସ୍ ନମ୍ବର ୧୬୯/୨୪ ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ କହିଛି ଯେ ଉକ୍ତ ମୋବାଇଲ ଟାୱାରରୁ କେହି ବ୍ୟକ୍ତି ୫ ଟି ବେଟେରୀ ଚୋରୀ କରିନେଇଛନ୍ତି । ଯାହାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ହଣ୍ଡପା ଥାନା ଅଞ୍ଚଳ ରେ ପାଟ୍ରୋଲି କରାଯାଉନଥିବା ଯୋଗୁଁ ବାରମ୍ବାର ମୋବାଇଲ ଟାୱାରରୁ ଚୋରୀ ହେଉଥିବା ନାକିଚି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏଥିପ୍ରତି ଅନୁଗୋଳ ଏସପି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିଜେପିରୁ କନ୍ଧମାଳ ଲୋକସଭା ପାଇଁ ସୁକାନ୍ତ

# ଫୁଲବାଣୀ ବିଧାନସଭା ପାଇଁ ଉମା ଚରଣ ମଲ୍ଲିକଙ୍କ ନାମାଙ୍କନ



ଫୁଲବାଣୀ, (ସବ୍ୟୁ): ଚଳିତ ସାଧାରଣ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ଆଜି କନ୍ଧମାଳ ଲୋକସଭା ପାଇଁ ସୁକାନ୍ତ କୁମାର ପାଣିଗ୍ରାହୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଫୁଲବାଣୀ ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କଲେ ଉମା ଚରଣ ମଲ୍ଲିକ। ଆଜି ଥିଲା ନାମାଙ୍କନ ପତ୍ର ଦାଖଲର ପଞ୍ଚମ ଦିବସ । ବିଜେପି ପକ୍ଷରୁ କନ୍ଧମାଳ ଲୋକସଭା ପ୍ରାର୍ଥୀ ସୁକାନ୍ତ କୁମାର ପାଣିଗ୍ରାହୀ ତାଙ୍କର ହଜାର ହଜାର ସମର୍ଥକ ମାନଙ୍କ ସହ ମୋଦିଜୀଙ୍କ ବିକାଶ ନାରାବାଜି ଦେଇ କନ୍ଧମାଳ ଜିଲ୍ଲାପାଳଙ୍କ ସଭାବନା ଗୃହରେ ଜିଲ୍ଲାପାଳ ଆଶିଷ୍ ଇଶ୍ୱର ପାଟିଲଙ୍କ ଉପସ୍ଥିତରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେହିପରି ଫୁଲବାଣୀ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଆଜି ବିଜେପିର ଫୁଲବାଣୀ ବିଧାନସଭା ପାର୍ଥି ନିମନ୍ତେ ଉମା ଚରଣ ମଲ୍ଲିକ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିସେଶ୍ୱର ଟୁଡୁଙ୍କ, ଫୁଲବାଣୀ ପୌରାଧକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ସମେତ ହଜାର ହଜାର ସମର୍ଥକଙ୍କ ସହ ବାଜା ବାଜଣା ଓ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବଜାରରେ ଭିଡ଼କୁ ଲକ୍ଷ୍ୟ କରି ଲୋକମାନଙ୍କ ମଧ୍ୟରେ ବିଜେପି ପ୍ରତି ଜନସମର୍ଥନ ବୃଦ୍ଧି ପାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ବିଏସପି ଦଳ ପକ୍ଷରୁ ଦୀପାଞ୍ଜଳି କହଁର ମଧ୍ୟ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତେବେ ଆଜିର ପଞ୍ଚମ ଦିବସ ପ୍ରାର୍ଥୀପତ୍ରଦାଖଲ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କ ସୂତ୍ରରୁ ଜଣାପଡିଛି ।

# ବାଲିପଦର ଭାଜପାର ମିଶ୍ରଣ ପର୍ବରେ ମିଶିଲେ ଶହ ଶହ ପୁରୁଷ-ମହିଳା

ବୁଗୁଡ଼ା, (ସବ୍ୟୁ): ଆଗାମୀ ମେ ୨୦ ତାରିଖରେ ଆସ୍କା ଲୋକସଭା ଓ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହେବାକୁ ଯାଉଥିବା ବେଳେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପୋଲସରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ମିଶ୍ରଣ ପର୍ବମାନ ଆୟୋଜନ କରି ଶକ୍ତିଶାଳୀ ହୋଇଉଠୁଥିବା ବେଳେ ଆଜି ପୁଣି ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ବୁଗୁଡା ବ୍ଲକ ବାଲିପଦର ଗ୍ରାମରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ମିଶ୍ରଣ ପର୍ବରେ ସେଠାକାର ନେତା ମହେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବାଲିପଦର ପଞ୍ଚାୟତର ହରିଜନ ସାହିର ଶହ ଶହ ପୁରୁଷ ଓ ମହିଳା ଭାଜପାରେ ସାମିଲ୍ ହୋଇଥିଲେ । ଘୁମୁସର ସାଂଗଠନିକ ଜିଲ୍ଲା ସଭାପତି ତଥା ପୋଲସରା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପ୍ରଦାନ କରି ସ୍ୱାଗତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଘୁମୁସର ସାଂଗଠନିକ ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡା, ବୁଗୁଡ଼ା ବ୍ଲକ୍ ସଂଯୋଜକ ହରେକୃଷ୍ଣ ସାହୁ, ବରିଷ୍ଠ ନେତା ରବିନ୍ଦ୍ର ପରିଡା, ସନ୍ତୋଷ କୁମାର ଭୋଳ ଓ ସଞ୍ଜୟ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ ସକ୍ରିୟ କର୍ମୀ ଉପସ୍ଥିତ ରହିଥିଲେ ।

# ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ କୃତୀ ବିଦ୍ୟାର୍ଥୀ ଓ ଗବେଷକଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ଅଭିବୃଦ୍ଧି କ୍ଷେତ୍ରରେ ନିଷ୍ଠାବାନ ବିଦ୍ୟାର୍ଥୀ ଓ ଶିକ୍ଷକ ଗବେଷକଙ୍କ ଗୁରୁତ୍ୱକୁ ଦୃଷ୍ଟିରେ ରଖି ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଭିନବ ବିଦ୍ୟାର୍ଥୀ ଓ ଗବେଷକଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ସାହୁ ଏଭଳି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଲେ ଯେ ନୂଆ ଚିନ୍ତନ, ନୂଆ ଗବେଷଣା ସବୁବେଳେ ଏକ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ବାରିପଦା ଏକ ଛୋଟ ସହର ହେଲେ ମଧ୍ୟ ଏମ୍‌ପିସି କଲେଜର ବିଦ୍ୟାର୍ଥୀ ଓ ଶିକ୍ଷକମାନଙ୍କ ଗବେଷଣା କାର୍ଯ୍ୟ ଅନେକ ବଡ଼ ଶିକ୍ଷାନୁଷ୍ଠାନର ଦୃଷ୍ଟି ଆକର୍ଷଣ କରିଛି। ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ହିଁ ଯେକୌଣସି କ୍ଷେତ୍ରରେ ସଫଳତାର ମୂଳମନ୍ତ୍ର ବୋଲି ପ୍ରଫେସର ସାହୁ ନିଜ ବକ୍ତବ୍ୟରେ ଗୁରୁତ୍ୱ ଆରୋପ କରିଥିଲେ। କଲେଜର ବିତ୍ତୀୟ ମୁଖ୍ୟ ଡ. ଆଶୁତୋଷ ପ୍ରୟାସ ଦାଶ ସ୍ୱାଗତ ଭାଷଣ କ୍ରମରେ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ବିଦ୍ୟାର୍ଥୀଙ୍କ କୃତିତ୍ୱ ଓ ଶିକ୍ଷକ ଗବେଷକ ମାନଙ୍କର ମହତ୍ତ୍ୱକୁ ସ୍ୱୀକୃତି ସ୍ୱରୂପ ଏହି କାର୍ଯ୍ୟକ୍ରମର ଆୟୋଜନ ବୋଲି କହିଥିଲେ। ଶୈକ୍ଷିକ ମୁଖ୍ୟ ଡଃ ଆଲବେର୍ଟିନା ତିର୍କୀ ନିଜ ବକ୍ତବ୍ୟରେ ବିଦ୍ୟାର୍ଥୀ ଓ ଶିକ୍ଷକ ଗବେଷକମାନଙ୍କ ସଫଳତାକୁ ପ୍ରଶଂସା କରିବା ସହ ସେମାନଙ୍କୁ ଶୁଭକାମନା ଜଣାଇଥିଲେ। ଆଇକ୍ୟୁଏସି ସଂଯୋଜକ ଦେବାଶିଷ ଦାସ କଲେଜର ଶୈକ୍ଷିକ ସଫଳତା ଓ ଗବେଷଣା ପ୍ରକଳ୍ପ ସମ୍ପର୍କରେ ବିବରଣୀ ଦେବା ସହ ୨୦୨୩ ଶିକ୍ଷା ବର୍ଷରେ ମୋଟ ୪୨ ଛାତ୍ରଛାତ୍ରୀ ଆଇଆଇଟି, ଜାମ୍ ଓ ସିୟୁସିଇଟି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ପକ୍ଷରୁ ୨୩ଟି ଗବେଷଣା ସଂଦର୍ଭ ପ୍ରକାଶିତ ହୋଇଛି। ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପିକା ଡଃ ସ୍ୱାଗତିକା ସାହୁ ଓ ଅର୍ଥନୀତି ବିଭାଗର ଡଃ ସିଦ୍ଧେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦୁଇଟି ଉଲ୍ଲେଖନୀୟ ଗବେଷଣା ପ୍ରକଳ୍ପ କାର୍ଯ୍ୟ କରୁଛି। କଲେଜର ପ୍ରଶାସନିକ ମୁଖ୍ୟ ଡଃ ଦୀପକ କୁମାର ବେହେରା ନିଜ ବକ୍ତବ୍ୟରେ ଯେକୌଣସି ଭଲ କାର୍ଯ୍ୟ ଆରମ୍ଭ କରିବା ପାଇଁ ସମୟ ଗଡି ଯାଇନଥାଏ, ଯେକୌଣସି ସମୟରେ ଏହାର ଶୁଭାରମ୍ଭ କରଯାଇପାରେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣିତ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଭୂତତ୍ତ୍ୱ ବିଜ୍ଞାନ, ନୃତତ୍ତ୍ୱ, ରାଜନୀତି ବିଜ୍ଞାନ, ଇଣ୍ଟିଗ୍ରେଟେଡ ବିଇଡି ବିଭାଗର ୪୨ଜଣ କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ୧୫ଜଣ ଶିକ୍ଷକ ଗବେଷକଙ୍କୁ ସେମାଙ୍କର ଗବେଷଣା ସଂଦର୍ଭ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ଓ ଶିକ୍ଷକ ଗବେଷକ ନିଜ ସମ୍ବର୍ଦ୍ଧନାର ଉତ୍ତରରେ କଲେଜର ଏଭଳି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ଇଂରାଜୀ ବିଭାଗର ମୁଖ୍ୟ ରବିନ୍ଦ୍ର ବେହେରା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ସାଇନ୍ସ ଅଲମ୍ପିୟାଡ଼ ଲେଭେଲ-୨ ପ୍ରତିଯୋଗିତା

# ଦେଶରେ ପ୍ରଥମ ସ୍ଥାନ ଅଧିକାର କଲେ ଛତ୍ରପୁର ୟୁରୋ ସ୍କୁଲର ଆଦ୍ୟାଶା




ଛତ୍ରପୁର, (ସବ୍ୟୁ): କମ ବୟସରୁ ସଫଳତା ପାଇଛନ୍ତି ୯ ବର୍ଷର କୁନି ଆଦ୍ୟାଶା । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଆଦ୍ୟାଶାଙ୍କ ଭିତରେ ଥିବା ପ୍ରତିଭା ଲୋକ ଲୋଚନକୁ ଆସିପାରିଛି । ସାଇନ୍ସ ଅଲମ୍ପିୟାଡ଼ ଲେଭେଲ-୨ ପ୍ରତିଯୋଗିତା ରେ ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଛତ୍ରପୁର ୟୁରୋ ସ୍କୁଲ ରଛାତ୍ରୀ ଆଦ୍ୟାଶା ପରିଡା। ସେ ଭାଗ୍ୟଲକ୍ଷ୍ମୀ ନଗର ପ୍ରଥମ ଗଳିର ନିବାସୀ। ଗତ ୨୦୨୩ ମସିହାରେ ଛତ୍ରପୁରର ୟୁରୋ କିଡ଼ସ ସ୍କୁଲ ପରିସରରେ ସେ ସାଇନ୍ସ ଅଲମ୍ପିୟାଡ଼ ଲେଭେଲ-୨ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଆଉ ଏବେ ତାହାର ଫଳାଫଳ ପ୍ରକାଶ ପାଇଛି । ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେ । ଆଦ୍ୟାଶାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବେଳେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଯାହାକୁ ନେଇ ତାଙ୍କ ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଆଦ୍ୟାଶା ଛତ୍ରପୁର ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ୟୁରୋ କିଡ଼ସ ସ୍କୁଲରେ ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ବେଳେ ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କ ସ୍କୁଲର ମୁଖ୍ୟ ପୃଷ୍ଠ ପୋଷକ ସସ୍ମିତା ମହାପାତ୍ର ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ନିଜ ବାପା ମା ଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି । ଆଗାମୀ ଦିନରେ ସେ ଡାକ୍ତର ହେବାର ଆଶା ରଖିଥିବା ସେ କହିଛନ୍ତି। ଅନ୍ୟପଟେ ତାଙ୍କ ଭବିଷ୍ୟତ ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଛନ୍ତି ତାଙ୍କ ପରିବାର ସଦସ୍ୟ ।

# ବିଜେଡିର ଆଶୀର୍ବାଦ ସମାବେଶ, ମିଶ୍ରଣ ପର୍ବ

ରାସୋଳ, (ସବ୍ୟୁ) : ହିନ୍ଦୋଳ ନିର୍ବାଚନମଣ୍ଡଳୀ ରାସୋଳ ସ୍ଥିତ ଦାମିନୀ ପ୍ଲାଜାରେ ରାସୋଳ ଜୋନସ୍ତରୀୟ ଆଶୀର୍ବାଦ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳ ବ୍ଲକ୍ ଅଧକ୍ଷା ସସ୍ମିତା ରାଣୀ ନାଏକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାନସଭା ପ୍ରାର୍ଥୀ ମହେଶ ସାହୁ, ସାଂସଦ ପ୍ରାର୍ଥୀଙ୍କ ପ୍ରତିନିଧି, ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଦସ୍ୟ, ଛାମୁଆ ସଙ୍ଗଠନର କର୍ମକର୍ତା ସହ ଦୁଇ ହଜାରରୁ ଅଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ । ପ୍ରିୟ ରଞ୍ଜନ ମାହୁନ୍ତଙ୍କ ସଂଯୋଜନାରେ ବହୁ ବିଜେପି କର୍ମୀ ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡି ଦଳରେ ସାମିଲ ହୋଇ ଥିଲେ ।

# ଆଦିବାସୀ ଜାଗରଣ ସଂଘର ଦାବିପତ୍ର ପ୍ରଦାନ



ବୋରିଗୁମ୍ମା (ସବ୍ୟୁ) : ବୋରିଗୁମ୍ମା ବ୍ଲକ ଆଦିବାସୀ ଜାଗରଣ ସଂଘ ଆଜି ବିଭିନ୍ନ ଦାବୀ ନେଇ ସ୍ଥାନୀୟ ତହସିଲଦାର ଓ ବିଡିଓ ଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ବ୍ଲକ ଆଦିବାସୀ ଜାଗରଣ ସଂଘର ସଭାପତି ସତ୍ୟନାରାୟଣ ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ନୂଆଁ ବସଷ୍ଟାଣ୍ଡରୁ ଏକ ବିରାଟ ଶୋଭାଯାତ୍ରାରେ ଆଦିବାସୀ ଜାଗରଣ ସଂଘର କର୍ମକର୍ତ୍ତା ମାନେ ବାହାରିଥିଲେ। ପ୍ରଥମ ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ୧୬ ଟି ଦାବି ସମ୍ମିଳୀତ ଦାବିପତ୍ର ପ୍ରଦାନ କରିଥିଲେ। ପରେ ବିଡ଼ିଓ ଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଆଦିବାସୀ ଜାଗରଣ ସଂଘ ର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୧୯୫୬ ମସିହା ଆଦିବାସୀ ନିୟମକୁ କଡାକଡି ଭାବେ ପାଳନ କରିବା, ଆଦିବାସୀ ଜମି ଫେରସ୍ତ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨୦୧୧ ମସିହା ଏସିସିସି ହିସାବରେ ପ୍ରଦାନ ନ କରି ପଲ୍ଲିସଭା ଓ ଗ୍ରାମସଭା ମାଧ୍ୟମରେ ପ୍ରଦାନ କରାଯାଉଛଜମି ଇ ଜାଗାକୁ ଭୁ ବନ୍ଦୋବସ୍ତ କରାଯାଉ, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଠିକ ଭାବେ କାର୍ଯ୍ୟକାରୀ କରାଯାଉ, ବିହାରୀ ଦେଶୀ ମଦ ଭାଟି ବନ୍ଦ କରାଯାଉ, କନ୍ୟାଶ୍ରମରେ ମହିଳା ଶିକ୍ଷୟିତ୍ରୀ ଙ୍କୁ ନିଯୁକ୍ତି ଦିଆଯାଉ, କାଜୁ ମିଲ ରେ ଶିଶୁ ଶ୍ରମିକ ବନ୍ଦ ହେଉଛପରେ ଦୋରା କଲ୍ୟାଣ ମଣ୍ଡପ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆଦିବାସୀ ଜାଗରଣ ସଂଘ ସଭାପତି ସତ୍ୟନାରାୟଣ ନାୟକ, ଉପ ସଭାପତି କମୁଲୁ ଯାନୀ, ସମ୍ପାଦକ ଧନପତି ନାୟକ, ସହ ସମ୍ପାଦକ ରାମ ଯାନୀ, କୋଷାଧ୍ୟକ୍ଷ ରଘୁନାଥ ସମରଥ ଙ୍କ ସମେତ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

# ପାନୀୟ ଜଳ ସମସ୍ୟାର ସମାଧାନ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ



ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ବଡ଼ଭୀମାଗୁଡା ଗ୍ରାମବାସୀ ପାନୀୟ ଜଳ ସମସ୍ୟାର ସମାଧାନ ନେଇ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳିନଥିବା ବେଳେ ମଙ୍ଗଳବାର ଧୋଡ୍ରା-ସିଂଶାରୀ ରାସ୍ତାର ଦୁଇଟି ସ୍ଥାନରେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଏହି ରାସ୍ତା ଦେଇ ଲୋକ ପଡ଼ୋଶୀ ଛତିଶଗଡ଼ ଯାଉଥିବା ବେଳେ ଲୋକମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖରାକୁ ଖାତିରି ନକରି ରାସ୍ତା ଉପରେ ମହିଳାମାନେ ଖାଲି ହାଣ୍ଡି ରଖି ରାସ୍ତା ଅବରୋଧ କରିବା ପରେ ୮ ଘଣ୍ଟା ପରେ ପାନୀୟ ଜଳ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୁ ହଟିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ବଡ଼ଭୀମାଗୁଡା ଗ୍ରାମରେ ପ୍ରାୟ ୨ଶହ ପରିବାର ରହୁଛନ୍ତି। ପ୍ରଶାସନ ପକ୍ଷରୁ ବଡ଼ଭୀମାଗୁଡା ଗ୍ରାମରେ ଦୀର୍ଘ ବର୍ଷ ତଳେ ଚାରି ଗୋଟି ନଳକୂପ ଖନନ ହୋଇଥିଲା। ସେହି ନଳକୂପଗୁଡ଼ିକରେ ଲୌହଯୁକ୍ତ ପାଣି ବାହାରୁଥିବା ଯୋଗୁଁ ପାନୀୟ ଜଳ ଭାବେ ବ୍ୟବହାର ହୋଇପାରୁ ନାହିଁ। ବହୁବାର ଗ୍ରାମବାସୀ ଦାବି କରିବା ପରେ ବଡ଼ଭୀମାଗୁଡା ଗ୍ରାମରେ ପ୍ରଶାସନ ପକ୍ଷରୁ ଗଭୀର ନଳକୂପ ଖନନ କରି ଘରେ ଘରେ ଏବଂ ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ଯୋଗେ ଲୋକ ମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆ ଯାଉଥିଲା। କିଛି ବର୍ଷ ଲୋକମାନେ ପାଣି ପାଇବା ପରେ ସେହି ଗଭୀର ନଳକୂପରୁ ପାଣି ବାହାରିନଥିଲା। ଫଳରେ ବଡ଼ଭୀମାଗୁଡା ଗ୍ରାମବାସୀ ପାନୀୟ ଜଳ ନେଇ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଘଟଣା ନେଇ ବହୁବାର ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ଠାରେ ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ ଦୁଇଟି ଗଭୀର ନଳକୂପ କିଛି ଦିନ ତଳେ ଖନନ ହୋଇଥିଲା। ତେବେ ନୂତନ ଦୁଇଟି ନଳକୂପରୁ ମଧ ପାଣି ଯଥେଷ୍ଟ ବାହାରି ନଥିଲା। ଫଳରେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରି ନଥିଲା। ଶେଷରେ ଆଜି ବଡ଼ଭୀମାଗୁଡା ଗ୍ରାମବାସୀ ଧୋଡ୍ରା-ସିଂଶାରୀ ରାସ୍ତାର ବଡ଼ଭୀମାଗୁଡା ଏବଂ ମାଝୀଗୁଡା ଛକ ନିକଟରେ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଥିଲେ। ଝରିଗାଁ ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ବାଗ ଏବଂ ଧୋଡ୍ରା ପିଇଓ ସଦାନନ୍ଦ ହିଆଲ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ବୁଧବାର ବଡ଼ଭୀମାଗୁଡ଼ା ଏବଂ ମାଝୀଗୁଡ଼ା ଠାରେ ନୂତନ ନଳକୂପ ଖନନ ହେବା ସହ ନୂତନ ନଳକୂପ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣ କରାଯିବା ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ ହଟିଥିବା ସୂଚନା ମିଳିଛି।

# ବିଅର ବୋଝେଇ କାର୍ ଜବତ, ୨ଗିରଫ

ଭବାନୀପାଟଣା,(ସବ୍ୟୁ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଫ୍ଲାଇଂ ସ୍କାଡ୍ ପକ୍ଷରୁ ଭବାନୀପାଟଣା ସହର ହିଲ୍ ଟାଉନରେ ଚଢ଼ଉ କରାଯାଇ ଏକ ବିଅର ବୋଝେଇ କାର୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଝାଡ଼ଖଣ୍ଡର ରାହୁଲ କୁମାର (୨୬) ଓ ନକଟିଗୁଡ଼ାର ରଞ୍ଜିତ ମାଝୀ (୩୩)ଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, ସାଧାରଣ ନିର୍ବାଚନ ନିମନ୍ତେ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ମହାପ୍ରସାଦ ଦାସଙ୍କ ନେତୃତ୍ୱରେ ଫ୍ଲାଇଂ ସ୍କାଡ୍ ପକ୍ଷରୁ ଭବାନୀପାଟଣା ସହରସ୍ଥିତ ହିଲ୍ ଟାଉନ ନିକଟରେ ଚଢ଼ଉ କରିଥିଲେ ଏହି ସମୟରେ ଆସୁଥିବା ଏକ କାର୍ (ଓଡି ୦୮ ଟି ୧୬୧୭)କୁ ଯାଞ୍ଚ କରିବାରୁ ୨୫ କାର୍ଟୁନ କିଙ୍ଗଫିସର ବିଅର, ୧୧ କାର୍ଟୁନ କିଙ୍ଗ ଫିସର ଷ୍ଟ୍ରଙ୍ଗ ବିଅର, ୯ କାର୍ଟୁନ ହଣ୍ଟର ବିଅର ଓ ନଗଦ ୩୦ ହଜାର ୫୫୦ ଟଙ୍କା ମିଳିଥିଲାଛ ତେଣୁ ବିଅର ସହ କାର୍କୁ ଜବତ କରାଯାଇଛି । କାର ଟି ଭବାନୀପାଟଣାରୁ ଥୁଆମୂଳ ରାମପୁର ଅଭିମୁଖେ ଯାଉଥିଲା। ଏହି ଚଢ଼ଉରେ ଟାଉନ ଥାନା ପୁଲିସ ସାମିଲ ଥିଲା ।

# ଝାରସୁଗୁଡ଼ାରେ ପାଉଁଶ ଝଡ଼ : ଜୀବନଯାତ୍ରା ବ୍ୟାହତ



ଝାରସୁଗୁଡ଼ା,(ସବ୍ୟୁ): ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଲୋକେ ଅତିଷ୍ଠ ହୋଇପଡ଼ିଥିବା ବେଳେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା। ଏହି ସମୟରେ ସମ୍ବଲପୁର ପାର୍ଶ୍ୱରୁ ଝାରସୁଗୁଡ଼ା ଜିଲ୍ଲାର ପ୍ରବେଶ ଦ୍ୱାର କୁହାଯାଉଥିବା ଖେରୁଆଲ ବ୍ରିଜ୍ ନିକଟରେ ଦେଖା ଦେଇଥିବା 'ପାଉଁଶ ଝଡ଼' ରାସ୍ତାରେ ଯାଉଥିବା ଲୋକଙ୍କୁ ଆତଙ୍କିତ କରିଦେଇଥିଲା। ପ୍ରାୟ ୧୫ ମିନିଟ୍ ଯାନବାହନ ଏବଂ ପଥଚାରୀମାନେ ବି ନିଜ ନିଜ ସ୍ଥାନରେ ଅଟକି ରହିଥିଲେ।

ରାସ୍ତା କଡ଼ରେ ଡମ୍ପିଂ ହେଉଥିବା ପାଉଁଶ ପବନରେ ପ୍ରବଳ ମାତ୍ରାରେ ଉଡ଼ିବା ଫଳରେ ସମଗ୍ର ରାସ୍ତା ଅନ୍ଧକାରମୟ ହୋଇ ଯାଇଥିଲା। କେବଳ ସେତିକି ନୁହେଁ, ହାତ ପାଆନ୍ତାରେ କଳାହାଣ୍ଡିଆ ମେଘ ଥିବାର ଭ୍ରମ ବିସୃଷ୍ଟି କରିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଗତ କିଛିଦିନ ହେବ ବିଜୁ ଏକ୍ସପ୍ରେସ୍ ୱେ' କଡ଼ରେ ବେଧଡ଼କ ପାଉଁଶ ଡମ୍ପିଂ ଜାରିରହିଛି। ସୁନ୍ଦରଗଡ଼ ଜିଲ୍ଲାର ଭସ୍ମାରୁ ନେଇ ଝାରସୁଗୁଡ଼ାର ତାଳପଟିଆ, ଝାରସୁଗୁଡ଼ା ଜିଲ୍ଲାର ଖେରୁଆଲରୁ ନେଇ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଯାଏ ରାସ୍ତାର ଉଭୟ ପାର୍ଶ୍ୱରେ ଖୋଲାଖୋଲି ଟନ୍ ଟନ୍ ପାଉଁଶ ଢାଳି ଦିଆଯାଉଛି। ଭସ୍ମା ଟୋଲଗେଟ୍ ନିକଟରେ ଗାଡ଼ି ଅଟକୁଥିବା ବେଳେ ସାମାନ୍ୟ ପବନରେ ଲୋକଙ୍କ ଶରୀର ପାଉଁଶମୟ ହୋଇଯାଉଛି। ଅନ୍ୟପକ୍ଷରେ, ପାଉଁଶ ପରିଚାଳନା ନେଇ ଏସପିସିବିର ସ୍ୱତନ୍ତ୍ର ଗାଇଡଲାଇନ୍ ଥିବା ସତ୍ତ୍ୱେ ଆଞ୍ଚଳିକ ଅଧିକାରୀ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି ।

# କଳାହାଣ୍ଡିରେ ୧୧୫ ମାଓପ୍ରବଣ ବୁଥ୍

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାରେ ଚଳିତ ନିର୍ବାଚନରେ ୧୧୫ଟି ଟି ମାଓ ପ୍ରଭାବିତ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏନେଇ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲାର ୧୧୫ଟି ବୁଥ୍ ଅତି ସମ୍ବେଦନଶୀଳ ବୁଥ୍ ଭାବରେ ପୁଲିସ ପକ୍ଷରୁ ଚିହ୍ନଟ କରାଯାଇଥିବା ବେଳେ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ଚାଞ୍ଚେର, ଧରାଭଙ୍ଗା, ପୋଖରୀଘାଟ,ଡାକି ବୁଣ୍ଡେଲ, ଲାବଣ୍ୟସର, ଯୁଗସାଇପାଟଣା, ମନସ୍କା, ସଲପାଙ୍ଗ, ଟିଟିଝୋଲା ବୁଥ୍ ସମ୍ବେଦନଶୀଳ ରହିଛି। ଲାଞ୍ଜିଗଡ଼ ବ୍ଲକ୍ର ଭଙ୍ଗାଙ୍ଗପଦର, ଗୁଣ୍ଡରି, ଓଦୋସ୍ତଲା, କର୍କଟା,କଦମଗୁଡ଼ା, ଖିକସାଭଙ୍ଗା, ଭୂଓଗଡ, କୋଦୋମସ୍କା, ମୁଣ୍ଡାଗାଁ, ପୋଖରୀବନ୍ଧ, ମୁକୁନ୍ଦପୁର, କୁମ୍ଭାଲ, ବେଡାଗାଁ, ଗାରେସ, ବଟକା, କାନକୁଟୁ, ପାଇକବୋରି, ତ୍ରିଲୋଚନପୁର, ଗଉଡ଼ ଥୁଆଗୁଡ଼ା, ଜାମଚୁଆଁ, ଧଡ଼େଲ, ବେଟିଆପଡ଼ା, ଥୁଆଙ୍ଗପଦର, ତଳବୋରା, ପାହାଡ଼ପଦର, ପଟାଙ୍ଗପଦର, ବୋରପଦର, ପୁଞ୍ଜାମ, ମାଲିଯୁବାଙ୍ଗ, ଉଷାବାହାଲି, କଳାକୁପା, ପାଇକଥୁଆଗୁଡ଼ା ବୁଥ୍ଗୁଡ଼ିକ ସମ୍ବେଦନଶୀଳ ରହିଛିଛ ଥୁଆମୂଳ ରାମପୁର ବ୍ଲକ୍ର ଦାଣ୍ଡପଦର, କାଟଲେଖା, କେରପାଇ, ମେଲରଫା, ମାଝୀଗାଁ, ନାକରୁଣ୍ଡି, ମୋହନଗିରି,ତଳଆମପଦର, ସାଇସୁରୁନି, ପୋଲିଙ୍ଗପଦର,ପେରମଞ୍ଜି, ଭେଜିଗୁଡ଼ା, କର୍ଲାପାଟ, ପୁରୁଣାଗୁମା, କିଆପଦର, ପୋଡ଼ପଦର, ଭାଟଗୁଡ଼ା, ତରାଗାଁ, ଜୁବାଙ୍ଗ, ଟେଭାକଲମ, ସିନ୍ଧିପଦର, ନିଟିମସ୍କା, ଶିରିମସ୍କା, ଡୁନାପାରି, ମେଲକୁଣ୍ଡେଲ,ତଳଝାପି, ଉପରଝାପି, ଟାଙ୍ଗରୀ, ମାଳିଗାଁ, ବାହାରଡଙ୍ଗା, ଘୁଟୁରୁଖାଲ, ଭିତରଡୁଙ୍ଗା, ମୁର୍କା, ତଳନାଗୀ, ପାଡ଼େପଦର, ଖମାରପଦର, ଖଉପରଚୋଲ୍ରି, ପୋଡ଼ାପଦର, କାମରିଧୁଟି ବୁଥ୍ଗୁଡ଼ିକ ମାଓପ୍ରବଣ ବୁଥ୍ ଭାବେ ଚିହ୍ନଟ ହୋଇଛି। ଜୁନାଗଡ଼ - ନିର୍ବାଚନମଣ୍ଡଳୀର ଗୋଲାମୁଣ୍ଡା ବ୍ଲକ୍ର କରଞ୍ଜକୋଟ, ବାଗଦୋରୀ, ନକଟିକାନି ଝୁଲେନବର, ସଙ୍କରିପାଲି, ରେଙ୍ଗସାପାଲି-୧, ରେଙ୍ଗସାପାଲି-୨, ଜୁନାଗଡ଼ ବ୍ଲକ୍ର ସୁପେଲ ଓ ତଳଦୁଣ୍ଡା ବୁଥ୍ ସମ୍ବେଦନଶୀଳ ରହିଛି। ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର କୋକସରା ବ୍ଲକ୍ ଅନ୍ତର୍ଗତ ଚୋରନିଦୁଆର, ଖଲିଗଡ଼, ଧୋବେନଚଚରା, ବିରିମୁହାଣ, କୁଟରୁ, ଝୁଲନବର ବୁଥ୍ ସମ୍ବେଦନଶୀଳ ରହିଛି। ନର୍ଲା ନିର୍ବାଚନମଣ୍ଡଳୀର ମଦନପୁର ରାମପୁର ବ୍ଲକ୍ ଅନ୍ତର୍ଗତ ବାଲିଗୁଡ଼ା, ପେଣ୍ଡରା,କୁଟରୁପଲା, ତେଜିପଡ଼ା, ପଣ୍ଡାପଦର, ଜାମୁଲି, ତଳନୂଆଗାଁ, ମାଣିକେରା, ରୁବେଟ ପଡ଼ା, ଅରସକୁପା, ଉମ୍ଭ କର୍ଲାଖୁଣ୍ଟା-୧, ଉମ୍ଭ କର୍ଲାଖୁଣ୍ଟା-୨, ବେଲଗାଁ, ବାରବନ୍ଧା, ଜୁଡକାରଞ୍ଜା, ରଙ୍ଗପାରୁ, ଜୁରାଖମନ, ଲୁବେନଗଡ ଓ ମାକିଂ ବୁଥ୍ ମାଓ ପ୍ରଭାବିତ ସମ୍ବେଦନଶୀଳ ବୁଥ୍ ଭାବରେ ପୁଲିସ ପକ୍ଷରୁ ଚିହ୍ନଟ କରାଯାଇଛି। ଏହି ବୁଥ୍ୟାମାନଙ୍କରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିଭଳି ଏହି ବୁଥ ମାନଙ୍କୁ ଗୋଟିଏ ଦିନ ପୂର୍ବରୁ ନିର୍ବାଚନରେ ନିୟୋଜିତ ଥିବା କର୍ମଚାରୀମାନେ ପହଞ୍ଚିବେ ।

# ଶ୍ରମ କାର୍ଯ୍ୟାଳୟରେ ହଟ୍ଟଗୋଳ ନେଇ ଥାନାରେ ଏତଲା

ରାୟଗଡା, (ସବ୍ୟୁ): ରାୟଗଡା ଜିଲ୍ଲା ଶ୍ରମ ବିଭାଗ କାର୍ଯ୍ୟାଳୟରେ ଗତ ଦୁଇ ଦିନ ତଳେ ଏକ ସଙ୍ଗଠନର ସକ୍ରିୟ ସଦସ୍ୟମାନେ ଶ୍ରମ ବିଭାଗ କାର୍ଯ୍ୟାଳୟ ଭିତରେ ଧସେଇ ପଶି ଥିଲେ । ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ଧମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ରାୟଗଡା ଥାନାରେ ଏତଲା ଦେଇଛନ୍ତି ଜିଲ୍ଲା ଶ୍ରମ ଅଧିକାରୀ । ସୂଚନା ମୁତାବକ ନିର୍ମାଣ ଶ୍ରମିକ ମହାସଂଘ ନାମରେ ଏକ ଅଣ ପଞ୍ଜୀକୃତ ସଙ୍ଗଠନ ଗତ ୨୬ ତାରିଖରେ ବିଭିନ୍ନ ଦାବି ନେଇ ଏକ ଦାବିପତ୍ର ଶ୍ରମ ବିଭାଗ ଅଧିକାରୀଙ୍କୁ ଦେବାକୁ ଯାଇଥିଲେ। କିନ୍ତୁ ସେଠାରେ ସେମାନେ ବିଧିବଦ୍ଧ ଭାବେ କାର୍ଯ୍ୟାଳୟ ଭିତରକୁ ସାମୁହିକ ଭାବରେ ଧସେଇ ପଶି କାର୍ଯ୍ୟାଳୟର କାର୍ଯ୍ୟରେ ବାଧା ଦେବା ସହ କାର୍ଯ୍ୟରତ କର୍ମଚାରୀଙ୍କୁ ଅଶ୍ଳୀଳ ଭାଗରେ ଗାଳିଗୁଲଜ କରିବା ଏବଂ ଧମକ ଦେଇଥିବା ସହ କର୍ମଚାରୀଙ୍କୁ ଅଟକ ରଖିବା ଭଳି ଗୁରୁତର ଅଭିଯୋଗ ଆଧାରକୁ ନେଇ ଏତଲାରେ ରହିଥିବା ଥାନା ଅଧିକାରୀ କମଳ କାନ୍ତ ବି କେ କହଁର କହିଛନ୍ତି । ଏହି ଏତଲା ନମ୍ବର ୧୪୨/୨୪ରେ ପଞ୍ଜିକରଣ ହୋଇଥିବା ବେଳେ ୮ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି । ଏହା ସହ ଅନ୍ୟାନ୍ୟ ଭାବେ ୪ଶହ ଜଣ ବ୍ୟକ୍ତି ଥିବା ସୂଚନା ମିଳିଛି । ଉକ୍ତ ହଟଗଳରେ ସାମିଲ ହୋଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଧାରା ୧୪୭,୧୮୬,୨୯୪,୩୪୧,୩୩୨,୪୪୮,୫୦୬, ଏବଂ ୧୪୯ ଧାରା ଲାଗିଥିବା ରାୟଗଡ଼ ଥାନା ପକ୍ଷରୁ ସୂଚନା ମିଳିଛି । ଭାରପ୍ରାପ୍ତ ଥାନାଧିକାରୀ ଶ୍ରୀ କହଁର କହିଛନ୍ତି । ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ନର୍ଲାରେ ବିଜେପିର କାର୍ଯ୍ୟାଳୟ ଉଦ୍‌ଘାଟିତ

ନର୍ଲା,(ସବ୍ୟୁ): ନର୍ଲା ମଣ୍ଡଳର ବିଜେପି ସଭାନେତ୍ରୀ ପ୍ରଣତି ମହାନନ୍ଦଙ୍କ ଅଧ୍ୟକ୍ଷତାରେ ସୋମବାର ନର୍ଲା ବିଧାନସଭାର ବିଜେପି ପ୍ରାର୍ଥୀ ଅନିରୁଦ୍ଧ ପଧାନ ବିଜେପି, କାର୍ଯ୍ୟଲୟକୁ ଉଦଘାଟନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା, ମାଗଣା ଚାଉଳ, ଘରେ, ଘରେ ପାଣି, ଖାଦ୍ୟସୁରକ୍ଷା ଯୋଜନା, ଉଜଲା ଯୋଜନା, ଭଳି ବିଭିନ ଯୋଜନା ମାନେ ମୋଦି ଗ୍ୟାରେଣ୍ଟି ନେଇ ଲୋକଙ୍କ ପାଖଙ୍କୁ ଯାଇ ଭୋଟ ଭିକ୍ଷା କରୁଛନ୍ତି ବୋଲି ବିଜେପି, ପ୍ରାର୍ଥୀ ଶ୍ରୀ ପଧାନ କହିଛନ୍ତି। ଆୟୋଜିତ କାର୍ଯ୍ୟକର୍ମରେ ବରିଷ୍ଠ ନେତା ପର୍ଶୁରାମ୍ ପଣ୍ଡା, ପୂର୍ବତନ ସଭାପତି ଆଇନଜିବି ଚନ୍ଦ୍ରଶେଖର ଚାନ୍ଦ, ନର୍ଲା ନିର୍ବାଚନ ମଣ୍ଡଳୀର ବୁଥ ସଂଯୋଜକ ମନ୍ମମୟ ଚାନ୍ଦ, ନିର୍ବାଚନ ମଣ୍ଡଳୀର ସଂଯୋଜକ ସରୋଜ କୁମାର ବୁଦ୍ଧିଆ, ପୂର୍ବତନ ସଭାପତି ତଥା ମାଣ୍ଡେଳ ସରପଞ୍ଚ ପଦ୍ମଲୋଚନ ଜାଲ, ବରିଷ୍ଟ ନେତା ଧନୁର୍ଜୟ ସେନାପତି , ଦିଲୀପ କୁମାର ଚାନ୍ଦ, ବିଷ୍ଣୁବଡ଼ ପଣ୍ଡା, କମଳ ପୂଜାରୀ, ରବି ସାହୁ, ଲକ୍ଷ୍ମଣ ଦୀପ,ଦଶରଥ ସାହୁ, ଜୟ ରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳକର ମୃତଦେହ ଉଦ୍ଧାର

ସଇଁତଲା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା ଅଧିନସ୍ଥ ଭେଜିପଦର ଗାଁ ର ଏକ ଚାଷ ଜମି ନିକଟରୁ ଏକ ନାବାଳକର ମୃତ ଦେହ ଉଦ୍ଧାର କରିଛି ପୋଲିସ। ସୂଚନା ଯୋଗ୍ୟ ଯେ ଭେଜିପଦର ଗାଁ ର ବିଘ୍ନ ବଗର୍ତ୍ତିଙ୍କ ୮ ବର୍ଷୀୟ ପୁଅ ରଞ୍ଜନ ବଗର୍ତ୍ତି ମଙ୍ଗଳବାର ସକାଳୁ ନିଜ ସାଙ୍ଗ ସାଥି ଶହ ବାହାରକୁ ଖେଳକୁଦ କରିବା ପାଇଁ ଯାଇଥିଲେ। ହେଲେ ପରିବାର ଲୋକେ ଖୋଜାଖୋଜି କରିବାରୁ ପାଇନଥିଲେ।ପରେ ସ୍ଥାନୀୟ ଲୋକେ ଉକ୍ତ ଗାଁ ର ଏକ ଚାଷ ଜମି ନିକଟରୁ ରଞ୍ଜନ ର ମୃତ ଦେହ ଦେଖିଥିଲେ। ପରେ ତାଙ୍କ ପରିବାର କୁ ଖବର ଦେଇଥିଲେ। ପରେ ପରିବାର ଓ ସ୍ଥାନୀୟ ଲୋକେ ସଇଁତଳା ପୋଲିସ କୁ ଖବର ଦେଇଥିବାରୁ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଘଟଣା ସମ୍ପର୍କ ରେ ଅଧିକ ତଦନ୍ତ କରୁଛି। ନାବାଳକ ର ମୃତ ଦେହର ବିଭିନ୍ନ ସ୍ଥାନ ରେ ଖ୍ୟାତ ବିଖ୍ୟାତ ହୋଇଥିବା ବେଳେ ଏହା ହତ୍ୟା ସନ୍ଦେହ ସୃଷ୍ଟି ହୋଇଛି।

# ଜମି ବାଡ଼ି ବିବାଦକୁ ନେଇ ଜଣକୁ ହତ୍ୟା

ମାଲକାନଗିରି,(ସବ୍ୟୁ): ଜମି ବାଡ଼ି ବିବାଦକୁ ନେଇ ଜଣେ ଯୁବକକୁ ଗଳା କାଟି ହତ୍ୟା କରାଯାଇଛ।ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପଡ଼ିଆ ଥାନା ଅନ୍ତର୍ଗତ କୁଞ୍ଜୁଗୁଡା ଗ୍ରାମରେ । ମୃତ୍ୟୁ ବରଣ କରିବା ବ୍ୟକ୍ତି ହେଲା ରାମା କୁଞ୍ଜି (୪୦) । ହତ୍ୟା ଅଭିଯୋଗରେ ସେହି ଗ୍ରାମର ଗଙ୍ଗା ମାଢିକୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏଥି ପାଇଁ ଏକ ହତ୍ୟା ମାମଲା ପଡିଆ ଥାନା ରେ ରୁଜୁ ହୋଇଥିବା ଏସଆଇ ବିନୋଦ ବାଘ ପ୍ରକାଶ କରିଛନ୍ତି। ପୋଲିସ କହିଛି ଯେ ଶନିବାର ସନ୍ଧ୍ୟାରେ ଜମିବାଡ଼ିକୁ କେନ୍ଦ୍ର କରି ରାମା କୁଞ୍ଜି ଓ ଗଙ୍ଗା ମାଢିଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଗଙ୍ଗା ଏକ ଧାରୁଆ ଅସ୍ତ୍ରରେ ରାମାକୁ ଆକ୍ରମଣ କରିଥିଲା। ବେକକୁ ଚୋଟ ପକାଇବା ଫଳରେ ଘଟଣାସ୍ଥଳରେ ରାମାର ମୃତ୍ୟୁ ଘଟିଥିଲା । ସୂଚନା ପାଇଁ ସକାଳେ ଥାନା ଅଧିକାରୀ ରାମେଶ୍ୱର ପ୍ରଧାନ ଏବଂ ପୋଲିସ କର୍ମଚାରୀମାନେ ପହଞ୍ଚି ଶବକୁ ଜବତ କରିବା ସହ ଅଭିଯୁକ୍ତ ଗଙ୍ଗାକୁ ଥାନାରେ ଅଟକ ରଖାଯାଇ ତଦନ୍ତ ଜାରି ରହିଛି।

# ପଶ୍ଚିମ ଓଡ଼ିଶାରେ ଯୋଗାଯୋଗର ବିକାଶ ପ୍ରତି ଭୋଟର ଆକର୍ଷିତ

ସମ୍ବଲପୁର,(ସବ୍ୟୁ): କୌଣସି ସ୍ଥାନର ଅର୍ଥନୈତିକ ବିକାଶ ଏହାର ଯୋଗାଯୋଗ ବ୍ୟବସ୍ଥା ଉପରେ ଅନେକ ପରିମାଣରେ ନିର୍ଭର କରେ । ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ଉକ୍ତ ଅଞ୍ଚଳକୁ ସମୃଦ୍ଧି ପଥରେ ଅଗ୍ରସର କରାଇଥାଏ । ଯୋଗାଯୋଗ ଅନୁନ୍ନତ ହେଲେ ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୋଇଥାଏ । ପଶ୍ଚିମ ଓଡ଼ିଶା କ୍ଷେତ୍ରରେ ସମାନ ସ୍ଥିତି ପରିଲକ୍ଷିତ ହୁଏ । ଗୋଟିଏ ସମୟରେ ଗମନାଗମନର ସେଭଳି ସୁବିଧା ନ ଥିବା ଏବଂ ଯୋଗାଯୋଗର ବବସ୍ଥା ଅତ୍ୟନ୍ତ ଉଦବେଗଜନକ ଥିବା ଏହି ଅଞ୍ଚଳ ଆଜି ସଡକ, ରେଳ ଓ ଆକାଶ ମାର୍ଗ ସହିତ ଯୋଡ଼ି ହୋଇସାରିଛି । ରେଳସେବା କ୍ଷେତ୍ରରେ ସମ୍ବଲପୁର ସହର ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ପାଲଟିଥିବା ବେଳେ ଝାରସୁଗୁଡ଼ା ବିମାନ ବନ୍ଦର ଅନ୍ୟ ସହରକୁ ଯୋଡ଼ି ହେବାର ନୂତନ ମାର୍ଗ ପ୍ରଶସ୍ତ କରିଛି । ଦେଶରେ ଏନ୍‌ଡିଏ ସରକାର ଆସିବା ପରେ ଓଡ଼ିଶାର ଯୁବ ତଥା କର୍ମଠ ନେତା ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ପଶ୍ଚିମ ଓଡ଼ିଶାକୁ ବିକାଶର ରାସ୍ତା ଖୋଲିଥିବା ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଉଛି ।

ଚଳିତ ଲୋକସଭା ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଉନ୍ନତ ଯୋଗାଯୋଗ ଏକ ପ୍ରମୁଖ ପ୍ରସଙ୍ଗ ସାଜିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଦିନେ ପଶ୍ଚିମ ଓଡ଼ିଶାକୁ ହାତଗଣତି କିଛି ଟ୍ରେନ ଯାତାୟତ କରୁଥିଲା । ସ୍ୱଳ୍ପ ସଂଖ୍ୟକ ଏକ୍ସପ୍ରେସ୍ ଟ୍ରେନ୍ ସମ୍ବଲପୁର ପରି ଷ୍ଟେସନରେ ରହଣୀ କରୁଥିଲେ। ଯାହା ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଟ୍ରେନ୍ ଯାତ୍ରୀଙ୍କୁ ନିରାଶ କରୁଥିଲା। କିନ୍ତୁ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରରେ ପ୍ରଭାବଶାଳୀ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଉଦ୍ୟମରେ ଓଡ଼ିଶାରେ ରେଳସେବା କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି । ସମ୍ବଲପୁର ଷ୍ଟେସନ ଆଜି ବିଶ୍ୱସ୍ତରୀୟ ରେଳଷ୍ଟେସନରେ ପରିଣତ ହେବାକୁ ଯାଉଛି । ୩୪୮ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ କରାଯାଉଛି। ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ଭାବେ ସମ୍ବଲପୁର ସହର ଦେଶର ବିଭିନ୍ନ ସହର ସହ ଯୋଡ଼ି ହୋଇସାରିଛି । ଧର୍ମେନ୍ଦ୍ରଙ୍କ ଉଦ୍ୟମରେ

ବର୍ତ୍ତମାନ ଆହୁରି ୨୨ଟି ଏକ୍ସପ୍ରେସ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ରହଣୀ କରୁଛନ୍ତି। ଏହା ବାଦ୍ 'ଅମୃତ ଭାରତ ଷ୍ଟେସନ' ରୂପରେ ହୀରାକୁଦ, ସମ୍ବଲପୁର ସିଟି, ରେଢାଖୋଲ ରେଳ ଷ୍ଟେସନକୁ ଆଧୁନିକ ସୁବିଧା ସମୃଦ୍ଧ ଭାବେ ବିକଶିତ କରାଯାଉଛି । କଂଗ୍ରେସ ସମୟରେ ଓଡ଼ିଶାକୁ ୧୦ ବର୍ଷରେ ୫,୧୯୦ କୋଟି ଟଙ୍କା ମିଳିଥିବା ବେଳେ ମୋଦୀ ସରକାରଙ୍କ ୧୦ ବର୍ଷରେ ଆସିଛି ୬୭,୩୫୪ କୋଟି ଟଙ୍କା, ଯାହାକି ପ୍ରାୟ ୧୩ ଗୁଣା ଅଧିକ। ତନ୍ମଧ୍ୟରୁ ଏକ ସିଂହଭାଗ ପଶ୍ଚିମ ଓଡ଼ିଶାର ବିକାଶରେ ବିନିଯୋଗ ହୋଇଥିବା ତଥାଭିଜ୍ଞ ମହଲରୁ ପ୍ରକାଶ।

ସେହିପରି ରେଢ଼ାଖୋଲର ଜନୈକ ସଂସ୍କୃତି ବିଶେଷଜ୍ଞଙ୍କ ମତରେ ଧର୍ମେନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ଉଦ୍ୟମରେ ସମ୍ବଲପୁରରୁ ରାମ ଜନ୍ମଭୂମି ଅଯୋଧ୍ୟାକୁ ଯୋଡ଼ିବା ତଥା ରାମଭକ୍ତଙ୍କ ସୁଗମ ଯାତ୍ରା ପାଇଁ 'ଆସ୍ଥା ସ୍ପେଶାଲ' ଏକ୍ସପ୍ରେସ, ଭଗବାନ ବିଶ୍ୱନାଥଙ୍କ ଦର୍ଶନ ପାଇଁ ବାରାଣସୀ-ହାଟିଆ ଚାଲୁଥିବା 'ମୌର୍ଯ୍ୟ ଏକ୍ସପ୍ରେସ'କୁ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ଏବଂ ଦକ୍ଷିଣ ଭାରତ ସହ ବ୍ୟବସାୟିକ ସମ୍ପର୍କ ହେତୁ ସମ୍ବଲପୁର-ବାରାଣସୀ-ସମ୍ବଲପୁର ଏକ୍ସପ୍ରେସକୁ ବିଶାଖାପାଟଣା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି ।



ସନ୍ଥ ଭୀମ ଭୋଇଙ୍କ ମହିମା ଧର୍ମକୁ ସମ୍ମାନ ଏବଂ ଏହାର ପ୍ରସାର ପାଇଁ 'ମହିମା ଗୋସାଇଁ ଏକ୍ସପ୍ରେସ' ସମ୍ବଲପୁର-କଲିକତାଶାଲିମାର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି । ଅତ୍ୟାଧୁନିକ 'ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ' ଆରମ୍ଭ ହେବା ଦ୍ୱାରା ସମ୍ବଲପୁର ସଂସଦୀୟ କ୍ଷେତ୍ରର ଅଧିବାସୀଙ୍କ ପାଇଁ ଉନ୍ନତ ରେଳଯାତ୍ରା ସେବା ମିଳିପାରିଛି । ଏହି ରେଳ ପ୍ରକଳ୍ପ ଯୋଗୁ ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନ ବୃଦ୍ଧି ଘଟିବା ସହ ଲୋକମାନେ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବରେ ଉପକୃତ ହୋଇପାରିଛନ୍ତି ।ପଶ୍ଚିମ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିରେ ରେଳସେବାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ମର୍ମେ ମର୍ମେ ଅନୁଭବ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପଶ୍ଚିମ ଓଡ଼ିଶା ପାଇଁ ରେଳସେବା କ୍ଷେତ୍ରରେ ବିସ୍ତାର ପାଇଁ ପ୍ରାଧାନ୍ୟ ଦେଇଛନ୍ତି । କେନ୍ଦ୍ର ସରକାରଙ୍କ 'ୱାନ ଷ୍ଟେସନ ୱାନ ପ୍ରଡକ୍ଟ' ଯୋଜନାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ଉଦମ କ୍ରମେ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ହୀରାକୁଦ, ସମ୍ବଲପୁର, ସମ୍ବଲପୁର ସିଟି, ରେଢ଼ାଖୋଲ ଭଳି ପ୍ରମୁଖ ଷ୍ଟେସନ ସମେତ ଓଡ଼ିଶାରେ ବିଭିନ୍ନ ଷ୍ଟେସନରେ ସ୍ଥାନୀୟ ଉତ୍ପାଦ ବିକ୍ରୟ ପାଇଁ ଦୃଢ଼ ପଦକ୍ଷେପ ନିଆଯାଇଛି। ଏହା ନିଶ୍ଚିତ ଭାବେ ସ୍ଥାନୀୟ ଉତ୍ପାଦର ପ୍ରଚାର, ପ୍ରସାର ସମେତ ଉତ୍ପାଦକଙ୍କ ଆର୍ଥିକ ସମୃଦ୍ଧିରେ ବିଶେଷ ଯୋଗଦାନ ଦେବ । ସେହିପରି ସମ୍ବଲପୁର ସଂସଦୀୟ କ୍ଷେତ୍ର ଏବଂ ଏହାର ସୀମାର୍ବର୍ତ୍ତୀ କ୍ଷେତ୍ରର ରୋଗୀମାନଙ୍କୁ ରେଫରାଲ ହସପିଟାଲ ଭାବେ ସମ୍ବଲପୁରସ୍ଥିତ ଭିମସାର ପହଞ୍ଚିବାରେ ଉନ୍ନତ ରେଳ ସେବା ଯଥେଷ୍ଟ ସହାୟକ ହୋଇପାରିଛି ବୋଲି ସମ୍ବଲପୁରର ଜଣେ ବବସାୟୀ ପ୍ରକାଶ କରିଛନ୍ତି।

ସାଧାରଣ ଆଲୋଚନାରୁ ସମ୍ବଲପୁର ସଂସଦୀୟ କ୍ଷେତ୍ରର ମନୋଭାବରୁ ରେଳସେବାର ବିକାଶ ଫଳରେ ଶିକ୍ଷା, ସ୍ୱାସ୍ଥ,ବ୍ୟବସାୟ କ୍ଷେତ୍ରରେ ଉନ୍ନତି ହୋଇଥିବା ଏବଂ ଭୋଟର ଏକ ପ୍ରକାର ସନ୍ତୁଷ୍ଟ ଥିବା ପରିଲକ୍ଷିତ ହୋଇଛି। ଏହି କ୍ଷେତ୍ରରେ ଭାରତର ଜୀବନରେଖା କୁହାଯାଉଥିବା 'ରେଳୱେ'ର ବିକାଶ ସହ ସହଜ, ସୁଗମ, ସୁଲଭ ଯାତ୍ରାର ସୁଖଦ ଅନୁଭୂତି ଚଳିତ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭୋଟରଙ୍କୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ।

# ଖପ୍ରାଖୋଲରେ କଂଗ୍ରେସର ପରିବର୍ତ୍ତନ ପଦଯାତ୍ରା



ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ବ୍ଲକ୍ ଛକ ଠାରୁ କଂଗ୍ରେସର ପରିବର୍ତ୍ତନ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାରେ ବଲାଙ୍ଗିର ଲୋକସଭା ସାଂସଦ ପ୍ରାର୍ଥୀ ମନୋଜ ମିଶ୍ର, ପାଟଣାଗଡ ବିଧାନସଭା ପ୍ରାର୍ଥୀ ଅନିଲ କୁମାର ମେହେର ସମେତ ଦଳୀୟ କର୍ମୀ ସାମିଲ ହୋଇଥିଲେ। ବ୍ଲକ୍ ଛକଠାରୁ ପଦଯାତ୍ରା ବାହାରି ଗାଁ ପରିକ୍ରମା କରିବା ସହ ପରେ କଂଗ୍ରେସ କାର୍ଯ୍ୟାଳୟ ରେ ଶେଷ ହୋଇଥିଲା।

## ନାମାଙ୍କନପତ୍ର ଦାଖଲ କଲେ ରୋହିତ ଓ ସୁଦର୍ଶନ



ସମ୍ବଲପୁର, (ସବ୍ୟୁ): ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ସୁଦର୍ଶନ ହରିପାଲ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର୍ ମହାନ୍ତିଙ୍କ ନିକଟରେ ୨ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ସାଂସଦ ପ୍ରାର୍ଥି ପ୍ରଣବ ପ୍ରକାଶ ଦାସ ଓ ରୋହିତ ମାଁ ସମଲେଶ୍ବରୀଙ୍କ ଦର୍ଶନ କରିଥିଲେ । ପୂଜାର୍ଚ୍ଚନା କରି ଆର୍ଶୀବାଦ କାମନା କରିଥିଲେ । ପରେ ଧାର୍ଯ୍ୟ ସମୟରେ ଏହି ୩ନେତା ନିଜ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପ୍ରବଳ ଖରା ସତ୍ତ୍ବେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଶୋଭଯାତ୍ରାରେ ସାମିଲ ହୋଇଥିଲେ । ବିଭିନ୍ନ ନାରା ଓ ସ୍ଲୋଗାନରେ ସମ୍ବଲପୁର ସହର କମ୍ପି ଉଠିଥିଲା ।

## ସୀମାନ୍ତରେ ଯବାନ ଓ ନକ୍ସଲଙ୍କ ଗୁଳି ବିନିମୟ, ୭ ମାଓବାଦୀ ନିହତ

ମାଲକାନଗିରି, (ସବ୍ୟୁ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଅନ୍ତର୍ଗତ ନାରାୟଣ ପୁର ଜିଲ୍ଲାର ୫୦ କିମି ଦୂରରେ ଥିବା ଜଙ୍ଗଲ ମଧ୍ୟରେ ନକ୍ସଲ ଓ ଯବନଙ୍କ ମଧ୍ୟରେ ଗୁଳି ବିନିମୟ ହେବା ଯୋଗୁଁ ଯବାନଙ୍କ ଏନକାଉଣ୍ଟର ରେ ଦୁଇ ମହିଳା ସମେତ ୭ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମଙ୍ଗଳବାର ସକାଳ ୬ଟା ସମୟରେ ଆବୁଝାମାଡ ଜଙ୍ଗଲରେ ଡିଜିଆର ଓ ଏସଟିଏଫ ଯବାନଙ୍କ ମିଳିତ କମ୍ବିଂ ଅପରେସନ ବେଳେ ନକ୍ସଲ ଓ ଯବନ ଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଘଟଣା ସ୍ଥଳରୁ ବିସ୍ଫୋରକ ସାମଗ୍ରୀ ସହିତ ଏକେ-୪୭ ବନ୍ଧୁକ ଜବତ କରାଯାଇଛି । ବସ୍ତର ଆଇଜି ସୁନ୍ଦର ରାଜ ୭ ନକ୍ସଲଙ୍କ ଶବ ଜବତ କରାଯାଇଥିବା ଗଣ ମାଧ୍ୟମକୁ ଜଣାଇଛନ୍ତି। ପ୍ରକାଶ ଥାଉ କି ଗତ ଏପ୍ରିଲ୍ ୧୬ ତାରିଖ ରେ ଯବାନ ମାନେ ୨୯ ଜଣ ନାବାଳକଙ୍କୁ ନିହତ କରି ଥିଲେ ।

## ବୌଦ୍ଧ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଲୟର୍ସ ଡେ' ପାଳିତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆଜି ଲୟର୍ସ ଡେ ପାଳିତ ହୋଇଯାଇଛି । ଜିଲ୍ଲା ଓକିଲ ସଂଘର ସଭାପତି ଧୁରୀଣ କୁମାର ଦେହୁରୀଙ୍କ ଅଧକ୍ଷତାରେ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ସଭାପତି ଶ୍ରୀ ଦେହୁରୀ ମଧୁବାବୁ ଥିଲେ ଜଣେ ସ୍ୱାଭିମାନୀ ମଣିଷ , ଆଜିର ଦିନରେ ତାଙ୍କର ସ୍ମୃତି ଚାରଣ କରିବା ସମସ୍ତ ଓଡିଆ ଜାତି ପାଇଁ ଗର୍ବ ବୋଲି ମତବ୍ୟକ୍ତ କରିଥିଲେ। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ ,ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତ ବ୍ୟକ୍ତ କରିଥିଲେ । ଏହାପରେ ଜିଲ୍ଲା ଓକିଲ ସଂଘର ସଦସ୍ୟ ମାନେ କୋର୍ଟ ଛକ ପରିସରରେ ଥିବା ମଧୁସୁଦନ ଦାସଙ୍କ ପ୍ରତିମୁର୍ତ୍ତିରେ ଫୁଲମାଳ ସହ ଧୁପ ପ୍ରଦାନ କରିଥିଲେ । ଆଇନଜୀବୀ ତାରେଣୀ କୁମାର ମହାପାତ୍ର ଅଶୋକ କୁମାର ମିଶ୍ର, ଅଶୋକ କୁମାର ସାହୁ, ଦେବରଂଜନ ବିଶି, ଜ୍ଞାନରଂଜନ ପଟ୍ଟନାୟକ, ମନୋଜ ମହାରଣା, ଅମ୍ରିତ ପ୍ରଧାନ, ଯୋଗେଶ ପ୍ରସାଦ ନାୟକ, ଶିବପ୍ରସାଦ ପଣ୍ଡା,ଜୁଲିୟସ ସିଜର ମହାକୁଳ, ପ୍ରଦୀପ କୁମାର ମହାରଣା,ଅବିନାଶ ମେହେର, ପରମେଶ୍ବର ନାଏକ , ସାଲିନୀ ଷଡଙ୍ଗୀଙ୍କ ସମେତ ସଂଘର କର୍ମଚାରୀ ରଙ୍କନିଧି ଲୋଇ ଯୋଗ ଦେଇଥିଲେ ।

# ରାୟଗଡା ନିର୍ବାଚନ ମଣ୍ଡଳୀରେ ତିନି ଯୋଦ୍ଧା,ଭୋଟର ହେବେ ନିର୍ଣ୍ଣାୟକ

ରାୟଗଡା,(ସବ୍ୟୁ): ରାୟଗଡା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କ ନିର୍ବାଚନ ଅଧିକାରୀଙ୍କ ଘୋଷଣା ପରେ ୩ଟି ପ୍ରମୁଖ ଦଳ ନିଜନିଜ ପ୍ରାର୍ଥୀଙ୍କ ନେଇ ରାଜନୀତି ମାହୋଲଟା ଖୁବ ସରଗରମ ହୋଇଯାଇଛି । ତେବେ ଏହି ର୍ନିବାଚନ ମଣ୍ଡଳୀରେ ପ୍ରଥମ ମହିଳା ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ଏବଂ ଭାଜପା ଦଳର ଦୁଇ ସ୍ୱେଚ୍ଛାସେବୀ ସହ ଟକ୍କଟ ହେବାକୁ ନେଇ ସ୍ପଷ୍ଟ ହୋଇଯାଇଛି । କଂଗ୍ରେସ ନେତା ସ୍ୱର୍ଗତ ଅନ୍ତରାମ ମାଝୀଙ୍କ ଝିଅ ଅନୁସୟା ମାଝୀଙ୍କୁ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି । ସେ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ରହିଥିଲେ । ଅଞ୍ଚଳର ବିକାଶ ହୋଇଥିବା ନେଇ ଲୋକଙ୍କ ନିକଟକୁ ଯିବେ । ଠିକ ସେହିପରି ସର୍ବଦା ଗାଁଗାଁ ବୁଲି ସାଧାରଣ ଜନତାଙ୍କ ସୁଖଦୁଖରେ ସହଭାଗିତା ହୋଇଥିବା କଂଗ୍ରେସର ଆପାଲା ସ୍ୱାମୀ କାଡ୍ରାକା ଏବଂ ବିଜେପିର ବସନ୍ତ ଉଲାକା ଦୁଇ ସମାଜସେବୀ ଯୁବକଙ୍କ ଲଢେ ହେବ ସ୍ଥିର ହୋଇଯାଇଛି ।

### ପ୍ରଥମ ମହିଳା ପ୍ରାର୍ଥୀଙ୍କ ଭାବମୂର୍ତ୍ତି ଭରସା

ଅନୁସୟା ମାଝୀ ସ୍ୱର୍ଗତ ଅନ୍ତରାମ ମାଝୀଙ୍କ ହୋଇଥିବା ବେଳେ ସେ କାଶୀପୁରୀଆଙ୍କ ଦୁଖଃ ସୁଖରେ କେବେ ଭାଗିଦାରୀ ହୋଇନାହାଁନ୍ତିଛ କାଶିପୁର ଠାରେ







ଗତ ୨୦୨୨ରେ ମାତ୍ର ୨୪ ଦିନ ମଧ୍ୟରେ କଲେରା ରୋଗରେ ବ୍ୟାପି ୩୮୦ଜଣ ଆକ୍ରାନ୍ତ ହୋଇ ଘରେ ଏବଂ ବିଭିନ୍ନ ଚିକିତ୍ସାଳୟରେ ଭର୍ତ୍ତି ହୋଇ ମଧ ୧୩ଜଣଙ୍କ ମୃତ୍ୟୁ ହୋଇଥିଲାଛ ଏହି ସମୟରେ ଅନୁସୟା ଦିନେ ମଧ କାଶୀପୁରୀଆଙ୍କ ଦୁଖଃରେ ଭାଗିଦାରୀ ହୋଇନଥିଲେ । ଏହା ପରେ କାଶୀପୁର ବ୍ଲକର ଟିକିରି ପଞ୍ଚାୟତ ଅନ୍ତର୍ଗତ ମକପଦର୍ ଗ୍ରାମର ଦୁଇ ଭାଇ ମହେଶ୍ୱର ମାଝି(୨୦) ଏବଂ ନାବାଳକ ରଙ୍ଗାଧର ମାଝି(୧୭) ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟରେ ଚିଙ୍ଗୁଡ଼ି ଫେକ୍ଟ୍ରିକୁ କାମ କରିବାକୁ ଯାଇଥିଲେ ସେଠାରୁ ଦେହ ଅସୁସ୍ଥ ହୋଇ ଲୁଚି ଆସି ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ ଦୁଇ ଦିନରେ ଦୁଇ ଭାଇଙ୍କ ଜୀବନ ଚାଲିଗଲାଛ ସେଠାରେ ମଧ ଉପସ୍ଥିତ ହୋଇନଥିଲେଛ ଏହି ଦିନମାନଙ୍କରେ ଲୋକଙ୍କ ଆଶା ଅନେକ ରିହିଥିବା ବେଳେ ସେ କେବେ ଭାଗିଦାରୀ ହୋଇନଥିବା ସାଧରଣ ଜନତା କହୁଛନ୍ତି । ସରକାରଙ୍କ ବିକାଶ ମୂଳକ ଆଶାକୁ ସେ ପୂର୍ଣ୍ଣ ମାତ୍ରାରେ ଛୁଇଁପାରିନାହାନ୍ତି ଛ ର୍ନିବାଚନ ମଣ୍ଡଳୀରେ ୭୦ପ୍ରତିଶତ ଲୋକଙ୍କ ଜୀବିକା ଚାଷ ଛ କିନ୍ତୁ ଏପର୍ଯ୍ୟନ୍ତ ଏକ ଉନ୍ନତ ମାନର ସେଚ ପ୍ରକଳ୍ପ ହୋଇପାରିଲାନାହିଁ ।କେତେଯେ ପାଣି ନାଗାବଳୀ ଭଳି ଏକ ବୃହତ୍ତ ନଦୀ ଗର୍ଭରେ ବୋହି ଯାଉଛି । ୧୯୯୮ମସିହାରୁ ଏହି ନଦୀର ବେଲକଣା ପ୍ରକଳ୍ପ ସର୍ଭେ ହୋଇ ରହିଥିବା ବେଳେ ପୂର୍ଣ୍ଣଛେଦ ପଡିଯାଇଛି । କେବଳ ସରକାରଙ୍କ ଭତ୍ତା, ଆମ ଓଡିଶା, ନବୀନ ଓଡ଼ିଶା ଯୋଜନାର ପ୍ରଚାର ପ୍ରସାର ଦିଗରେ ସୀମିତ ହୋଇ ରହିଯାଇଥିବା ର୍ନିବାଚନ ମଣ୍ଡାଳିରୁ ସ୍ୱର ଶୁଣିବାକୁ ମିଳୁଛି । ତେବେ ତାଙ୍କ ର୍ନିବାଚନ ମଇଦାନରେ ନବୀନ ପଟନାୟକଙ୍କ ନାମ ସହ ଅଭିଜ୍ଞତା ତଥା ବରିଷ୍ଟ ନେତା ତଥା ତତ୍କାଳୀନ ରାଜ୍ୟସଭା ସାଂସଦ ଏନ. ଭାସ୍କର ରାଓ ରହିଛନ୍ତି । ରାଜନୀତି ଖେଳରେ ଗୋଟି ଚାଳନାରେ ସେ ସର୍ବଦା ଶ୍ରେଷ୍ଟ ଖେଳାଳୀ ସାବ୍ୟସ୍ତ କରିଆସୁଥିବା ବେଳେ ନିଜର ବିଚକ୍ଷଣତା ଯୋଗୁଁ ବିଜୟକୁ ଟାଣି ଆଣିବାର ଅନେକ ନିଦାନ ରହିଛି । କିନ୍ତୁ ବିଜେଡି ଦଳରେ ଗୋଷ୍ଠୀ କନ୍ଦଳ ଏହି ର୍ନିବାଚନ ଉପରେ ପଡିଲେ ଆଶା କ୍ଷୀଣ ହେଉଛି । ତଥାପି ସରକାର ଗତ ୫ବର୍ଷରେ ଅନେକ ବିକାଶ ମୂଳକ କାର୍ଯ୍ୟ କରିଆସିଛନ୍ତି । ଆଦିବାସୀ ଛାତ୍ରଛାତ୍ରୀଙ୍କ ରହିବା ଖାଇବା ସହ ମାଗଣା ଶିକ୍ଷା ବ୍ୟବସ୍ଥା, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକଙ୍କୁ ପ୍ରତି କ୍ଷେତ୍ରରେ ସହାୟତା, ମହିଳା ଶଶକ୍ତି କରଣ, ଶ୍ରମିକ କଲ୍ୟାଣ ଯୋଜନାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବି ବୋଲି ନେତା କହୁଛନ୍ତି।

### ସାମାଜିକ କର୍ମୀରୁ ନେତା

ଗତ ୨ଟି ପର୍ଯ୍ୟାୟରେ ହାରିହାରି ଥିବା କଂଗ୍ରେସ ଏଥରକ ଆପାଲସ୍ୱାମୀ କାଡ୍ରାକା ରୂପେ ଜଣେ ସମାଜସେବୀ ମୁହଁକୁ ଚୟନ କରିଛି ଛ ଜିଲାର ଆଦିବାସୀ ମହାସଙ୍ଘ ନମକ ଏକ ସଙ୍ଗଠନର ନେତୃତ୍ୱକୁ କାନ୍ଧେଇ ଗତ ୧୫ବର୍ଷ ଧରି ସଙ୍ଗଠନର ସଭାପତି ରୂପେ ରହି ସାଧାରଣ ଜନତାଙ୍କ ପାଖରେ ପହଞ୍ଚିପାରିଛନ୍ତି । ଦଳେ କର୍ମୀଙ୍କୁ ଧରି ଗାଁଗାଁ ବୁଲି ଲୋକଙ୍କ ସୁଖଦୁଖରେ ସାମିଲ ହେବା ଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇ ଆସୁଥିବା ସ୍ୱ୍ରର ସବୁଠି ଶୁଣିବାକୁ ମଲୁଛି । ଶୀତ ଦିନରେ ଆଦିବାସୀ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ଯୋଗାଇବା, ର୍ଦେବିଦୁର୍ବିପାକରେ ଲୋକଙ୍କ ପାଖରେ ପହଞ୍ଚି ଆଶ୍ୱାସନା ଦେବା, ଗରିବଙ୍କ ଝିଅ ବିବାହ କାର୍ଯ୍ୟରେ ପାଖରେରହି ସମ୍ପାଦନା, ଜାତିଗତ ପ୍ରମାଣପତ୍ର, ଚିକିତ୍ସାଳୟରେ ପହଞ୍ଚି ରକ୍ତ ଯୋଗାଡ କରିବା ରକ୍ତଦାନ କରିବା ଠାରୁ ଆରମ୍ଭକରି ସୁସ୍ଥ ହେବାପର୍ଯ୍ୟନ୍ତ ରୋଗିଙ୍କ ପରିବାର ନିକଟରେ ରହିବା ଶ୍ମଶାନ ଘାଟରେ ଯେଉଁ ଶବ ଆସିଲେ ଶବସତ୍କରା ପାଇଁ କାଠ ଯୋଗାଇବା ସହ ଗରୀବ ପରିବାରଙ୍କୁ ଆର୍ଥିକ ସାହାଯ୍ୟ ଭଳି ମହତ୍ତ୍ୱ ପୂର୍ଣ୍ଣ କାର୍ଯ୍ୟ ର୍ଦିଘ ବର୍ଷ ହେଲା କରି ଆସୁଛନ୍ତି । ସର୍ବଦା ଲୋକଙ୍କ ପାଖରେ ଠିଆହୋଇ ଆସୁଥିବା ପରିଲିଖିତ କରି ପିସିସିଙ୍କ ମୋହର ପରେ ଆପଲାସ୍ୱାମୀଙ୍କ ନାମକୁ ଘୋଷଣା କରାଯାଇଛି । ତେବେ ଗତ ୫ବର୍ଷରେ ସରକାର ଆଦିବସୀଙ୍କ ପାଇଁ ଅନେକ ଯୋଜନା କରିଥିଲେ ମଧ ତାହା ଲୋକଙ୍କ ନିକଟରେ ପହଞ୍ଚିପାରିନାହିଁ । ଆଜି ମଧ କାଶିପୁର ଅଞ୍ଚଳରେ ଶହେରୁ ଉର୍ଦ୍ଧ୍ୱ ଗାଁକୁ ପାଦଚଲା ରାସ୍ତା ନାହିଁ ଜନନୀ ଯନ୍ତ୍ରଣା ଏବେ ବି ଛଟପଟ ହେଇ ଜୀବନ ଯାଉଛି । ସରକାରଙ୍କ ବିଫଳତାର ବାର୍ତ୍ତାନେଇ ଲୋକଙ୍କ ନିକଟକୁ ଯାଇ ଭୋଟ ଭିକ୍ଷା କରିବି ବୋଲି ଆଲେଚନା ବେଳେ ସେ କହିଛନ୍ତି ।

### ରଣାଙ୍ଗନରେ ଦିତୀୟଥର

ଚଳିତ ର୍ନିବାଚନରେ ଭାରତୀୟ ଜନତାପାର୍ଟୀ (ଭାଜପା) ମଧ ବସନ୍ତ ଉଲାକା ନାମ ଘୋଷଣା କରିଛି । କଂଗ୍ରେସରୁ ଘୋଷଣା କରାଯାଇଥିବା ଆପଲାସ୍ୱାମୀ କାଡ୍ରାକା ଏବଂ ଭାଜପାର ବସନ୍ତ ଉଲାକା ଆଦିବାସୀ ମହାସଙ୍ଘ ଭଳି ଗୋଟିଏ ମହାଦ୍ରୁମର ଦୁଇଟି ମୂଲ୍ୟବାନ ଶାଖା । ତେବେ ବସନ୍ତ କଂଗ୍ରେସ ଛାଡି ଭାଜପାରେ ଯୋଗଦେବା ପରେ ନିଜର ପୂର୍ବ ସମର୍ଥକଙ୍କୁ ଧରି ରାୟଗଡା ବ୍ଲକର ଗାଁଗାଁରେ ବୁଲି ଦଳକୁ ସଙ୍ଗଠିତ କରିଆସୁଥିବା ପରିଲିଖିତ ହୋଇଛି । ସେ ଗଜପର୍ବ ହେଉବା ସାନିପା ବା କାଙ୍ଗାପର୍ବ ହୋଉ ଜାନୀଯାତ୍ରାରେ ରାତିରାତିବାହାରେ ଲୋକଙ୍କ ମେଳରେ ରହିନିଜର ଏକ ସ୍ୱ୍ତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସର୍ବଦା ଦୁର୍ଣ୍ଣିତି ବିରୋଧରେ ସ୍ୱର ଉତ୍ତଳନ କରିବା, ସମ୍ମିଳନୀ ଓ ଶୋଭାଯାତ୍ର କରି ପ୍ରଶାସନିକ ଅଧିକାରୀଙ୍କ ଉପରେ ସୁଶାସନ ପାଇଁ ଚାପ ପକାଇବା ସହ ଗତ କିଛି ଦିନଧରି ସୋସିଆଲ ମିଡିଆରେ ସେ ନିଜକୁ ଖୁବ ସକ୍ରୀୟ ରଖି ଲୋକଙ୍କ ନିକଟତର ହୋବାରେ ସକ୍ଷମ ହୋଇପାରିଛନ୍ତି ବସନ୍ତ ।ଏସବୁ ସତ୍ତ୍ୱେ ର୍ନିବଚାନରେ ପ୍ରାର୍ଥୀଙ୍କ ଭାଗ୍ୟବିଧାତା ହୋଉଛନ୍ତି ଭୋଟର । ଗତବର୍ଷ ମାନଙ୍କରେ ରହିଥିବା ପୂର୍ବାଭାଷକୁ ଧରି ଲୋକେ ପ୍ରସ୍ତୁତ ରହିଛନ୍ତି । ଲୋକଙ୍କ ନିକଟରେ ତିନିଜଣଙ୍କ ପାଇଁ ଅନେକ ପ୍ରଶ୍ନ ମଧ ରହିଛି ।

## ତରଭା ଡାକ୍ତରଖାନା ପାଲଟିଛି ରେଫରାଲ ସେଣ୍ଟର

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଂଚଳର ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଛ ସମଗ୍ର ଏକୋଇଶ ଗୋଟି ପଂଚାୟତ ବ୍ୟତିତ ବଲାଙ୍ଗିର ଜିଲ୍ଲାର ବଇରାସର, ଖଲିଆପାଲି, ବନ୍ଦପଡା ପଂଚାୟତ ସମେତ ସୋନପୁର ବ୍ଲକର ଖାରି , ନାରାୟଣପୁର , ବଲାଡି ଆଦି ଅଂଚଳର ଲୋକେ ଏହି ଡାକ୍ତର ଖାନା ଉପରେ ର୍ନିଭର କରିଥାନ୍ତି । ଡାକ୍ତରଖାନାରେ ପୂର୍ବରୁ ଡାକ୍ତର ସମସ୍ୟା ଲାଗି ରହିଥିଲା ବର୍ତ୍ତମାନ ଏବେ କିଛିଟା ନୂତନ ଡାକ୍ତର ନିଯୁକ୍ତ ହୋଇଛନ୍ତି । ଏବେ ଡାକ୍ତରଖାନାରେ ଜଣେ ମେଡିକାଲ ଅଫିସର ସମେତ ଜଣେ ସର୍ଜରୀ , ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ , ଶିଶୁରୋଗ ବିଶେଷଜ୍ଞ ଏବଂ ଜଣେ ଭେଷଜ ବିଶେଷଜ୍ଞ ସମେତ ଦୁଇ ଏମ ବି ଏସ ଏସ ଓ ଜଣେ ଆୟୁଷ ଡାକ୍ତର ଅଛନ୍ତି ଛଡାକ୍ତର ଅଛନ୍ତି ସତ କଥା କିନ୍ତୁ ଏତେ ସଂଖ୍ୟକ ଡାକ୍ତର ଥାଇ ମଧ୍ୟ ଡାକ୍ତର ଖାନାରେ ଭିଡ ରହିଥାଏ । କାରଣ ସବୁ ଡାକ୍ତର ପ୍ରତିଦିନ ଆସି ନ ଥାନ୍ତି ଏମାନଙ୍କୁ ଅନେକ ସମୟରେ ସୋନପୁର ଓ ନାଇକେନପାଲି ଡାକ୍ତରଖାନାରେ ଡ୍ୟୁଟି କରିବାକୁ ପଡିଥାଏ । ଯଦ୍ଦ୍ୱାରା ଅନେକ ସମୟରେ ର୍ନିଦ୍ଦିଷ୍ଟ ରୋଗି ତାଙ୍କ ଆବଶ୍ୟକ ବିଶେଷଜ୍ଞ ଡାକ୍ତରଙ୍କୁ ନ ପାଇ ବାଧହୋଇ ଆଉଟଡୋର ଡ୍ୟୁଟିରେ ଥିବା ଅନ୍ୟ ବିଭାଗ ଡାକ୍ତରଙ୍କ ଠାରେ ଚିକିତ୍ସିତ ହୋଇଥାନ୍ତି ନତୁବା ସୋନପୁର କିମ୍ବା ବଲାଙ୍ଗିର ଯିବାକୁ ପଡିଥାଏ । ଯଦି ଆମେ ଦେଖିବା ତରଭା ଡାକ୍ତରଖାନାର ଅନ୍ୟ ମୂଖ୍ୟ ସମସ୍ୟା ହେଲା ଆବଶ୍ୟକ ଭିତ୍ତିଭୂମିର ଅଭାବ । ଏହି ଡାକ୍ତର ଖାନାରେ ଏକ୍ସରେ , ଅଲଟ୍ରାସାଉଣ୍ଡ ଏବଂ ରକ୍ତଭଣ୍ଡାର ବ୍ୟବସ୍ଥା ନାହିଁ ଯାହାକି ରୋଗୀମାନଙ୍କୁ ସୋନପୁର ଏବଂ ବଲାଙ୍ଗିର ଡାକ୍ତରଖାନାକୁ ରେଫର୍ କରାଯାଇଥାଏ । ଏପରିକି ରାତ୍ରୀ ସମୟରେ ଯଦି ସ୍ତ୍ରୀ ପ୍ରସୂତି ବିଶେଷଜ୍ଞ ଡାକ୍ତର ନାହାନ୍ତି ସେହି କ୍ଷେତ୍ରରେ ପ୍ରସୂତିଙ୍କୁ ମଧ୍ୟ ରେଫର୍ କରାଯାଇଥାଏ । ଏଣୁ ଯଥା ଶିଘ୍ର ଉପରୋକ୍ତ ସମସ୍ୟାର ସମାଧାନ ନେଇ ସାଧାରଣରେ ଦାବୀ ହୁଏ ।

## ଏଲଏନ୍ କଲେଜରେ ଉତ୍ଯୋଗୀ ବିକାଶ ଉପରେ ଆଲୋଚନାଚକ୍ର

ଝାରସୁଗୁଡ଼ା,(ସବ୍ୟୁ): ଭାରତୀୟ ଉତଯୋଗୀ ବିକାଶ ଅନୁଷ୍ଠାନ ଅହମଦାବାଦ ସହାୟତାରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାର ବାଣିଜ୍ୟ ବିଭାଗ ଓ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟର ଅଧକ୍ଷା ଡ ସ୍ନେହଲତା ମିଶ୍ରଙ୍କ ଅଧକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଉଭୟ ଅନଲାଇନ ଓ ଅଫଲାଇନ ମୋଡ଼ରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଉତଯୋଗୀ ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସତ୍ୟ ରଞ୍ଜନ ଆଚାର୍ଯ୍ୟ ଅନଲାଇନରେ ଯୋଗଦେଇ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ଆତ୍ମର୍ନିଭରଶୀଳ ହେବା ସହିତ ଆଗାମୀ ଦିନରେ ଭାରତର ଅର୍ଥନୈତିକ ବିକାଶ ପାଇଁ ସହଯୋଗୀ ହେବା ସହିତ ଶିଳ୍ପ ତାଲିମ, ଆର୍ଥିକ ସହାୟତା, ବଜାର ବ୍ୟବସ୍ଥା ତଥା ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ଭାବରେ ସଭାରେ ଉପସ୍ଥିତ ଥିଲେ ସେହି ଅନୁଷ୍ଠାନର ସହଯୋଗୀ ପ୍ରଫେସର ଡ. ବିଷ୍ଣୁ ପ୍ରସାଦ ପଣ୍ଡା ତଥା ବେଦାନ୍ତ ସୁଭଲକ୍ଷ୍ମି ପ୍ରୋଜେକ୍ଟ ନିର୍ଦ୍ଦେଶକ ତଥା ଅର୍ଥଶାସ୍ତ୍ରୀ ଶ୍ରୀ ରଶ୍ମୀ ରଞ୍ଜନ ବାଗଛ ସେମାନେ ଛାତ୍ର ଛାତ୍ରୀ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ଓ ଝାରସୁଗୁଡ଼ା ପରି ଏକ ଶିଳ୍ପ ସମୃଦ୍ଧ ଜିଲ୍ଲାରେ ଅପାର ସମ୍ଭାବନା ଉପରେ ଆଲୋଚନା କରିଥିଲେଛ ପ୍ରାରମ୍ଭରେ ବାଣିଜ୍ୟ ଅଧାପକ ଡ ଦେବୀ ପ୍ରସାଦ ବେହେରା କାର୍ଯକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ପ୍ରାଧାପକ ତପନ କୁମାର ବାରିକ, ବାଣିଜ୍ୟ ବିଭାଗର ସମସ୍ତ ଅଧାପକ ଅଧାପିକା ତଥା ଅନ୍ୟ ବିଭାଗର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଶେଷରେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧାପିକା ପୂଜା ସାହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବରଗଡ଼ ବିଜେପିକୁ ଶକ୍ତ ଧକ୍କା

# ବରଗଡ଼ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସମ୍ପାଦିକା ଅନୁରାଧା ଅଗ୍ରୱାଲଙ୍କ ବିଜେଡିରେ ଯୋଗଦାନ

ବରଗଡ,(ସବ୍ୟୁ) : ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସର ରେ ଟାଉନ ବିଜେଡି ସଭାପତି କିଶୋର ମିଶ୍ର ଙ୍କ ଅଧକ୍ଷତା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବିଜେଡି ର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ବରଗଡ଼ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଅନୁରାଧା ଅଗ୍ରୱାଲ ବିଜେପି ଛାଡ଼ି ବିଜେଡି ରେ ଯୋଗ ଦେଇଛନ୍ତି ଗତ କାଲି ସେ ତାଙ୍କର ଇସ୍ତଫା ପତ୍ର ବରଗଡ଼ ବିଜେପି ଜିଲ୍ଲା ସଭାପତିଙ୍କୁ ପଠାଇ ସାରିଥିବା ବେଳେ ତାଙ୍କ ଇସ୍ତଫା ପତ୍ର ରେ ବିଜେପି ଦଳ ମୋ ପ୍ରତି ଉଚିତ୍ ସମ୍ମାନ ନଦେଇ ଅନ୍ୟାୟ କରିଛି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନେତୃତ୍ବ ତଥା ରାଜ୍ୟ ରେ ମହିଳା ସଶକ୍ତି କରଣ ରେ ରହିଥିବା ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସ୍ୱଚ୍ଛ ବ୍ୟକ୍ତିତ୍ୱ ତଥା ଆଦର୍ଶ ରେ ଅନୁପ୍ରାଣୀତ ହୋଇ ସେ ତାଙ୍କର ଶତାଧିକ ସମର୍ଥକ ଙ୍କ ସହ ବିଜେଡି ରେ ଯୋଗ ଦେଇଥିବା ଉଲ୍ଲେଖ କରିଥିଲେ । ଏଥି ସହିତ ବିଜୁ ଜନତା ଦଳ ପାଇଁ ଜଣେ ଶୃଙ୍ଖଳିତ କର୍ମୀ ଭାବେ ନିଷ୍ଠା ର ସହିତ କାର୍ଯ୍ୟ କରିବେ ବୋଲି ଉଲ୍ଲେଖ କରିଥିଲେ । ପ୍ରକାଶ ଥାଉ କି ଗତ ବରଗଡ଼ ପୌର ନିର୍ବାଚନରେ ଶ୍ରୀମତୀ ଅଗ୍ରୱାଲ ବିଜେପିର ଚେୟାରମ୍ୟାନ ପ୍ରାର୍ଥୀ ଭାବେ ସିଧା ସଳଖ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ରହି ବରଗଡ଼ ବାସୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ପୂର୍ବରୁ ଫର୍ ର ଅଧକ୍ଷା ମୀନାକ୍ଷୀ ମିଶ୍ର ଶଙ୍ଖ ଭବନ ରେ ବିଜେଡି ରେ ଯୋଗ ଦେଇ ସରିଥିବା ବେଳେ ଆଜି ତାଙ୍କୁ ବରଗଡ଼ ବିଜୁ ଜନତା ଦଳ ତରଫରୁ ସ୍ୱାଗତ କରାଯାଇଥିଲା । ପୂର୍ବରୁ ବିଜେଡି ରେ ଯୋଗ ଦେଇଥିବା ସମସ୍ତ ନେତୃ ମଣ୍ଡଳୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ତେବେ ସାଧାରଣ ନିର୍ବାଚନ ମାତ୍ର ଆଉ କିଛି ଦିନ ବାକି ଥିବା ବେଳେ ଅନୁରାଧା ଅଗ୍ରୱାଲ ବିଜେପିରୁ ଇସ୍ତଫା ଦେଇ ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦାନ ଓ ସ୍ୱର୍ଗତ ଟୁକୁ ମିଶ୍ର ଙ୍କ ଧର୍ମ ପତ୍ନୀ ଫର୍ ଅଧକ୍ଷା ସାମାଜିକ କର୍ମୀ ମୀନାକ୍ଷୀ ମିଶ୍ରଙ୍କ ଭଳି ଦୁଇ ଜଣ ନାରୀନେତ୍ରୀଙ୍କ ବିଜେଡି ରେ ଯୋଗ ଦାନ ଫଳରେ ବରଗଡ଼ ବିଜେଡି ଆହୁରି ସୁଦୃଢ଼ ହେବା ସହିତ ବରଗଡ଼ ବିଧାନ ସଭା ବିଜେପି ପ୍ରାର୍ଥୀଙ୍କୁ ଶକ୍ତ ଧକ୍କା ଲାଗିଥିବା ଜନ ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି । ଏହି ମିଶ୍ରଣ ପର୍ବ ରେ ବରଗଡ଼ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର, ପୌର ଅଧକ୍ଷା କଳ୍ପନା ମାଝୀ, ବିଜେଡି ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଅଶୋକ ଯୋଶୀ, କୁଶ ପ୍ରଧାନ, ହରିହର ପ୍ରଧାନ, ପବିତ୍ର ଦେହେରି , ଆଶୁତୋଷ ରଥ, ଯୁବ ନେତା ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଙ୍କ ସମେତ ବହୁ ବିଜେଡି ଦଳୀୟ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ ।

## ସାଧାରଣ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାରେ ଅନୁଷ୍ଠିତ ହେବାକୁଥିବା ସାଧାରଣ ନିର୍ବାଚନର ପ୍ରସ୍ତୁତି ଏବଂ ଏଥିପାଇଁ କାର୍ଯ୍ୟ ଖସଡ଼ା କିଭଳି ପ୍ରସ୍ତୁତ ହୋଇଛି ଏ ସମ୍ପର୍କରେ ସମୀକ୍ଷା ବୈଠକ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୭୭- ଲାଞ୍ଜିଗଡ଼, ୮୦- ଭବାନୀପାଟଣା ଓ ୮୧- ନର୍ଲା ନିର୍ବାଚନ ମଣ୍ଡଳୀପାଇଁ ଅଶୋକ ଚୌଧୁରୀ ଏବଂ ୭୮- ଜୁନାଗଡ, ୭୯- ଧର୍ମଗଡ ନିର୍ବାଚନ ମଣ୍ଡଳୀ ପାଇଁ ସୁଦେଶ କୁମାର ମୋକ୍ତା,ସାଧାରଣ ପର୍ଯ୍ୟବେକ୍ଷକ ରୂପେ ନିୟୋଜିତ ଅଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ବିଶେଷ କରି ମତଦାନ ନିମନ୍ତେ ଭୋଟରଙ୍କ ସୁବିଧା, ବୁଥ୍ ଗୁଡ଼ିକର ସ୍ଥାନ ଓ ସ୍ଥିତି,ଆଧୁନିକ ବୁଥ୍, ଯୁବ ଭୋଟର୍ ବୁଥ୍, ସଖୀ ବୁଥ, ଭିନ୍ନକ୍ଷମ ବୁଥ୍, ଇଭିଏମ ପ୍ରସ୍ତୁତି, ପୋଲିଂ ଅଧିକାରୀ,ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ସି ଭିଜିଲ୍ ରିପୋର୍ଟ, ପୋଷ୍ଟଲ ବାଲାଟ, ହୋମ ଭୋଟିଂ, ସମ୍ବେଦନଶୀଳ ବୁଥ,ପୋଲିସ ମୁତୟନ, ଆବଶ୍ୟକ ପୋଲିସ ଫୋର୍ସ,ଫ୍ଲାଇଙ୍ଗ ସ୍କ୍ୱାଡ୍, ଏସ ଏସ ଟି, ପୋଲିସ ଟିମ୍ ଦ୍ୱାରା ବେଆଇନ ନିଶାଦ୍ରବ୍ୟ, ଟଙ୍କା ଜବତ ଉପରେ ସମୀକ୍ଷା କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ଅଶୋକ ଚୌଧୁରୀଙ୍କ ମୋବାଇଲ ନମ୍ବର ୭୮୪୮୦୯୬୭୭୪, ସାଧାରଣ ପର୍ଯ୍ୟବେକ୍ଷକ ସୁଦେସ କୁମାର ମୋକ୍ତାଙ୍କ ମୋବାଇଲ ନମ୍ବର ୯୬୯୨୫୩୫୨୭୯ ରେ ଜନ ସାଧାରଣଙ୍କ ନିର୍ବାଚନ ସମ୍ବନ୍ଧୀୟ ଓ ଆଚରଣ ବିଧି ଉଲଘଂନ ଉପରେ ଅଭିଯୋଗ କରିପାରିବେ। ବୈଠକରେ ୧୧ କଳାହାଣ୍ଡି ପି ସି ଖର୍ଚ୍ଚ ପର୍ଯ୍ୟବେକ୍ଷକ ବୈଭବ ସିଂ ଚୌହାନ, ଲାଞ୍ଜିଗଡ଼,ଭବାନୀପାଟଣା ଓ ନର୍ଲା ଏ ସି ଖର୍ଚ୍ଚ ପର୍ଯ୍ୟବେକ୍ଷକ କେ. ସୁରଜିତ, ଜୁନାଗଡ଼ ଓ ଧର୍ମଗଡ ଏ ସି ଖର୍ଚ୍ଚ ପର୍ଯ୍ୟବେକ୍ଷକ ମନିଶଙ୍କର ବର୍ଦୋଲୋଇ ,୧୧ କଳାହାଣ୍ଡି ପି ସି ପୋଲିସ୍ ପର୍ଯ୍ୟବେକ୍ଷକ ୱାସିମ୍ ଆକ୍ରମ ଙ୍କ ସହ ଏସପି ଅଭିଳାଷ ଜି, ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର,ତନ୍ମୟ କୁମାର ଦରୱାନ , ସି ଡି ଓ, ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଧର୍ମଗଡ ଧିମନ ଚକମା, ସମସ୍ତ ଏ ଇ ଓ, ଏ ଆର୍ ଓ ନିର୍ବାଚନ ସଂଯୁକ୍ତ ଅଧିକାରୀ,ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିମ ବଣ୍ଡା ଜନଜାତିଙ୍କ ଆତିଥ୍ୟ ଭିନ୍ନ ଓ ଅନନ୍ୟ

ମାଲକାନଗିରି, (ସବ୍ୟୁ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଆଦିମ ଜନଜାତି ବଣ୍ଡା, ଡିଡାଇ, ଦୁରୁଆ, କୋୟା ଭଳି ସଂପ୍ରଦାୟ ବସବାସ କରନ୍ତି। ଏମାନଙ୍କ ମଧ୍ୟରୁ ବଣ୍ଡା ଜନଜାତି ସର୍ବ ପୁରାତନ । ଏହି ଜନଜାତିର ପରମ୍ପରା, ସଂସ୍କୃତି, କଳା ଏବଂ ଚାଲିଚଳଣ ଅନ୍ୟମାନଙ୍କ ଠାରୁ ଅଲଗା ହେଲେ ମଧ ଏମାନେ ୧୨ ମାସରେ ତେର ପର୍ବ ପାଳନ୍ତି। ଏହି ଜନଜାତି ଜିଲ୍ଲାର ଖଇରପୁଟ ବ୍ଲକର ସମୁଦ୍ର ପତନ ଠାରୁ ୫ ହଜାର ଫୁଟ ଉଚ୍ଚ ପାହାଡ ଉପରେ ବସବାସ କରନ୍ତି। ପାହାଡ ଉପରେ ଦୁଇଟି ପଞ୍ଚାୟତ ରହିଛି। ମୁଦୁଲିପଡା ଏବଂ ଅଣ୍ଡ୍ରାହାଲ ପଞ୍ଚାୟତର ୩୨ଟି ଗ୍ରାମରେ ପ୍ରାୟ ୭ ହଜାର ବଣ୍ଡା ଜନଜାତିର ଲୋକେ ବସବାସ କରନ୍ତି।

ଏବେ ବଣ୍ଡାଘାଟିରେ ଚୈତ୍ର ପରବ ଧୁମଧାମରେ ପାଳିତ ହେଉଛି। ଅନ୍ୟ ଜନଜାତିଙ୍କ ଭଳି ଏମାନଙ୍କର ମଧ ପରବ ପାଳନ କରିବାରେ ଭିନ୍ନ ପରମ୍ପରା ରହିଛି। ଏମାନେ ମଧ ଚୈତ୍ର ପରବରେ ବେଣ୍ଟ ଶିକାର କରିବାକୁ ଯାନ୍ତି। ଏହି ପରବରେ ଆମ୍ବ ସହ ମକା ଏବଂ ଅନ୍ୟ ପନିପରିବା ଖାଇଥାନ୍ତି।

ତେବେ ପରବ ସମୟରେ ହେଉ ବା ଅନ୍ୟ ସମୟରେ ଯଦି ଏମାନଙ୍କ ଗାଁକୁ କେହି ଅତିଥି ଯାନ୍ତି ତେବେ ସେମାନଙ୍କ ଆତିଥ୍ୟ ସେବାରେ ନିଜକୁ ଉତ୍ସର୍ଗ କରିଦିଅନ୍ତି। ଏମାନେ ପୂର୍ବରୁ ଏକ ପ୍ରକାର ହିଂସ୍ର ଥିଲେ। ସବୁବେଳେ ଧନୁତୀର ଧରି ଜଂଗଲରେ ବୁଲନ୍ତି। ନୂଆ ଲୋକଙ୍କୁ ଦେଖିଲେ ଗୋଡାଇ



ଆଣନ୍ତି। କିନ୍ତୁ ଏବେ ପରିସ୍ଥିତି ବଦଳି ଯାଇଛି। ଲୋକଙ୍କ ସହ ମିଳାମିଶା କରିବା ପରେ ଆଧୁନିକତାର ସ୍ପର୍ଶ ଏମାନଙ୍କୁ ଛୁଇଁସାରିଲାଣି। ଏମାନଙ୍କ ଘରକୁ ଅତିଥି ହୋଇ ଯିବା ପରେ ସେମାନେ ନିଜର ପରମ୍ପରା ଅନୁଯାୟୀ ଭଗବାନ ସଦୃଶ୍ୟ ଅତିଥିଙ୍କୁ ସମସ୍ତ ସେବା ଯୋଗାନ୍ତି। ନିଜର ପାରମ୍ପାରିକ ବେଶଭୂଷା ମଧ ପିନ୍ଧିବାକୁ ଦିଅନ୍ତି। ସେମାନେ ଯାହା ଖାନ୍ତି ତାକୁ ମଧ ଅତିଥି ନିକଟରେ ପରଶି ଦିଅନ୍ତି। କାହିଁ କେଉଁ କାଳରୁ ଚାଲିଆସୁଥିବା ଚାଲିଚଳଣ ମଧ୍ୟରୁ ଅତିଥିଙ୍କୁ ନିଜେ ରାନ୍ଧିଥିବା ମଦ ଓ ପାଳିଥିବା କୁକୁଡା ମାଂସର ସ୍ୱାଦ ମଧ ଚଖାନ୍ତି। ଏହି ଆତିଥ୍ୟ ସେବାରେ ଏହି ଜନଜାତିଙ୍କ ନିକଟରେ ନିଶ୍ଚିତ ଭାବେ ରଣ ରହିବ। ଅତିଥି ଯିବା ସମୟରେ ବାଡିରେ ଫଳିଥିବା ଖାଦ୍ୟଶସ୍ୟ,ପନିପରିବା ହେଉ ବା ପାଳିଥିବା କୁକୁଡା, ଛେଳିକୁ ମଧ ଅତିଥିଙ୍କୁ ପ୍ରଦାନ କରାଯାଇଥାଏ। ପୁଣି ଦୀର୍ଘ ଦିନ ମନେ ରଖିବା ପାଇଁ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ମାଳି ଏବଂ ଅଳଙ୍କାର ମଧ ପ୍ରଦାନ କରିଥାନ୍ତି। ଯାହା ସ୍ମୃତି ହୋଇ ଅନେକ ଦିନ ରହିବ ଏବଂ ମନେ ପକାଉଥିବା। ଏଭଳି ଏକ ଜନଜାତିଙ୍କ ଏହି ଭିନ୍ନ ଓ ଅନନ୍ୟ ଅତିଥି ସେବା ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ ।

## ବସୁଧାମେକ୍ସ ପକ୍ଷରୁ ମହିଳାଙ୍କୁ ମାଗଣାରେ ସେନିଟାରୀ ପ୍ୟାଡ୍ ବଣ୍ଟନ



ବଲାଙ୍ଗୀର, (ସବ୍ୟୁ) : ସ୍ଥାନୀୟ ହାଟପଦା ପଡା ଠାରେ ଆଜି ସଂଧ୍ୟା ସମୟରେ ବସୁଧାମେକ୍ସ ପକ୍ଷରୁ ସ୍ଥାନୀୟ ମହିଳାମାନଙ୍କୁ ସେନିଟାରୀ ପେଡ ମାଗଣାରେ ବଟଂନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ରୁପେ ସମାଜସେବୀ ତଥା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରି ସରୀତା ଯୋଶୀ ଯୋଗଦେଇ ସେନିଟାରୀ ପେଡ ବଟଂନ କରିବା ସହ ଏହାର ଉପକାରିତା ବିଷୟରେ ସଚେତନ କରିଥିଲେ ଏବଂ ଉପସ୍ଥିତ ମହିଳାମାନଙ୍କୁ ଜବ ବେଟି ରହେଗୀ ସୁରକ୍ଷିତ ତୋ ଦେସ ରହେଗା ସୁରକ୍ଷିତ ବୋଲି ବୁଝାଇଥିଲେ । ଏହି କାର୍ଯ୍ୟକ୍ରମକୁ ବସୁଧାମେକ୍ସର ଅଙ୍କିତା ଦାସ ପରିଚାଳନା କରିଥିବା ବେଳେ ତାଲପାଲି ପଡା, ବରପାଲି ପଡା, ବ୍ରାହ୍ମଣ ପଡା ଓ ହାଟପଦା ପଡାର ବହୁ ସଂଖ୍ୟାରେ ମହିଳାମାନେ ଯୋଗଦେବା ସହ ତାଙ୍କୁ ସେନିଟାରୀ ପେଡ ବଟଂନ କରାଯାଇଥିଲା ।

(ଶ୍ରୀମଭଗବଦ୍ ଗୀତା ୫/୧୯)

-କର୍ମ୍ମସନ୍ୟାସଯୋଗଃ-

(ଶ୍ରୀଭଗବାନୁବାଚ)

**ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।**
**ନିର୍ଦ୍ଦୋଷଂ ହିସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ ॥୧୯॥**

ଯେଉଁମାନଙ୍କର ମନ ସର୍ବଦା ସମଭାବରେ ଅବସ୍ଥିତ, ସେମାନେ ଏ ସଂସାରରେ (ଜୀବିତ ଥାଉଁ ଥାଉଁ) ସଂସାର ଜର କରିଛନ୍ତ, ଯେହେତୁ ବ୍ରହ୍ମ ନିର୍ଦ୍ଦୋଷ ଓ ସର୍ବତ୍ର ସମଭାବରେ ଅବସ୍ଥିତ, ସୁତରାଂ ସେମାନେ ବ୍ରହ୍ମଭାବେ ବ୍ରାପ୍ତ ହୋଇଛନ୍ତି ॥୧୯॥

## ସମ୍ପାଦକୀୟ

# ଗଣତନ୍ତ୍ର ପ୍ରତି ଉପହାସ

ସୁରଟରେ ଯାହା ଘଟିଗଲା, ତାହା ବାସ୍ତବିକ ଦୁଃଖର ବିଷୟ ଏବଂ ଏହାକୁ ନେଇ ବିତର୍କ ହେବା ଜରୁରୀ । ଯେଉଁଭଳି ଭାବରେ ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦିତାରୁ ଓହରିଗଲେ ବା ସେମାନଙ୍କର ପ୍ରାର୍ଥୀପତ୍ର ନାକଚ ହେଇଗଲା, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବ ନିଶ୍ଚୟ । ଏହାଦ୍ୱାରା ପ୍ରତିଦ୍ୱନ୍ଦିତା ବିନା ଜଣେ ପ୍ରାର୍ଥୀ ବିଜୟୀ ହେଲେ । ଏହା କଣ ପାଇଁ ହେଲା, ତାର କାରଣ ଉନ୍ମୋଚନ ହେବା ଦରକାର ଏବଂ କାରଣକୁ ନେଇ ବିତର୍କ ହେବା ମଧ୍ୟ ଜରୁରୀ । ଗୁଜୁରାଟର ଏହି ଲୋକସଭା ନିର୍ବାଚନମଣ୍ଡଳୀରେ ବିଜେପି, କଂଗ୍ରେସ, ବିଏସପି ଏବଂ କିଛି ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ହେବାର ଥିଲା, ଯାହା ଶେଷ ମୁହୂର୍ତ୍ତରେ ଓଲଟି ଯାଇଥିଲା । ପ୍ରଥମେ ଜିଲ୍ଲା ନିର୍ବାଚନ ଅଧିକାରୀ ସେଠାକାର କଂଗ୍ରେସ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ ହୋଇଥିବା ନାମାଙ୍କନ ପତ୍ରକୁ ପ୍ରତ୍ୟାଖ୍ୟାନ କରିଥିଲେ କାରଣ ସମ୍ପର୍କରେ କୁହାଯାଉଛି ଯେ' ଯେଉଁମାନେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରସ୍ତାବକ ଥିଲେ, ସେମାନେ ନାମାଙ୍କନ ପତ୍ରରେ ସେମାନଙ୍କ ଦସ୍ତଖତକୁ ଅସ୍ୱୀକାର କରିଥିଲେ । ଏହି କାରଣ ମଧ୍ୟ ଅନୁସନ୍ଧାନ ଯୋଗ୍ୟ । କାରଣ ପ୍ରସ୍ତାବକମାନେ ପ୍ରାର୍ଥୀଙ୍କ ନିଜ ସମ୍ପର୍କୀୟ ଓ ବନ୍ଧୁ ଥିଲେ । ବ୍ୟାକ୍ ଅପ୍ ପ୍ରାର୍ଥୀଙ୍କ କାଗଜପତ୍ର ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଥିଲା କାରଣ ତାଙ୍କର ଜଣେ ପ୍ରସ୍ତାବକ କହିଛନ୍ତି ଯେ ତାଙ୍କ ଦସ୍ତଖତ ଜାଲ୍ ଥିଲା । ଏହି ପ୍ରତିଯୋଗିତାରେ ନଅ ଜଣ ପ୍ରତିଯୋଗୀ ଥିଲେ ଏବଂ ପରବର୍ତ୍ତୀ ଅବସ୍ଥାରେ ଜଣଙ୍କ ବ୍ୟତୀତ ସମସ୍ତେ ନିଜ ନାମାଙ୍କନ ପ୍ରତ୍ୟାହାର କରିନେଲେ, ଯାହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା । ସୁରଟରେ ଭୋଟରମାନେ ୭୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଲୋକସଭା ନିର୍ବାଚନରେ ମତଦାନ କରିବେ ନାହିଁ । ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହେଲେ । ପ୍ରାର୍ଥୀମାନଙ୍କୁ ସେମାନଙ୍କର ପ୍ରସ୍ତାବକମାନେ ହଇରାଣ କରିବା ପାଇଁ ଏହି ନାଟକ କରିଛନ୍ତି ବା ପ୍ରାର୍ଥୀମାନେ ଏହି ଯୋଜନା ନିଜେ କରିଛନ୍ତି, ତାହା ଆଲୋଚନା ସାପେକ୍ଷ । ଅରୁଣାଚଳ ପ୍ରଦେଶର ବିଧାନସଭା ନିର୍ବାଚନରେ ମଧ୍ୟ ବିଜେପି ୧୦ ଟି ଆସନରେ ନିର୍ଦ୍ୱନ୍ଦରେ ଜିତିଛି । ଏହିଭଳି ଘଟଣା, ବିରୋଧୀ ବିନା ରାଜନୀତିକୁ ଉତ୍ସାହିତ କରୁଛି । ଏହା ହେଉଛି ନିର୍ବାଚନ ପ୍ରତିଯୋଗିତାର ବିଲୋପ, ଯାହା ବିନା ଗଣତନ୍ତ୍ର ବଞ୍ଚିପାରିବ ନାହିଁ । ଏହା କେବଳ କ୍ଷମତାସୀନ ଦେଶମାନଙ୍କରେ ଘଟେ । ସୁରଟର ଲୋକଙ୍କୁ ମଧ୍ୟ ସେମାନଙ୍କର ଭୋଟ୍ ଦେବାର ଅଧିକାରରୁ ବଞ୍ଚିତ କରାଯାଇଛି । ପ୍ରାର୍ଥୀଙ୍କ ଓହରି ଯିବାର କାରଣ ଯାହା ହେଉନା କାହିଁକି ଏହିପରି ଘଟଣା ଗଣତନ୍ତ୍ରକୁ ଦୁର୍ବଳ କରିବ । ଦେଶରେ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଏବଂ ଗଣତନ୍ତ୍ର ପାଇଁ ବିପଦ ରୂପେ ଗଣନା କରାଯାଇପାରେ ଏବଂ ନିର୍ବାଚନରୁ ଓହରି ଯାଇଥିବା ପ୍ରତିଦ୍ୱନ୍ଦୀମାନେ ଲୋକଙ୍କୁ ମନପସନ୍ଦର ପ୍ରାର୍ଥୀ ଗଣତାନ୍ତ୍ରିକ ଉପାୟରେ ବାଛିବା ପାଇଁ ସୁଯୋଗ ଦେଇନାହାନ୍ତି ବୋଲି କୁହାଯାଇପାରେ । ହେଇପାରେ, ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହେଇଥିବା ପ୍ରାର୍ଥୀ ହିଁ ଯୋଗ୍ୟ ପ୍ରାର୍ଥୀ ଏବଂ ଲୋକଙ୍କ ପସନ୍ଦର ପ୍ରାର୍ଥୀ, କିନ୍ତୁ ଏହା ନିର୍ବାଚନ ପ୍ରତିଦ୍ୱନ୍ଦିତା ମାଧ୍ୟମରେ ନିଷ୍ପତ୍ତି ହେଇଥିଲେ ଭଲ ହେଇଥାନ୍ତା । ମୋଟ ଉପରେ, ଗଣତନ୍ତ୍ର ପାଇଁ ଏହା ଭଲ ଉଦାହରଣ ସୃଷ୍ଟି କରୁନାହିଁ । ଏହି ଘଟଣାକୁ ନିର୍ବାଚନ ଆୟୋଗ ଗୁରୁତର ସହ ନେବା ଉଚିତ । ଯେମିତି ଭୋଟରଙ୍କୁ କୌଣସି ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ଚାପ, ପ୍ରଭାବିତ କିମ୍ବା ବାଧ୍ୟ ନହେବାକୁ ନିଶ୍ଚିତ କରିବା ନିର୍ବାଚନ ଆୟୋଗର ଦାୟିତ୍ୱ ଅଟେ । ସେହିଭଳି ସନ୍ଦେହଜନକ ପରିସ୍ଥିତିରେ ପ୍ରାର୍ଥୀମାନେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ନ କରିବା ନିଶ୍ଚିତ କରିବା ଏହାର ସମାନ ଦାୟିତ୍ୱ ଅଟେ । ଗଣତନ୍ତ୍ରକୁ ଦୃଢ କରିବା ପାଇଁ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ନିଶ୍ଚିତ କରିବାକୁ ପଡିବ ଏବଂ ସୁରଟ ଏକ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ନ ହେବା ନିଶ୍ଚିତ ଭାବରେ ଦୁଃଖ ଓ କ୍ଷୋଭର ବିଷୟ । ନିକଟରେ ଚଣ୍ଡିଗଡ଼ ମେୟର ନିର୍ବାଚନରେ ମଧ୍ୟ ଏହିଭଳି ଗୋଟିଏ ଘଟଣା ଘଟିଥିଲା । ମେୟର ନିର୍ବାଚନବେଳେ କେତେକ ଭୋଟକୁ ଜଣେ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ଅବୈଧ ବୋଲି କୁହାଯାଇଥିଲା । ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ହିଁ ଏହାର ପର୍ଦାଫାଶ କରିବା ସହ ଗଣତନ୍ତ୍ର ପ୍ରକ୍ରିୟାକୁ ସୁରକ୍ଷିତ କରିଥିଲା । ଇନ୍ଦୋର ଲୋକସଭା ପାଇଁ କଂଗ୍ରେସ ପ୍ରାର୍ଥୀ ମଧ୍ୟ ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି । ତା'ର କାରଣ ମଧ୍ୟ ଅସ୍ପଷ୍ଟ । ତେବେ ସୁରଟ ଭଳି ଘଟଣା ସବୁ ଦଳ ପାଇଁ ଚିନ୍ତା କରିବାର ବିଷୟ ଏବଂ ଆମେ ଆମର ଗଣତନ୍ତ୍ରର ମହାନତା ପାଇଁ ସାରା ବିଶ୍ୱରେ ପ୍ରଶଂସିତ ହେଉଥିବାବେଳ ଏହିଭଳି ଘଟଣା ଆମକୁ ନିନ୍ଦିତ କରିବ ନିଶ୍ଚୟ । ଏହି ଭଳି ଘଟଣା ଭବିଷ୍ୟତରେ କିପରି ପୁନରାବୃତ୍ତି ନ ହେଉ ସେ ଦିଗରେ, ରାଜନୈତିକ ଦଳ, ନେତା ଏବଂ ପ୍ରଶାସନ ଆବଶ୍ୟକ ଦୃଷ୍ଟି ଦେବା ଦରକାର ।

# ସର୍ବାଗ୍ରେ ଭୋଟଦାତା

ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ୧୩ ଟି ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳରୁ ୮୮ଟି ଆସନ ପାଇଁ ମତଦାନର ଏକ ତୁଳନାତ୍ମକ ମୂଲ୍ୟାଙ୍କନରୁ ଜଣାପଡିଛି ଯେ ପୂର୍ବ ଏବଂ ଉତ୍ତର ପୂର୍ବ (ଆସାମ, ମଣିପୁର, ତ୍ରିପୁରା, ପଶ୍ଚିମବଙ୍ଗ) ରେ ୭୦ ପ୍ରତିଶତରୁ ଅଧିକ ମତଦାନ ହେଇଥିବା ବେଳେ ବିହାର ଓ ଉତ୍ତରପ୍ରଦେଶରେ କମ୍ ଭୋଟ ହାର (୬୦% ରୁ କମ୍) ପୂର୍ବ ଧାରା ଅନୁସରଣ କରିଛି । କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନରେ ମଧ୍ୟ ଏହି ମତଦାନ କମ୍ ଥିବା ପରି ମନେହୁଏ, କିନ୍ତୁ ଏହାର କାରଣଗୁଡିକର ଅଧିକ ବିଶ୍ଳେଷଣ କରିବା ଆବଶ୍ୟକ । ପ୍ରଥମ ପର୍ଯ୍ୟାୟରେ ୨୦୧୯ ତୁଳନାରେ ଭୋଟରଙ୍କ ସଂଖ୍ୟା ହ୍ରାସ ପାଇଛି ଏବଂ ଅନେକ ରାଜ୍ୟରେ ହିଟ ୱେଭ ଅବସ୍ଥା ଦାୟୀ ବୋଲି ଅନୁମାନ କରାଯାଉଥିବାବେଳେ, ବାସ୍ତବତା କଣ, ତାହା ଜାଣିବା ଜରୁରୀ । ତେବେ ହିଟ ୱେଭ କେବଳ ଗୋଟିଏ କାରଣ ନୁହେଁ ହୁଏତ ଅନ୍ୟ କିଛି କାରଣ ମଧ୍ୟ ଥାଇପାରେ । ୨୦୧୯ ତୁଳନାରେ ଭୋଟରମାନେ ଭୋଟ ଦେବା ପାଇଁ ଅଧିକ ଉତ୍ସାହିତ ନ ଥାଇପାରନ୍ତି ମଧ୍ୟ । ଲୋକଙ୍କ ପାଖରେ ହୁଏତ ୨୦୧୯ ତୁଳନାରେ ଯେଉଁ ସବୁ ପସନ୍ଦ ରହିଛି ତାହା ଜନତାଙ୍କୁ ଭୋଟ ଦେବାପାଇଁ ଅଧିକ ଉତ୍ସାହିତ କରୁନାହିଁ । ୨୦୧୯ରେ ବିଜେପି ଏକ ଆରାମଦାୟକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ଏବଂ ଭୋଟ ହାର ବଢିବା ସହ ବିଜେପି ମଧ୍ୟ ଭଲ ଭୋଟ ପାଇଥିଲା । ଏବେକାର କମ୍ ମତଦାନ ଏହା ପାଇଁ ଚିନ୍ତାର ସଙ୍କେତ ହୋଇପାରେ । ଅନ୍ୟପକ୍ଷରେ ଅଧିକ ଭୋଟ ହାର, ସରକାରଙ୍କ ବିପକ୍ଷରେ ମତଦାନ ବୋଲି ମଧ୍ୟ ଧରି ନିଆଯାଏ । ତେବେ ଏହାର ସପକ୍ଷରେ ସେମିତି କୌଣସି ଯୁକ୍ତି ନାହିଁ । କିନ୍ତୁ ହିଟ ୱେଭ ନିଶ୍ଚୟ ଏକ କାରଣ ଏବଂ ଏହା ସହ ଅନ୍ୟାନ୍ୟ କାରଣ ମଧ୍ୟ ରହିଛି । ଗୋଟିଏ ମୁଖ୍ୟ କାରଣ ହେଉଛି, ଜନତା ରାଜନୈତିକ ଦଳଗୁଡିକ ଠାରୁ ଆହୁରି ଅଧିକ କିଛି ଆଶା କରୁଛନ୍ତି । ଯଦିଓ ଦୀର୍ଘ ଦିନ ହେବ, ରାଜନୈତିକ ଦଳଗୁଡିକ ଧର୍ମ ଓ ଜାତିକୁ ନେଇ ରାଜନୀତି କରି ଆସୁଛନ୍ତି ଏବଂ ଏହା ନିର୍ବାଚନ ବୈତରଣୀ ପାର ହେବା ପାଇଁ ଗୋଟିଏ ବଡ ଅସ୍ତ୍ର, ତେବେ ଏହା ଦେଶର ସବୁ ଭୋଟରଙ୍କ ପାଇଁ ଗ୍ରହଣୀୟ ନୁହେଁ ଏବଂ ଏହି ଚିନ୍ତାଧାରାରୁ ଉର୍ଦ୍ଧ୍ୱରେ ମଧ୍ୟ ଅନେକ ଲୋକ ଅଛନ୍ତି ଯେଉଁମାନେ ଧର୍ମ ଓ ଜାତିକୁ ନେଇ ରାଜନୀତି ପସନ୍ଦ କରୁନାହାନ୍ତି । ଏ କଥା ପ୍ରତ୍ୟେକ ଦଳ ଚିନ୍ତା କରିବା ଆବଶ୍ୟକ । ଏହି ଦେଶରେ ୧୪୦ କୋଟିରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି ଏବଂ ଲୋକଙ୍କ ମଧ୍ୟରେ ବିଭିନ୍ନ ଦୃଷ୍ଟିରୁ ଭିନ୍ନତା ରହିଛି । ଖାଲି ଯେ' ଧର୍ମ ଓ ଜାତିକୁ ନେଇ ଭିନ୍ନତା ଅଛି ତା' ନୁହେଁ ଭାଷା, ସଂସ୍କୃତି, ଚାଲିଚଳନ, ପୋଷାକ ପରିଚ୍ଛେଦ, ଖାଦ୍ୟପେୟ, ଏମିତି ଅନେକ କ୍ଷେତ୍ରରେ ଭିନ୍ନତା ରହିଛି । ତେଣୁ ଭୋଟ ପାଇଁ ଖାଲି ଯେ' ଧର୍ମ ଓ ଜାତିର ଗୁରୁତ୍ୱ ରହିଛି, ଏହା ଭାବିବା ଭୁଲ । ସମସ୍ତଙ୍କ ପାଇଁ ନିଶ୍ଚିତ ଭାବରେ ବିକାଶ ସବୁଠାରୁ ବଡ କଥା, ଯେଉଁଥିରେ ଭୋଟଦାତା କେବଳ ନିଜର, ନିଜ ପରିବାରର ବା ସମାଜର ବିକାଶ ଚାହୁଁନି, ଦେଶର ବିକାଶ ମଧ୍ୟ ପ୍ରତ୍ୟେକଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ରାଜନୀତିକ ଦଳ ନିଜକୁ ନିଜର ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ପଡିବ । କେତେକ ରାଜନୈତିକ ଦଳ ଧର୍ମ ଓ ଜାତିକୁ ନେଇ ଯେପରି ପରସ୍ପର ଉପରେ ଆକ୍ରମଣ କରୁଛନ୍ତି, ଏହାକୁ ଭୋଟଦାତା କିଭଳି ଭାବରେ ଗ୍ରହଣ କରୁଛନ୍ତି, ତାହା ଭୋଟ ଫଳାଫଳରୁ ହିଁ ଜଣାପଡିବ । ଏହା ବାସ୍ତବିକ ଭାରତୀୟ ଭୋଟଦାତାଙ୍କ ପାଇଁ ଗ୍ରହଣୀୟ ହେଉଛି କି ନାହିଁ, ତାହା ମଧ୍ୟ ପରୀକ୍ଷା କରିବା ଜରୁରୀ । ଦଳଗୁଡିକ ନିଜ ନିଜର ଦର୍ଶନ ବା ବିକାଶକୁ ନେଇ ତାଙ୍କର ଏଜେଣ୍ଡା କଣ, ତାହା ଉପରେ ଗୁରୁତ୍ୱ ଦେଲେ ଏବଂ ପରସ୍ପର ବିରୋଧରେ ବିଷୋଦ୍‌ଗାର ନ କଲେ ଏବଂ ଭୋଟଦାତାଙ୍କ ପାଇଁ ଭଲ ପରିବେଶ ସୃଷ୍ଟି କରିପାରିଲେ ହୁଏତ ଅନେକ ଭୋଟଦାତା ଭୋଟ ପାଇଁ ଆଗ୍ରହ ପ୍ରକାଶ କରିବେ । ଯଦିଓ, ଦଳଗୁଡିକ ନିଜ ନିଜ ଦଳର ଏଜେଣ୍ଡାରେ ଅନେକ ବିକାଶ କଥା ଦର୍ଶାଇଛନ୍ତି, କିନ୍ତୁ ଭାଷଣରେ ବା ପ୍ରଚାରରେ ପରସ୍ପରକୁ ବ୍ୟକ୍ତିଗତ ସ୍ତରରେ ଯେଉଁଭଳି ଆକ୍ରମଣ କରୁଛନ୍ତି ତାହା ହୁଏତ ଅନେକଙ୍କୁ ଭୋଟ ଦେବାପାଇଁ ନିରୁତ୍ସାହିତ କରୁଛି । ଭୋଟ ହାର କମିବାର କାରଣ ଯାହା ହେଉନା କାହିଁକି, ଦଳଗୁଡିକୁ ଅଧିକ ଶୃଙ୍ଖଳିତ ହେବାକୁ ପଡିବ, ପରସ୍ପରକୁ ଦୋଷାରୋପ ନ କରି, ଆଗାମୀ ଦିନରେ ସେମାନେ ଏ ଦେଶ ପାଇଁ, ଲୋକଙ୍କ ବିକାଶ ପାଇଁ କି କି ପଦକ୍ଷେପ ନେବେ ସେ କଥା ପ୍ରଚାରର ମୁଖ୍ୟ ବିଷୟବସ୍ତୁ କରିବା ଆବଶ୍ୟକ, ଯାହା ନିର୍ବାଚନ ବାତାବରଣକୁ ସୁସ୍ଥ ରଖିବା ସହ ଭୋଟଦାତାଙ୍କୁ ନିଜର ମତଦାନ କରିବା ପାଇଁ ଉତ୍ସାହିତ କରିବ ।

# ଶ୍ରମିକ ଦିବସରେ ଶ୍ରମ ଅନୁଚିନ୍ତା



**ଡକ୍ଟର ଲକ୍ଷ୍ମଣ ସାହୁ**

ମଇ ପହିଲା ହେଉଛି ବିଶ୍ୱ ଶ୍ରମିକ ଦିବସ ବା ମଇ ଦିବସ । ପୃଥିବୀର ଅନ୍ୟାନ୍ୟ ଦେଶରେ ଏହା ଆନ୍ତର୍ଜାତିକ ଶ୍ରମ ଦିବସ ନାମରେ ମଧ୍ୟ ପାଳିତ ହୋଇଥାଏ । ବିଶେଷ କରି ୮ ଘଣ୍ଟା କାର୍ଯ୍ୟ ସମୟ ଦାବୀରୁ ଜନ୍ମ ନେଇଛି ବିଶ୍ୱ ଶ୍ରମିକ ଦିବସ । ପୁଞ୍ଜିବାଦୀ ବ୍ୟବସ୍ଥା ବିରୋଧରେ ବିଶ୍ୱ ଶ୍ରମଜୀବୀ ସମୁଦାୟର ଏହା ଥିଲା ପ୍ରଥମ ରାଜନୈତିକ ସଂଗ୍ରାମ । ୧୮୮୪ ମସିହା ପରଠାରୁ ଏହି ଦାବୀ ନେଇ ଧାରାବାହିକ ଆନ୍ଦୋଳନ ଆମେରିକାରେ ଚାଲିଲା । ୧୮୮୬ ପୂର୍ବରୁ ଆମେରିକାରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନରେ ଆମେରିକାର ଶ୍ରମିକମାନେ ରାସ୍ତାକୁ ଓହ୍ଲାଇ ଥିଲେ । ଶ୍ରମିକମାନେ ସେମାନଙ୍କର ଅଧିକାର ପାଇଁ ଧର୍ମଘଟରେ ବସିଥିଲେ । ଏହି ଆନ୍ଦୋଳନର କାରଣ ଥିଲା ଶ୍ରମିକମାନଙ୍କର କାର୍ଯ୍ୟ ସମୟ । ସେହି ସମୟରେ ଶ୍ରମିକମାନେ ଦିନରେ ୧୨-୧୫ ଘଣ୍ଟା କାମ କରୁଥିଲେ । ଏପରିକି ଶ୍ରମସ୍ଥଳରେ ସେମାନଙ୍କ ଜୀବନ ପ୍ରତି ଆସୁଥିବା ବିପଦକୁ ମଧ୍ୟ କମ୍ପାନୀମାନେ ଧ୍ୟାନ ଦେଉ ନଥିଲେ । ଏଇଭଳି ଦୁର୍ଘଟଣାକୁ ରୋକିବା ପାଇଁ ତଥା ନିଜର କାର୍ଯ୍ୟ ସମୟ ସୀମାକୁ ୮ ଘଣ୍ଟାରେ ସୀମିତ ରଖିବା ତଥା ଶ୍ରମିକମାନଙ୍କ ପାଇଁ ଗୋଟିଏ ଦିନ ସମ୍ପୂର୍ଣ୍ଣ ଅବକାଶ ନେବା ଉଦ୍ଦେଶ୍ୟରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆନ୍ଦୋଳନର ସମୟରେ ପୋଲିସ ଶ୍ରମିକମାନଙ୍କ ଉପରକୁ ଗୁଳି ଚଳାଇଥିଲା । ସେହି ସମୟରେ ବହୁ ଶ୍ରମିକ ପ୍ରାଣ ମଧ୍ୟ ହରାଇଥିଲେ ଓ ଶତାଧିକ କର୍ମଚାରୀ ଆହତ ହୋଇଥିଲେ ।

ଘଟଣାର ତିନି ବର୍ଷ ପରେ ୧୮୮୯ ମସିହାରେ ଆନ୍ତର୍ଜାତୀୟ ସମାଜବାଦୀ ସଙ୍ଗଠନର ଏକ ସମ୍ମିଳନୀ ହୋଇଥିଲା । ସେହି ବୈଠକରେ ନିଷ୍ପତ୍ତି ନିଆଗଲା ଯେ ପ୍ରତ୍ୟେକ ଶ୍ରମିକଙ୍କୁ ଦିନକୁ ମାତ୍ର ୮ଘଣ୍ଟା କାମ କରିବା ସହିତ ମେ' ୧ ତାରିଖକୁ ଶ୍ରମ ଦିବସ ଭାବେ ପାଳନ କରିବାକୁ ଧାର୍ଯ୍ୟ କରାଗଲା । ପ୍ରତିବର୍ଷ ଏହି ଦିନ ଶ୍ରମିକମାନଙ୍କୁ ଛୁଟି ଦେବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ପରେ ଆମେରିକାର ଶ୍ରମିକମାନଙ୍କ ପରି ଅନ୍ୟ ଦେଶରେ ସେହି ନିୟମ ଲାଗୁ ହେଲା । ତେଣୁ ଶ୍ରମିକମାନଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ସାରା ବିଶ୍ୱରେ ପ୍ରତିବର୍ଷ ଶ୍ରମିକ ଦିବସ (Labour Day) ପାଳନ କରାଯାଉଛି । ଶ୍ରମିକମାନଙ୍କ ପାଇଁ ଉତ୍ସର୍ଗୀକୃତ ଏହି ଦିନଟି ହେଉଛି ମେ ୧ ବା ଆଜିର ଦିନ । ଏବେ ମେ ୧ ଶ୍ରମ ଦିବସ ବା ଶ୍ରମିକ ଦିବସ ଭାବରେ ବିଶ୍ୱରେ ବେଶ୍ ଜଣାଶୁଣା ହୋଇ ସାରିଛି । ଶ୍ରମିକମାନଙ୍କୁ ସମ୍ମାନ ଦେବା ସହିତ ଶ୍ରମିକମାନଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ଉଦ୍ଦେଶ୍ୟରେ ଏହି ଦିନ ମଧ୍ୟ ପାଳନ ହେଉଛି । ଯଦ୍ୱାରା ସମାଜରେ ଶ୍ରମିକମାନଙ୍କର ସ୍ଥିତି ମଜବୁତ ହୋଇପାରିବ । ପ୍ରତ୍ୟେକ ଦେଶର ବିକାଶରେ ଶ୍ରମିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ପ୍ରତ୍ୟେକ କାର୍ଯ୍ୟ କ୍ଷେତ୍ର ସେମାନଙ୍କ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଶ୍ରମିକମାନେ କଠିନ ଶ୍ରମଦାନ କରିଥାନ୍ତି । ଯେଉଁ ଦେଶରେ ଶ୍ରମିକଙ୍କ ଶ୍ରମଦାନ ଅଧିକ ସେ ଦେଶ ସେତେ ଉନ୍ନତ ।

ଅବଶ୍ୟ 'ମେ' ଡେ' ବା ଶ୍ରମିକ ଦିବସକୁ ଆନ୍ତର୍ଜାତିକ ସ୍ତରରେ ୮୦ ଟି ଦେଶ ଏହି ଗୋଟିଏ ତାରିଖରେ ପାଳନ କରିଥାନ୍ତି । ଶ୍ରମିକ ଦିବସକୁ ଆମେରିକା ଓ କାନାଡା ସମେତ ଅନେକ ଦେଶରେ ଶ୍ରମିକ ଆନ୍ଦୋଳନ ଦ୍ୱାରା କରାଯାଇଥିବା ଇତିହାସିକ ସଂଘର୍ଷ ଓ ସଫଳତାକୁ ସ୍ମରଣୀୟ ଦିନ ଅଟେ । ଶ୍ରମ ଦିବସ ଭାବରେ ସେପ୍ଟେମ୍ବର ପ୍ରଥମ ସୋମବାରରେ ହୋଇଥାଏ । ୧୮୮୯ ମସିହାରେ ସମାଜବାଦୀ ଗୋଷ୍ଠୀ ଓ ଟ୍ରେଡ ୟୁନିଅନର ଏକ ଆନ୍ତର୍ଜାତୀୟ ଶ୍ରମିକ ସଂଘ ସମର୍ଥନରେ ମେ ୧ କୁ ଶ୍ରମିକ ଦିବସ ଭାବରେ ପାଳନ କଲା । ଚିକାଗୋରେ ୧୮୮୬ରେ ହେମାର୍କେଟ୍ ଦଙ୍ଗାର ପାଞ୍ଚ ବର୍ଷ ପରେ,ସମାଜବାଦୀ ଉତ୍ପତ୍ତିରେ ଅସନ୍ତୁଷ୍ଟ ଗ୍ରୋଭର କ୍ଲିଭଲ୍ୟାଣ୍ଡ, ଶ୍ରମ ଦିବସ ପାଳନ ପାଇଁ ଆଇନ ସ୍ୱାକ୍ଷର କରିଥିଲେ । ମାତ୍ର କାନାଡ଼ାରେ ସେପ୍ଟେମ୍ବର ମାସର ପ୍ରଥମ ସୋମବାର ଦିନକୁ ଶ୍ରମିକ ଦିବସ ଭାବରେ ପାଳନ କରାଯାଇଥାଏ ।

ଶ୍ରମିକମାନଙ୍କର ମହତ୍ତ୍ୱ ବଡ଼ ବଡ଼ କମ୍ପାନୀ କରୋନା ସମୟରେ ନିଶ୍ଚିତ ଅନୁଭବ କରିଥିବେ । ଶ୍ରମିକଟି ନିଜ ପାରିଶ୍ରମିକ ଅନୁଯାୟୀ ଗୁଜୁରାଣ ମେଣ୍ଟାଇ ଥାଏ । କିନ୍ତୁ ସେହି ଶ୍ରମିକର ଅନୁପସ୍ଥିତିରେ ବଡ଼ ବଡ଼ କଳ କାରଖାନାଗୁଡିକରେ ଅନେକ କ୍ଷତି ହୋଇଥାଏ । ଅବଶ୍ୟ ବର୍ତ୍ତମାନ ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେବାରେ ଲାଗିଛି । ଶ୍ରମିକ ଶ୍ରେଣୀ ବିଷୟରେ ଚିନ୍ତା କରିବା ଅତ୍ୟନ୍ତ ଜରୁରୀ । କୌଣସି ଦେଶର ଅର୍ଥନୈତିକ ପ୍ରଗତି ଓ ଜାତୀୟ ସ୍ୱାର୍ଥ ପୂରଣର ମୁଖ୍ୟ ଭାର ଶ୍ରମିକ ଶ୍ରେଣୀର କାନ୍ଧରେ ରହିଛି । ଶିଳ୍ପ, ବାଣିଜ୍ୟ, କୋଠା ନିର୍ମାଣ, ସେତୁ ନିର୍ମାଣ, ରାସ୍ତା, କୃଷି ଇତ୍ୟାଦି ଶ୍ରମିକ ଉପରେ ନିର୍ଭରଶୀଳ । ଭାରତରେ ଶ୍ରମ ଦିବସ ପାଳନ ମେ ୧ , ୧୯୨୩ ରେ କିସାନ ମଜଦୁର ପାର୍ଟିର ନେତା ସିଙ୍ଗାରାଭେଲୁ ଚେଟିଆରଙ୍କ ପରାମର୍ଶରେ ଆରମ୍ଭ ହୋଇଛି । ତାଙ୍କର ବକ୍ତବ୍ୟ ଥିଲା ଯେ, ସାରା ବିଶ୍ୱରେ ଶ୍ରମିକମାନେ ଏହି ଦିନ ପାଳନ କରୁଥିବାରୁ ଭାରତରେ ମଧ୍ୟ ପାଳନ କରାଯିବା ଉଚିତ । ତେଣୁ ୧୯୨୩ ମେ ୧ ଠାରୁ ଏହି ଦିନକୁ ଜାତୀୟ ଛୁଟି ଭାବରେ ମାନ୍ୟତା ଦିଆଯାଇଛି ।

ତେବେ କହିବାକୁ ଗଲେ ଦେଶରେ ନବ ଉଦାର ଅର୍ଥନୀତି ଲାଗୁ ହେବା ପରେ ଶ୍ରମିକଙ୍କ ଅବସ୍ଥା ପୂର୍ବାପେକ୍ଷା ଅଧିକ ଖରାପ ହେବାରେ ଲାଗିଛି । ମାଲିକମାନେ ଅଧିକ ଲାଭ ପାଇଁ କଳ କାରଖାନାରେ ଅଧିକରୁ ଅଧିକ ଯନ୍ତ୍ରୀକରଣ କରିବା ଫଳରେ ନିଯୁକ୍ତିର ହାର କମିଛି । ଯାହା ବି ନିଯୁକ୍ତି ମିଳୁଛି ତାହା ନିୟମିତ ନିଯୁକ୍ତି ନୁହେଁ । ପ୍ରାୟତଃ ଅସ୍ଥାୟୀ ନିଯୁକ୍ତି ଦିଆଯାଉଛି । ଦେଶରେ ଦରଦାମ୍ ଆକାଶଛୁଆଁ ହେଉଥିବାବେଳେ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ନପାଇ ଶ୍ରମିକ ଗୋଷ୍ଠୀ ଅନେକ ସମୟରେ ଭୋକିଲା ରହୁଛି । ପ୍ରତିବର୍ଷ ବଜାରର ଦର ଅନୁସାରେ ସେମାନଙ୍କ ଦରମା ବଢୁ ନାହିଁ । ଅର୍ଥନୀତିର ଅସଙ୍ଗଠିତ କ୍ଷେତ୍ରରେ ନିୟୋଜିତ ଦେଶର ଶ୍ରମିକ ଶ୍ରେଣୀର ସିଂହଭାଗ ଅର୍ଥାତ୍ ପ୍ରାୟ ୯୨ ପ୍ରତିଶତ ଶ୍ରମିକ ସରକାରୀ ଘୋଷିତ ଶ୍ରମ ଅଧିକାର ଓ ସାମାଜିକ ସୁରକ୍ଷାରୁ ବି ବଞ୍ଚିତ ହେଉଛନ୍ତି । କୃଷି କ୍ଷେତ୍ରରେ ଦେଶର ସର୍ବାଧିକ ଶ୍ରମିକ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରବାସୀ ଶ୍ରମିକ ଭାବେ ମହାନଗର ଓ ସହରର ବସ୍ତିଗୁଡ଼ିକରେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଜୀବନ ବିତାଇଥାନ୍ତି । ସେମାନଙ୍କର ନା ରହିଛି କୌଣସି ଶ୍ରମ ଅଧିକାର ନା ସେମାନେ ସରକାରୀ ଘୋଷିତ ସାମାଜିକ ସୁରକ୍ଷାର ସୁବିଧା ପାଇପାରୁଛନ୍ତି । କହିବାକୁ ଗଲେ ସେମାନେ ମନେରଗା, କେନ୍ଦୁପତ୍ର ସଂଗ୍ରହ, ବାଉଁଶ, ବିଡ଼ି, ଇଟାଭାଟି ଭଳି ଦେଶର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅଧିକାଂଶ ଶ୍ରମିକ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ଓ ଶ୍ରମ ଅଧିକାରରୁ ବଞ୍ଚିତ ଅଛନ୍ତି । ଅପରପକ୍ଷରେ ଦେଶରେ ନବ-ଉଦାର ଅର୍ଥନୀତିର ଆରମ୍ଭ ଫଳରେ ରୋଜଗାରର ଠିକାକରଣ ଶ୍ରମିକ ଶ୍ରେଣୀର ବଡ଼ ଶତ୍ରୁ ପାଲଟିଛି । ଯାହା ଫଳରେ ଘରୋଇ କ୍ଷେତ୍ର କି ସରକାରୀ କ୍ଷେତ୍ରରେ ସ୍ଥାୟୀ ନିଯୁକ୍ତି ବଦଳରେ ଅସ୍ଥାୟୀ, ଠିକା ନିଯୁକ୍ତିର ହାର ବଢ଼ିଚାଲିଛି । ଦେଶର ମୋଟ ଶ୍ରମ ଶକ୍ତିର ଠିକା ଶ୍ରମିକଙ୍କ ଅଂଶ ୧୯୯୯-୨୦୦୦ରେ ୨୦ ପ୍ରତିଶତ ଥିବାବେଳେ ତାହା ବୃଦ୍ଧି ପାଇ ୨୦୧୮-୧୯ରେ ୪୧ ପ୍ରତିଶତରେ ପହଞ୍ଚି ଥିବାବେଳେ ବର୍ତ୍ତମାନ ଦେଶର ଅନେକଗୁଡ଼ିଏ କ୍ଷେତ୍ରରେ ଠିକା ଓ ଆଉଟସୋର୍ସିଂ ଶ୍ରମିକ ଓ କର୍ମଚାରୀଙ୍କ ସଂଖ୍ୟା ନିୟମିତ ଶ୍ରମିକଙ୍କ ସଂଖ୍ୟାକୁ ଟପି ଯାଇଛି । ଆଶା, ଅଙ୍ଗନୱାଡି, ମଧ୍ୟାହ୍ନଭୋଜନ ପାଚିକା-ସହାୟିକା ପରି ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ନିଯୁକ୍ତ ସ୍କିମ୍ କର୍ମଚାରୀମାନଙ୍କୁ ସରକାର ନିଜର ନିୟମିତ କାମରେ ନିୟୋଜିତ କରୁଥିଲେ ମଧ୍ୟ ସେମାନଙ୍କୁ ଯଥାର୍ଥ ଦରମା କିମ୍ବା ସରକାରୀ କର୍ମଚାରୀର ମାନ୍ୟତା ମିଳୁନାହିଁ । ପ୍ରତିଦିନ ନୂଆ ନୂଆ ସରକାରୀ ଯୋଜନାରେ ନିଯୁକ୍ତି ହେଉଛି । କିନ୍ତୁ ପରେ ସେସବୁ ଯୋଜନା ବନ୍ଦ ହେବା ଯୋଗୁ ଅନେକ ଚାକିରି ହରାଇ ବେକାର ହେଉଛନ୍ତି । ଏପରିକି ସରକାରୀ ଓ ବେସରକାରୀ ଉଭୟ କ୍ଷେତ୍ରରେ ବର୍ଷ ବର୍ଷ ଧରି ନିୟମିତ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ-କର୍ମଚାରୀଙ୍କୁ ସିଧାସଳଖ ଓ ସ୍ଥାୟୀ ନିଯୁକ୍ତି ନଦେଇ ମୁନାଫା ପାଇଁ କମ୍ ପାରିଶ୍ରମିକରେ ଠିକା ଓ ଆଉଟ୍ସୋର୍ସିଂରେ ନିଯୁକ୍ତି ଦିଆଯାଉଛି । ବିଭିନ୍ନ କଳ କାରଖାନା ଓ ସେବାରେ ଠିକା ଓ ଆଉଟସୋର୍ସିଂରେ ନିଯୁକ୍ତ ଥିବା ଏହି କୋଟି କୋଟି ଶ୍ରମିକ ତଥା କର୍ମଚାରୀ ସ୍ୱଳ୍ପ ବେତନ ସହ ସମସ୍ତ ପ୍ରକାର ଶ୍ରମ ଅଧିକାର ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି । ଆମ ରାଜ୍ୟର ଶ୍ରମିକମାନଙ୍କ ସମଦଶା କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ ରାଜ୍ୟରେ ବି ଆଉଟସୋର୍ସିଂ କର୍ମଚାରୀ ଭାବେ ପରିଚିତ ଲକ୍ଷ ଲକ୍ଷ ଶିକ୍ଷିତ ଯୁବକ ଯୁବତୀ ସରକାରୀ ସେବାରେ ବହୁ ବର୍ଷ ଧରି ନିୟୋଜିତ ଥିଲେ ମଧ୍ୟ ସରକାର ସେମାନଙ୍କୁ ନିଜର କର୍ମଚାରୀ ବୋଲି ମାନୁନାହାନ୍ତି । ସେମାନଙ୍କୁ ସରକାରୀ କର୍ମଚାରୀ ପରି କୌଣସି ସୁବିଧା ଓ ଅଧିକାର ଦେଉନାହାନ୍ତି ।

ଦେଶୀ ବିଦେଶୀ କର୍ପୋରେଟ୍‌ଙ୍କ ସୁପର ମୁନାଫା ପାଇଁ ଶ୍ରମ ସଂସ୍କାର ନାଁରେ ଦେଶର ଶ୍ରମ ଆଇନଗୁଡ଼ିକୁ ଦୁର୍ବଳ ଓ ପ୍ରଭାବହୀନ କରିବାକୁ ବିଶ୍ୱବ୍ୟାଙ୍କ୍, ଆଇଏମ୍ଏଫ୍ ପରି ସାମ୍ରାଜ୍ୟବାଦୀ ସଂସ୍ଥାମାନେ ଅନେକ ଦିନ ଧରି ଦେଶର ଶାସକ ଶ୍ରେଣୀ ଉପରେ ଚାପ ପକାଇ ଆସିଛନ୍ତି । ବ୍ରିଟିଶ ସମୟରୁ ଲଗାତର ସଂଘର୍ଷ ଜରିଆରେ ଦେଶର ଶ୍ରମିକ ଶ୍ରେଣୀ ହାସଲ କରିଥିବା ୪୪ଟି ଶ୍ରମ ଆଇନକୁ କେନ୍ଦ୍ର ସରକାର କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ସମାପ୍ତି କରି ତାରି ସ୍ଥାନରେ ଚାରୋଟି ଶ୍ରମ କୋଡ୍ ତିଆରି କରିଛନ୍ତି । ଏହାଦ୍ୱାରା ଦେଶର ଶ୍ରମିକମାନଙ୍କୁ ଶ୍ରମ ଅଧିକାରରୁ ବଞ୍ଚିତ କରି ସେମାନଙ୍କୁ ଶୋଷଣ ଓ ଲୁଟ୍ କରିବାକୁ ମାଲିକମାନଙ୍କୁ ଅବାଧ କ୍ଷମତା ଦିଆଯାଇଛି । ଦେଶର ଅନେକ ରାଜ୍ୟରେ ଆଠ ଘଣ୍ଟିଆ ଶ୍ରମ ଦିବସକୁ ସମାପ୍ତି କରି ତାକୁ ବାରଘଣ୍ଟିଆ କରାଯାଇଛି ।

ନବ ଉଦାର ଆର୍ଥିକ ନୀତିକୁ ଅନୁସରଣ ଫଳରେ ସମାଜର ସବୁ ମେହନତୀ ମଣିଷଙ୍କ ଶୋଷଣ ତୀବ୍ର ହେବାରେ ଲାଗିଛି । ସମାଜରେ ଅର୍ଥନୈତିକ ବୈଷମ୍ୟ ବୃଦ୍ଧି ପାଇ ଅଳ୍ପକିଛି ଧନକୁବେରଙ୍କ ହାତରେ ସମାଜର ଅଧିକାଂଶ ସମ୍ପତ୍ତି ଠୁଳ ହେବାରେ ଲାଗିଥିବା ବେଳେ ଶ୍ରମିକ ଓ କୃଷକଙ୍କ ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି । ଦେଶରେ ବର୍ତ୍ତମାନ ବେରୋଜଗାରୀର ହାର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଦେଶୀ ବିଦେଶୀ ଅନେକ କର୍ପୋରେଟମାନଙ୍କୁ ଲକ୍ଷ ଲକ୍ଷ କୋଟିର ବିଭିନ୍ନ ରିହାତି ଦିଆଯାଉଥିବାବେଳେ ସାମାଜିକ କ୍ଷେତ୍ରରେ ସରକାରୀ ବିନିଯୋଗ କମିବାରେ ଲାଗିଛି । ବ୍ୟାଙ୍କ୍, ବୀମା, ପ୍ରତିରକ୍ଷା ଉତ୍ପାଦନ , ରେଳ, ବିମାନ ଚଳାଚଳ, କୋଇଲା, ଇସ୍ପାତ ପରି ଦେଶର ସରକାରୀ କ୍ଷେତ୍ରରେ ରହିଥିବା ବିଭିନ୍ନ ଲାଭଜନକ ସଂସ୍ଥା ଓ କାରଖାନାକୁ ଘରୋଇକରଣ ନାଁରେ ଦେଶୀ ବିଦେଶୀ କର୍ପୋରେଟ୍‌ଙ୍କୁ ବିକ୍ରି କରିବାର ପ୍ରକ୍ରିୟା ଆରମ୍ଭ ଫଳରେ ଦେଶର ସରକାରୀ ସମ୍ପତ୍ତି ପୁଞ୍ଜିପତିଙ୍କ ହାତକୁ ଚାଲିଯିବା ସହ ସେଥିରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀ ଛଟେଇ ଓ ଶୋଷଣର ଶିକାର ହେବେ ଏହା ବିଚାର କରିବାର ବେଳ ।

ତେଣୁ ଦେଶର ଶାସକ ପୁଞ୍ଜିପତି ଶ୍ରେଣୀ ଦ୍ୱାରା ଶ୍ରମିକଙ୍କ ଉପରେ ବର୍ଦ୍ଧିତ ଆକ୍ରମଣକୁ ଦୃଢ଼ତାର ସହିତ ପ୍ରତିରୋଧ କରି ସମ୍ମାନଜନକ ଜୀବନ ପାଇଁ ଶ୍ରମିକ ଶ୍ରେଣୀ ନିଜର ଲଢ଼େଇ ଜରୁରୀ ହୋଇପଡ଼ିଛି । ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ ଶ୍ରମିକ ଶ୍ରେଣୀ ନିଜର ଅଧିକାର ପାଇଁ ତଥା ଶୋଷଣ ଓ ଅତ୍ୟାଚାର ବିରୋଧରେ ଆଗରେ ରହି ଆସିଛନ୍ତି । ମଇ ଦିବସ କେବଳ ଆଠ ଘଣ୍ଟିଆ ଶ୍ରମ ଦିବସର କଥା କହେନାହିଁ , ବରଂ ପୁଞ୍ଜି ଦ୍ୱାରା ଶ୍ରମର ଶୋଷଣ ବିରୋଧରେ ଅବିରାମ ସଂଘର୍ଷର ବାର୍ତ୍ତା ଦେଇ ଆସିଛି । ବାସ୍ତବରେ ଏହି ମହାନ୍ ଦିବସ ଅବସରରେ ସମାଜର ପ୍ରତ୍ୟେକ ଶ୍ରମଜୀବୀ ମଣିଷ ନିଜର ଅର୍ଥନୈତିକ ତଥା ରାଜନୈତିକ ଦାବି ହାସଲ ପାଇଁ ଲଢ଼େଇ କରିବାକୁ ଶପଥ ନେବା ଆବଶ୍ୟକ ରହିଛି । ସମାଜରୁ ଶୋଷଣକୁ ହଟାଇ ଏକ ମାନବବାଦୀ ସମାଜ ଗଠନ ହିଁ ଅନ୍ତର୍ଜାତୀୟ ଶ୍ରମିକ ଦିବସର ଆହ୍ୱାନ ଓ ସଂକଳ୍ପ ହେଉ...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା**
**ସ୍ନାତକ ମହାବିଦ୍ୟାଳୟ , କଟକ -୪**
**ମୋ-୯୦୪୦୧୫୧୪୭୫**



# ପ୍ରାଣୀମାନଙ୍କ ରକ୍ଷାକବଚ ଗଛ

**ରବିନାରାୟଣ ପଟ୍ଟନାୟକ**

ଗ୍ରୀଷ୍ମ ପ୍ରଭାବ ସବୁଆଡ଼େ ଜାରିରହିଛି । ଦିନ ୧୦ ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇଯାଉଛି । କିନ୍ତୁ ଯେତବେଳେ ମଣିଷ ବାଟରେ କିଛି ସମୟ ଆଶ୍ରୟ ନେବାକୁ ଚାହୁଁଛି ସେତେବେଳେ ଗଛ ସାଜୁଛି ରକ୍ଷାକବଚ । କେବଳ ମଣିଷ ନୁହେଁ କେତେ ପ୍ରାଣୀଙ୍କୁ ଯେ ଆଶ୍ରୟ ସ୍ଥଳ ପାଲଟିଛି ତା ର ହିସାବ ନାହିଁ । ପ୍ରକୃତି ଆମକୁ କେତେ କଣ ଦେଇଛି, ତା'ର ହିସାବ ନାହିଁ କିନ୍ତୁ ପରିବେଶ ସୁନ୍ଦର ଓ ସୁସ୍ଥ ରଖିବାକୁ କେବଳ ଗଛଟିଏ ପୋତି ତାକୁ ବଡ଼ କରିବାର ଦାୟିତ୍ୱ ନେବା ଉଚିତ । ପରିବେଶ ସୁନ୍ଦର ରହିଲେ ସୁସ୍ଥ ରହିବେ ଆଗାମୀ ପିଢ଼ି । କେବଳ ଯେ ବୃକ୍ଷରୋପଣ କରିକି ଛାଡ଼ିଦେଲେ କର୍ତ୍ତବ୍ୟ ଶେଷ ହୋଇଯିବନି ଆମେ ଲଗାଇଥିବା ଗଛକୁ ଯତ୍ନ ନେବା ଉଚିତ । ଜୀବ ଜଗତ ପାଇଁ ଗଛର ଭୂମିକା ବହୁତ । ପ୍ରକୃତରେ ଗଛ ବିନା ଜୀବ ଜଗତ ତିଷ୍ଠିବା ଅସମ୍ଭବ । ଖାଲି ଯେ ମଣିଷ ଏହା ଉପରେ ନିର୍ଭର କରେ ତାହା ନୁହେଁ ବରଂ ଜୀବ ଜଗତରେ ବାସ କରୁଥିବା ସବୁ ପ୍ରାଣୀ ଗଛ ଉପରେ ନିର୍ଭର କରନ୍ତି । ଆଜିର ମଣିଷ ଗଛ କାଟିବାରେ ବ୍ୟସ୍ତ କିନ୍ତୁ ଗଛଟିଏ ଲଗାଇବାକୁ ଯେମିତି ସମୟ ନାହିଁ କି ଇଚ୍ଛା ନାହିଁ ।

ଆଜିର ସମାଜରେ କିନ୍ତୁ ପକ୍କା ରାସ୍ତା ତିଆରି କରିବାକୁ ହଉକି ନିଜର ଆବଶ୍ୟକତା ପୂରଣ କରିବାକୁ ହଉ ଆମେ ଗଛ କାଟିବାରେ ବ୍ୟସ୍ତ । କିନ୍ତୁ ଗୋଟେ ଗଛ ଲଗାଇବା ପାଇଁ ଆମେ ଭୁଲି ଯାଉ । ସମୟ ଆସିଛି କୌଣସି ଶୁଭ ଦିନରେ ଅନ୍ତତ ଗୋଟେ ଗଛ ଲଗାଇବାକୁ । ହୁଏତ ତାହା କାହା ଜନ୍ମରେ ହେଇପାରେ କିମ୍ବା ବିବାହ ବାର୍ଷିକ ଦିନ ପାଳନ ଅବସରରେ ହୋଇପାରେ । ନିଜ ଦିନକୁ ଅଧିକ ସ୍ମରଣୀୟ କରିପାରିବା ସହ ସୁସ୍ଥ ସମାଜ ଗଠନ ପାଇଁ ନିଜ ଭାଗିଦାରୀ ଦେଇପାରିବା । ଯାହାଫଳରେ କି ଆମେ ଏକ ସୁସ୍ଥ ସମାଜ ଗଢି ତୋଳି ପାରିବା ।

ଦିନେ ଜଣେ ଗଛ କାଟିବାକୁ ଜଙ୍ଗଲକୁ ଗଲା । ଆଉ ଜଙ୍ଗଲରେ ଗୋଟେ ବଡ଼ ଗଛ ଦେଖିକି ସେଇ ଗଛ କଟିବାକୁ ସ୍ଥିର କଲା । କିନ୍ତୁ ଅସୁବିଧା ହେଉଛି ସେଇ ଗଛରେ ପକ୍ଷୀ ନିଜର ବସା କରିକି ରହିଥାନ୍ତି । ତେଣୁ ସେଇ ଲୋକଟି ସ୍ଥିର କଲା ଆଉ ଗୋଟେ ଦିନ ଆସି ଗଛ କାଟିବାକୁ । ଏହାର କିଛି ଦିନ ପରେ ସେ ଯେତେବେଳେ ସେଇ ଗଛ କାଟିବାକୁ ଗଲା ସେତେବେଳେ ଦେଖିଲା ଗଛ ସାରା ବହୁ ସୁନ୍ଦର ଫୁଲ ଫୁଟିଛି ଆଉ ସେଇ ଫୁଲରେ ପ୍ରଜାପତି ବସିଛନ୍ତି ଏମିତି ଦୃଶ୍ୟ ଦେଖିକି ସେ ଗଛ କାଟିବାକୁ ଇଚ୍ଛା କଲାନି ବରଂ ଚିନ୍ତା କଲା ଆଉ କିଛି ସପ୍ତାହ ପରେ ଆସିକି ଗଛ କାଟିବାକୁ । ଏହା ପରେ ପୁଣି କିଛି ସପ୍ତାହ ପରେ ଯେତେବେଳେ ଆସିଲା ଗଛ କାଟିବାକୁ ଦେଖିଲା ଗଛରେ ବହୁ ଗୁଡ଼ିଏ ଫଳ ଫଳିଛି ଆଉ ପକ୍ଷୀ ମାନେ ସେଇ ଗଛ ମୂଳରେ ବସିକି ଶାନ୍ତିରେ ଖାଉଛନ୍ତି । ଏହା ଦେଖିବା ପରେ ଗଛ କାଟିବାକୁ ଆସୁଥିବା ଜଣକ ନିଜ ଭୁଲ୍ ବୁଝିପାରିଲା ଗୋଟେ ଗଛ କେତେ ପ୍ରାଣୀକୁ ଆଶ୍ରୟ ଦଉଛି ପୁଣି କେତେ ଜଣକୁ ଖାଇବା ।

ସେବେଠୁ ସ୍ଥିର କଲା କୌଣସି ଗଛ ନ କାଟି ତା' ବଦଳରେ ଗୋଟେ ଗଛ ଲଗାଇବା ପାଇଁ ଯାହା ଫଳରେ କି ଏହା ଅନ୍ୟକୁ ଆଶ୍ରୟ ଦେଇପାରିବ । କହିବାକୁ ଗଲେ ଗଛ ହେଉଛି ଜୀବଜଗତର ସବୁଠୁ ବଡ଼ ବନ୍ଧୁ ପ୍ରାଣୀର ରକ୍ଷାକବଚ ସାଜୁଛି ଗଛ ।

**ପଟିଆ, ଭୁବନେଶ୍ୱର**
**ମୋ-୯୯୩୮୧୧୩୨୨୬**

# ଦୟା ଆଉ କୃପା

## ଅମୃତବାଣୀ

ଏହି ଶବ୍ଦଙ୍କର ଅନ୍ତରକୁ ଧରିବାକୁ ହେଲେ ଆରମ୍ଭରୁ ଉଦାହରଣ ଦ୍ୱାରା କରାଯାଉ । ଯଦି ଆପଣଙ୍କୁ ଭିକାରୀ ଉପରେ 'ଦୟା' ଆସୁଛି ତା'ହେଲେ ତାକୁ କିଛି ଦେବାର କୃପା କରନ୍ତୁ । ଅ । ପ ଣ ତା'ଉପରେ କ ୃ ପ । କ ର ି କ ି ତ । କ ୁ କ୍ଷମା କରିଦେଲେ । ଆଉ ଆପଣ ବଡ କୃପା କଲେ । ଆଉ 'ଦୟା' ଆସେ ଆଉ 'କୀ' ମଧ୍ୟ ଯାଇଥାଏ । କିନ୍ତୁ କୃପା ଆସି ନ ଥାଏ, କେବଳ କରାଯାଏ ।

ଦୟାରୁ ଦୟାଳୁ ଆଉ କୃପାରୁ କୃପାଳୁ ଦୁଇଟା ଶବ୍ଦ ହୋଇଥାଏ । କିନ୍ତୁ ଦୟନୀୟର ଯୋଡି ଅଧୁରା ଥାଏ, କାହିଁକିନା କୃପନୀୟରେ ଶବ୍ଦହୁଏ ନାହିଁ । ଯଦି ହୋଇଥାନ୍ତା ତା'ହେଲେ କୃପଣୀୟ ହୋଇଥାନ୍ତା । ଦୌପଦୀଙ୍କ ବସ୍ତ୍ରହରଣର ସମୟରେ ଭୀଷ୍ମ, ଦ୍ରୋଣ, କୃପାଚାର୍ଯ୍ୟ, ବିଦୁର ଆଉ ପାଞ୍ଚ ପାଣ୍ଡବଙ୍କୁ ଦୌପଦୀଙ୍କ ଉପରେ ଦୟା (ଦୁର୍ଯ୍ୟୋଧନ ଆଦି ଉପରେ କ୍ରୋଧ ଆଉ ନିଜର ଅସମର୍ଥ ଉପରେ ଲଜ୍ଜା)ତ ଆସୁଥିଲା । କିନ୍ତୁ ସେମାନେ କୃପାକରି ପାରୁନଥିଲେ । 'କୃପା' କେବଳ କୃଷ୍ଣ କରିଥିଲେ ।

କୌଣସି ଅସହାୟ କିମ୍ବା ପୀଡିତ ବ୍ୟକ୍ତିର ଦୁଃଖକୁ ଦୁଃଖୀ ହୋଇ କରି ତାଙ୍କର ସହାୟତାର ବିଚାର ରଖିବା ଦୟା ଅଟେ । ('ଦୟ୍' ଧାତୁମାନେ ପାଳନ କରିବା) । ବିନା ପ୍ରତିଦାନର ଭାବନାରେ ଦୀନ-ଦୁଃଖୀଙ୍କର ସହାୟତା ପାଇଁ ସାତ୍ତ୍ୱିକ ବୃତ୍ତି ଅଥବା ଅନୁଭୂତିର ହେବା 'ଦୟା' ଅଟେ । ଦୟାରେ ଦ୍ରବିତ ହେବାର ଭାବ ମାତ୍ର ପ୍ରମୁଖ ଅଟେ । ସେଥିରେ ଦୟାଳୁର କ୍ରିୟାଶୀଳତାର ଆବଶ୍ୟକ ନାହିଁ । ଏହାର ବିପରୀତ 'କୃପା'ରେ କୃପାଳୁର କ୍ରିୟାଶୀଳ



ଆବଶ୍ୟକ ଅଟେ । ('କୃପ୍' ଧାତୁମାନେ ସମର୍ଥ ହେବା) । ସେହି କ୍ରିୟାମୟ ପରିରକ୍ଷଣର ଭାବ ଅନିବାର୍ଯ୍ୟ ଅଟେ । ଯେଉଁ ବ୍ୟକ୍ତି ସାହାଯ୍ୟ କରି ପାରିବ ତାହାର କୃପା ପାତ୍ରର ରକ୍ଷା ଅଥବା ଭଲ ପାଇଁ ତତ୍ପର ହେବା କୃପା ଅଟେ । ବେଳେବେଳେ ଏହି ଶବ୍ଦକୁ କେବଳ ଶିଷ୍ଟାଚାର ଆଉ ବିନମ୍ରତା ଦେଖେଇବା ପାଇଁ ପ୍ରୟୋଗ କରାଯାଏ । ଯେମିତି ଆପଣ ଭଲରେ ଅଛନ୍ତି ତ? ହଁ...ହଁ...ଆପଣଙ୍କର କୃପାରୁ । ଦୟା ଇଂରାଜୀରେ 'ପିଟୀ' ଆଉ 'ମରସୀ' ଅଟେ କୃପା ସେଥିରେ 'ଫେବର'ହୋଇଥାଏ ।

**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,**
**ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨**
**ମୋ-୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜାଳୁଛି...

ଏଠାରେ ରେକର୍ଡ ହୋଇଛି । ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୫.୪ଡିଗ୍ରୀ ରେକର୍ଡ କରାଯାଇଛି ।

ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ହିଟ୍‌ୱେଭ୍ ସ୍ଥିତି ଜାରି ରହିବ । ବୁଧବାର ଓ ଗୁରୁବାର ପାଇଁ ଭୀଷଣ ତାତି ଅନୁଭୂତ ହେବ । ଏଥିପାଇଁ କେତେକ ଜିଲ୍ଲାକୁ ରେଡ୍‌ୱାର୍ଣ୍ଣିଂ ଜାରି କରାଯାଇଛି । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ବୌଦ୍ଧ ଆଦି ଜିଲ୍ଲାକୁ ଅତି ଭୀଷଣ ଗ୍ରୀଷ୍ମପ୍ରବାହ ଲାଗି ରେଡ୍‌ଆଲର୍ଟ କରାଯାଇଛି । ଏହାଛଡା ଦେବଗଡ, ସମ୍ବଲପୁର, ବରଗଡ, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ନୂଆପଡା, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ନୟାଗଡ, ମାଲକାନଗିରି ଓ ଢେଙ୍କାନାଳ ଜିଲ୍ଲାଗୁଡିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସବୁ ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଜାରି ରହିବ ।

## ଏପ୍ରିଲରେ...

ତାପମାତ୍ରା ହ୍ରାସ ପାଉନି । ବିଗତ ୧୫ଦିନ ହେବ ସାରା ରାଜ୍ୟରେ ତାପମାତ୍ରା ୪୦ଡିଗ୍ରୀ କିମ୍ବା ତା’ଠାରୁ ଅଧିକ ରେକର୍ଡ ହୋଇଛି । ଏପରିକି ସ୍ଥାନେ ସ୍ଥାନେ ୪୬ଡିଗ୍ରୀ ଟପିଯାଇଛି ସର୍ବୋଚ୍ଚ ତାପମାତ୍ରା । ରାଜଧାନୀ ଭୁବନେଶ୍ୱରରେ ବିଗତ ୧୨ଦିନରୁ ଉର୍ଦ୍ଧ୍ୱ ହେବ ଦିନ ତାପମାତ୍ରା ୪୦ଡିଗ୍ରୀରୁ ତଳକୁ ଖସୁନି । ଯାହା ପାଇଁ ସହରବାସୀ ଅସହ୍ୟ ଗରମ ସହିତ ଗୁଳୁଗୁଳିରୁ ନିସ୍ତାର ପାଉନାହାନ୍ତି ।

## ହିଞ୍ଜିଳି...

ଆଶୀର୍ବାଦ ନେଇ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଅଧକ୍ଷ ଭିକେ ପାଣ୍ଡିଆନ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବ୍ରହ୍ମପୁର ବିଜେଡି ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ଆସିକା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ, ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବରିଷ୍ଠ ନେତା ହର ସାହୁ, ସାନଖେମୁଣ୍ଡି ବିଧାନସଭା ପ୍ରାର୍ଥୀ ଗିତାଞ୍ଜଳି ସୁଲକ୍ଷଣା ଦେବି, ବିଧାୟିକା ଲତିକା ପ୍ରଧାନ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ଦଳର ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୦୦ ମସିହାରେ ନବୀନ ପ୍ରଥମ ଥର ପାଇଁ ହିଞ୍ଜିଳି ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୦ ମସିହା ନିର୍ବାଚନରେ ୨୯,୮୨୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ ନବୀନ। ୨୦୦୪ରେ ଦ୍ୱିତୀୟ ଥର ବିଧାୟକ ଭାବେ ୪୨, ୬୪୨ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ସେହିପରି ୨୦୦୯ରେ ତୃତୀୟ ଥର ବିଧାୟକ ଭାବେ ୬୧, ୭୭୩ ଓ ୨୦୧୪ ନିର୍ବାଚନରେ ଚତୁର୍ଥ ଥର ବିଧାୟକ ଭାବେ ୭୬,୫୮୬ ଖଣ୍ଡ ଭୋଟରେ ବିଜୟ ହାସଲ କରିଥିଲେ। ୨୦୧୯ରେ ସେ ୬୦,୧୬୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇ ପଞ୍ଚମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଚଳିତ ଥର ମୁଖ୍ୟମନ୍ତ୍ରୀ ଷଷ୍ଠ ଥର ପାଇଁ ସେହି ସମାନ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ହିଞ୍ଜିଳି ବ୍ୟତୀତ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ବିଧାନସଭା ଆସନରୁ ମଧ୍ୟ ନିର୍ବାଚନ ଲଢ଼ିବେ। ଆସିକା ସଂସଦୀୟ ଆସନ ଅଧୀନରେ ଥିବା ହିଞ୍ଜିଳିରେ ଆସନ୍ତା ମେ’ ୨୦ ତାରିଖରେ ମତଦାନ ହେବ। ନବୀନ ମଧ୍ୟ ଗତ ୨୪ ତାରିଖରେ ହିଞ୍ଜିଳି ଓ ଶେରଗଡ଼ରୁ ଦଳୀୟ ପ୍ରଚାର ଆରମ୍ଭ କରିଥିଲେ ।

## ବିଶ୍ୱଭୂଷଣ...

ପ୍ରାର୍ଥୀ କରାଯାଇନଥିବାରୁ ଆଠଗଡ ବିଧାନସଭାର କଂଗ୍ରେସ ପ୍ରାର୍ଥୀ ମେହେବୁବ୍ ଅହମ୍ମଦ ଖାନ୍ ଟିକେଟ ଫେରାଇ ଦେଇଛନ୍ତି ।

## କୋଭିସିଲ୍ଡ...

ଇନ୍‌ଷ୍ଟିଚ୍ୟୁଟ୍‌ରେ ଉତ୍ପାଦନ ପାଇଁ ଲାଇସେନ୍ସ ଦିଆଯାଇଥିଲା । କେବଳ ଭାରତରେ ପ୍ରାୟ ୧୭୪ କୋଟି ଡୋଜ୍ ଦିଆଯାଇଛି । ତେବେ ଏହି ଭ୍ୟାକ୍ସିନ୍‌ର ପାର୍ଶ୍ୱପ୍ରତିକ୍ରିୟା ସହ ଟିଟିଏସ୍ ଦେଖାଦେଉଛି । ଏହି ଟିକାରେ ବିରଳ ପାର୍ଶ୍ୱପ୍ରତିକ୍ରିୟା ଥିବା କମ୍ପାନୀ ସ୍ୱୀକାର କରିଛି । ଜେମ୍‌ଏସ୍ ସ୍କଟ୍ ନାମକ ଜଣେ ବ୍ୟକ୍ତି ବ୍ରିଟେନର ହାଇକୋର୍ଟରେ ଏହି ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଆଷ୍ଟ୍ରାଜେନେକା କୋର୍ଟରେ ସତ୍ୟପାଠ ଦାଖଲ କରି ବିରଳ ପାର୍ଶ୍ୱ ପ୍ରତିକ୍ରିୟା ଥିବା ସ୍ୱୀକାର କରୁଛି । ଏହି ପାର୍ଶ୍ୱ ପ୍ରତିକ୍ରିୟାର ଲକ୍ଷଣ ହେଉଛି ଯେ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ହେବାସହ ଛାତି ଓ ହାତଗୋଡରେ ଯନ୍ତ୍ରଣା ହୋଇଥାଏ । ଚମଡାରେ ନାଲି ଚିହ୍ନ ମଧ୍ୟ ସୃଷ୍ଟି ହୋଇଥାଏ । ମୁଣ୍ଡବିନ୍ଧା ସହ ଶରୀରର ଅନେକ ସ୍ଥାନରେ ଯନ୍ତ୍ରଣା ମଧ୍ୟ ହୋଇଥାଏ । ଥ୍ରମ୍ବଶିସ୍ ଯୋଗୁ ରକ୍ତ ସଞ୍ଚାଳନରେ ପ୍ରଭାବ ପଡିଥାଏ ଓ ଅନେକ ସମୟରେ ଏହା ବନ୍ଦ ହୋଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି ଯେ କୋଭିସିଲ୍ଡ ଓ ଭ୍ୟାକ୍ସ ଜେଭେରା ଟିକାରେ ଟିଡିଏସ୍ ଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳୁଛି । ତେବେ ଏହାର ସଂଖ୍ୟା ଅନେକ କମ୍ ରହୁଛି ।

## ଅଡୁଆ...

ମଧ୍ୟ ହାସନ ନିର୍ବାଚନମଣ୍ଡଳିରେ ଭାଇରାଲ କରାଯାଇଛି । ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି । କର୍ଣ୍ଣାଟକ ସରକାର ଏନେଇ ଏସ୍‌ଆଇଟି ଗଠନ କରିଛନ୍ତି । ତେବେ ସବୁଠୁ ବଡ ପ୍ରସଙ୍ଗ ଏବେ ହୋଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସହ ଗୋଟିଏ ସଭାରେ ଯୋଗ ଦେଇଛନ୍ତି । ସେହି ସଭାରେ ପ୍ରଧାନମନ୍ତ୍ରୀ ରେଭାନ୍ନାଙ୍କ ପାଇଁ ଭୋଟ୍ ମାଗିଛନ୍ତି । ଯାହାକୁ ଏବେ ବିରୋଧୀ ପ୍ରମୁଖ ପ୍ରସଙ୍ଗ କରି ବିଜେପିକୁ ମହିଳା ବିରୋଧୀ ବୋଲି ଅଭିଯୋଗ କରୁଛନ୍ତି । ପ୍ରଶ୍ନ ଉଠିଛି ରେଭେନ୍ନାଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଓ ଅମିତ୍ ଶାହା ଆଗରୁ ଅବଗତ ଥିଲେ । ମାତ୍ର ନିର୍ବାଚନ ଜିତିବା ପାଇଁ ତାଙ୍କୁ ପ୍ରାର୍ଥୀ କରାଯାଇଥିଲା ଓ ଭୋଟ୍ ମଧ୍ୟ ନିଜେ ପ୍ରଧାନମନ୍ତ୍ରୀ ମାଗିଥିଲେ । ଏବେ ସେ କାର୍ଯ୍ୟାନୁଷ୍ଠାନ ଭୟରେ ଦେଶ ବାହାରକୁ ଚାଲିଯାଇଛନ୍ତି ଓ ତାଙ୍କୁ କିଏ ଅନୁମତି ଦେଲେ ବୋଲି ପ୍ରଶ୍ନ ଉଠୁଛି । ସେ ଜର୍ମାନ ଯାଇଥିବା ନେଇ ଚର୍ଚ୍ଚା ହେଉଛି । ତାଙ୍କ ନାମରେ ଆସିଥିବା ଅଭିଯୋଗ ଅନୁଯାୟୀ ୨୦୧୯ ରୁ ୨୦୨୨ ମଧ୍ୟରେ ବହୁ ଅଶ୍ଳୀଳ ଭିଡିଓ ତାଙ୍କ ନାମରେ ରହିଛି । ବିଭିନ୍ନ ଯୁବତୀ, ଦଳୀୟ କାର୍ଯ୍ୟକର୍ତ୍ତା ଓ ଅନ୍ୟମାନଙ୍କୁ ପ୍ରଲୋଭନ ଦେଖାଇ ସେ ଯୌନ ନିର୍ଯାତନା ଦେବାସହ ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରିଛନ୍ତି । ଅଭିଯୋଗ ଆଣିଥିବା ମହିଳା ଜଣକ ମଧ୍ୟ ତାଙ୍କୁ କିଭଳି ଦୁର୍ବ୍ୟବହାର କରାଯାଇଥିଲା ଓ ତାଙ୍କ ଝିଅ ସହ ଭିଡିଓ କଲ୍ ମାଧ୍ୟମରେ ଅଶ୍ଳୀଳ କଥାବର୍ତ୍ତା ହୋଇଥିଲା ତାହା ମଧ୍ୟ ଉଲ୍ଲେଖ କରାଯାଇଛି । ସମ୍ପୃକ୍ତ ମହିଳାଜଣକ ପୁଣି ଅଭିଯୋଗ ଆଣିଛନ୍ତି ଯେ ପ୍ରଜ୍ୱଳଙ୍କ ବାପା ଏସ୍‌ଭି ରେଭାନ୍ନା ମଧ୍ୟ ତାଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି । ଯେତେବେଳେ ତାଙ୍କ ପତ୍ନୀ ଘରେ ନଥାନ୍ତି ସେ ଏଭଳି କରିଥାନ୍ତି । ଏସ୍‌ଆଇଟି ଗଠନ ପରେ ସେ ଏବେ ବାହାରକୁ ଚାଲିଯାଇଛନ୍ତି ।

## ଏଥର...

ଏହାକୁ ଦଳର ନେତୃତ୍ୱ ମାନେ କିପରି ସମାଧାନ କରିବେ ତାକୁ ନେଇ ଶୀର୍ଷ ନେତୃତ୍ୱରେ ମୁଣ୍ଡବ୍ୟଥା ହେଲାଣି । କର୍ମୀ ଓ ସମର୍ଥକ ମଧ୍ୟ ଏହି ବିଚିତ୍ର ସ୍ଥିତି ଯୋଗୁ ଅକଳରେ ପଡ଼ିଛନ୍ତି। ଏପରିସ୍ଥଳେ ୨୦୧୯ ମସିହାରେ ପ୍ରଥମଥର ସଂସଦକୁ ନିର୍ବାଚିତ ହୋଇଥିବା ପୂର୍ବତନ ମନ୍ତ୍ରୀ ରମେଶ ମାଝୀ ଚଳିତ ଥର ସାଂସଦ ଟିକେଟ ପାଇବାରୁ ବାଦ ପଡ଼ିଥିବା ବେଳେ ତାଙ୍କୁ ବିଜେଡି ଝରିଗାଁ ବିଧାନସଭାରୁ ଲଢ଼ିବାକୁ ସୁଯୋଗ ଦେଇଛି । ରମେଶଙ୍କ ଭାଇ ପ୍ରକାଶଙ୍କୁ ବିଜେଡି ଝରିଗାଁ ବିଧାନସଭାରୁ ୨୦୧୯ରେ ଟିକେଟ ଦେଇଥିଲା । କିନ୍ତୁ ଚଳିତ ଥର ତାଙ୍କ ବଦଳରେ ଭାଇ ରମେଶଙ୍କୁ ଟିକେଟ ଦିଆଯାଇଛି । ଅନ୍ୟପଟେ କଂଗ୍ରେସ ଛାଡ଼ି ବିଜେଡିକୁ ଆସିଥିବା ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଏସଡ଼ିସି ଉପଦେଷ୍ଟା ଭଳି ଗୁରୁତ୍ୱପୂର୍ଣ୍ଣ ପଦବିରେ ରହିଥିଲେ । ବିଜେଡିରେ ଯୋଗଦେବା ଦିନଠାରୁ ସାଂସଦ ପ୍ରାର୍ଥୀ ହେବାକୁ ସେ ଆଗଭର ରହିଥିଲେ । ଦଳ ତାଙ୍କ ଉପରେ ଭରଷା କରି ନବରଙ୍ଗପୁର ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ କରିଛି । ଟିକେଟ ପାଇବା ପୂର୍ବରୁ ସଂସଦୀୟ କ୍ଷେତ୍ରରେ ବୁଲାବୁଲି କରି କର୍ମୀ ତଥା ସମର୍ଥକଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରୁଥିଲେ । ଟିକେଟ ପାଇବା ପରେ ପ୍ରଚାରକୁ ଜୋରଦାର୍ କରିଛନ୍ତି ପ୍ରଦୀପ ।

ସେହିପରି, ବିଜେଡିରୁ ଆସିଥିବା ପୂର୍ବତନ ସାଂସଦ ବଳଭଦ୍ର ମାଝୀଙ୍କୁ ବିଜେପି ଗତଥର ଟିକେଟ ଦେଇଥିଲା। ଦଳର ଭୋଟ ହାର ପ୍ରାୟ ୧୬ପ୍ରତିଶତ ବୃଦ୍ଧି କରିଥିବାରୁ ଦଳ ତାଙ୍କୁ ପୁଣି ଥରେ ସାଂସଦ ପ୍ରାର୍ଥି ଭାବେ ସୁଯୋଗ ଦେଇଛି । ଏପରିସ୍ଥିତିରେ ଅଧିକ ଗୋଳିଆ ପରିସ୍ଥିତି ରହିଛି କଂଗ୍ରେସ ଦଳରେ। ପ୍ରଦୀପ ମାଝୀ କଂଗ୍ରେସ ଛାଡ଼ିବା ପରେ ପୂର୍ବତନ ବିଧାୟକ ଭୁଜବଳ ମାଝୀଙ୍କୁ ଦଳ ପ୍ରାଥମିକତା ଦେଇଥିଲା। ତେଣୁ ତାଙ୍କ ଟିକେଟ୍‌କୁ ନିଶ୍ଚିତ କରିଛି କଂଗ୍ରେସ । ଏପରିକି ଭୁଜବଳ ମାଝୀଙ୍କ ଡ଼ାକ୍ତରୀ ପଢୁଆ ଝିଅ ଡ଼.ଲିପିକା ମାଝୀଙ୍କୁ ଡ଼ାବୁଗାଁ ବିଧାନସଭା ଆସନରୁ ପ୍ରାର୍ଥି କରିଛି । ଗତ ୨୦୧୯ ନିର୍ବାଚନରେ ବିଜେଡ଼ି ପ୍ରାର୍ଥି ରମେଶ ଚନ୍ଦ୍ର ମାଝୀ ସମଗ୍ର ସଂସଦୀୟ କ୍ଷେତ୍ରରୁ ୪,୩୪,୧୩୮ ଖଣ୍ଡ ଭୋଟ ପାଇଥିବା ବେଳେ ସେତେବେଳର କଂଗ୍ରେସ ପ୍ରାର୍ଥି ପ୍ରଦୀପ କୁମାର ମାଝୀ ୩,୯୨,୫୦୪ ଭୋଟ ପାଇଥିଲେ । ଫଳରେ ୪୧,୬୩୪ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ ପ୍ରଦୀପ ।

ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ତ୍ରୀମୁଖି ଲଢ଼େଇ ହେବାକୁ ଯାଉଥିବା ବେଳେ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ରରେ ଭିନ୍ନ ଭିନ୍ନ ସ୍ଥିତି ରହିଛି । ମାଲକାନଗିରି ଜିଲ୍ଲାର ଦୁଇ ବିଧାନସଭା କ୍ଷେତ୍ରରେ

ବଙ୍ଗାଳୀ ଭୋଟରଙ୍କ ମତ ଏକତରଫା ରହିଥିବା ବେଳେ ନବରଙ୍ଗପୁର ଜିଲ୍ଲାର ଝରିଗାଁ, ଉମରକୋଟ, ଡ଼ାବୁଗାଁ ଓ ନବରଙ୍ଗପୁରରେ ବିଜେଡ଼ି-କଂଗ୍ରେସ ମଧ୍ୟ ଜୋରଦାର ମୁକାବିଲା ହେଉଛି । ସେହିପରି କୋରାପୁଟ ଜିଲ୍ଲାର କୋଟପାଡରେ ବିଜେଡ଼ି -ବିଜେପି ମଧ୍ୟରେ ଲଢ଼େଇ ହେଉଛି । ଏହି ସଂସଦୀୟ କ୍ଷେତ୍ରରେ ବଙ୍ଗାଳି ଭୋଟର, କିଛି ଆଦିବାସୀ ସମ୍ପ୍ରଦାୟର ଭୋଟର ଓ ତେଲେଗୁ ଭୋଟର ନିର୍ଣ୍ଣାୟକ ହୋଇଥାନ୍ତି । ଏପରିକି ଗାନ୍ଧୀ ପରିବାରର ପ୍ରଭାବ ମଧ୍ୟ ରହିଛି । ଅଞ୍ଚଳକୁ ରାହୁଲ ଗାନ୍ଧୀ ଆସନ୍ତା ୩ ତାରିଖରେ ନିର୍ବାଚନ ପ୍ରଚାର ପାଇଁ ଆସୁଥିବା ବେଳେ ତାଙ୍କ ସହ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡ଼ି ମଧ୍ୟ ଆସୁଛନ୍ତି। ପରବର୍ତ୍ତି ସମୟରେ ଜାତୀୟ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ହାଇଭୋଲଟେଜ ପ୍ରଚାର ଭୋଟରଙ୍କୁ କିଛି ମାତ୍ରାରେ ପ୍ରଭାବିତ କରିପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟ ପକ୍ଷରେ ବିଜେପି ନେତା ତଥା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ମାର୍ଚ୍ଚ ମାସରେ ପ୍ରଚାର କରି ଫେରିଯାଇଛନ୍ତି । ଆଗାମୀ ଦିନରେ ବିଜେପିର ବହୁ ତୁଙ୍ଗ ନେତା ପ୍ରଚାରରେ ଆସିବାର ଅଛି ।

ଅନ୍ୟ ପକ୍ଷରେ ବିଜେଡ଼ିର ଷ୍ଟାର ପ୍ରଚାରକ ଭି.କେ. ପାଣ୍ଡିଆନ ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ଦୁଇଟି ନିର୍ବାଚନୀ ସଭା କରି ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଭୋଟରଙ୍କୁ ବୁଝାଇ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି । ଫଳରେ ତିନି ପ୍ରମୁଖ ଦଳ ନିଜ ନିଜ ପ୍ରଚାରରେ ଲାଗିପଡ଼ିଥିବା ଦେଖିବାକୁ ମିଳିଛି ।

### ନିର୍ବାଚନ ଆଚରଣ ବିଧି ଉଲଂଘନ

# ଅଙ୍ଗନୱାଡ଼ି ସହାୟିକା ଛଟେଇ

ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଭଗବତୀପ୍ରସାଦ ଅଙ୍ଗନୱାଡ଼ି କେନ୍ଦ୍ର ସହାୟିକା ସୁମତି ଅଲତିଆଙ୍କୁ କାର୍ଯ୍ୟରୁ ଛେଟେଇ କରାଯାଇଛି। ନିର୍ବାଚନ ଆଚରଣ ବିଧି ଉଲଂଘନ ନିୟମଅନୁଯାୟୀ ଅଙ୍ଗନୱାଡ଼ି ସହାୟିକା ଶ୍ରୀମତି ଅଲତିଆଙ୍କୁ ନୟାଗଡ଼ ଜିଲ୍ଲା ନିର୍ବାଚନ ଅଧିକାରୀତଥା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଅସ୍ଥାୟୀ ଭାବେ କାର୍ଯ୍ୟରୁ ଛଟେଇ କରିଛନ୍ତି। ସରକାରୀ କାର୍ଯ୍ୟ ସଂପାଦନ କରୁଥିବା କର୍ମଚାରୀ କୌଣସି ରାଜନୈତିକ ଦଳ ସମର୍ଥନରେ ଅବାଶୋଭାଯାତ୍ରା ସାମିଲ ରହିବା ଭାରତୀୟ ନିର୍ବାଚନ ଆୟୋଗଙ୍କଦ୍ୱାରା ଜାରି ନିର୍ବାଚନ ଆଚରଣ ବିଧିମାର୍ଗଦର୍ଶିକାରେ ବାରଣ କରାଯାଇଛି। ଓଡ଼ଗାଁ ବ୍ଲକ ଭଗବତୀପ୍ରସାଦ ଅଙ୍ଗନୱାଡ଼ି କେନ୍ଦ୍ର ସହାୟିକାସୁମତି ଅଲତିଆ ଏପ୍ରିଲ ୨୦ ତାରିଖ ଦିନ ଭାରତୀୟ ଜନତା ପାର୍ଟିର ଏକ ରାଜନୈତିକଶୋଭାଯାତ୍ରାରେ ଓଡ଼ଗାଁ ଥାନା ସମ୍ମୁଖରେ ଯୋଗ ଦେଇଥିଲେ। ଏହା ନିର୍ବାଚନ ଆଚରଣ ବିଧି ଉଲଂଘନକରୁଥିବା ବିଚାର କରି ନିର୍ବାଚନ ଆଚରଣ ବିଧି କମିଟି ଅଙ୍ଗନୱାଡ଼ି ସହାୟିକା ସୁମତିଅଲତିଆଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସୁମତିଙ୍କ ପକ୍ଷରୁ ସନ୍ତୋଷ ଜନକ ଉତ୍ତର ନ ମିଳିବାରୁ ତାଙ୍କୁ ସାମୁହିକ ଭାବେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ କାର୍ଯ୍ୟରୁ ଛଟେଇକରାଯାଇ ଥିବା ଜିଲ୍ଲା ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।ଅନ୍ୟପକ୍ଷେ, ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗ ମାମଲାରେ ପୋଲିସ୍ କାର୍ଯ୍ୟାନୁଷ୍ଠାନ ବିଳମ୍ବ ପ୍ରତିବାଦରେ ଏପ୍ରିଲ ୨୦ ତାରିଖ ଦିନ ଓଡ଼ଗାଁ ଥାନା ସମ୍ମୁଖରେ ବିକ୍ଷୋଭ ଚାଲିଥିଲା। ସେଥିରେ ଭାରତୀୟ ଜନତାପାର୍ଟିର ବହୁ କର୍ମକର୍ତ୍ତ ଯୋଗ ଦେଇ ପ୍ରତିବାଦ ଜଣାଇଥିଲେ । ଜଣେ ମହିଳାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବ୍ଲକ ଅଟଂଳର ବହୁ ସଂଖ୍ୟାରେ ମହିଳା ଥାନା ଆଗରେ ପ୍ରତିବାଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେଥ ମଧ୍ୟରେଅଙ୍ଗନୱାଡ଼ି ସହାୟିକା ସୁମତି ସାମିଲ ହୋଇ ଥିବା ବିଶେଷ ସୂତ୍ରରୁଜଣାପଡ଼ିଛି।

### ଦେବୀଙ୍କ ନାମାଙ୍କନ ଶୋଭାଯାତ୍ରାରେ ଅଘଟଣ

# ୩ ଜଣଙ୍କ ଉପରେ ଚଢ଼ିଗଲା ଟ୍ରକ, ଜଣେ ଗୁରୁତର

ବଡ଼ମ୍ବା ,(ସବ୍ୟୁ) : ମଙ୍ଗଳବାର ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ନାମାଙ୍କନ ଦାଖଲ ପାଇଁ ଶୋଭାଯାତ୍ରା ଚାଲିଥିବା ବେଳେ ଅଘଟଣ ଘଟିଯାଇଛି । ବଡ଼ମ୍ବା ଗାନ୍ଧିଛକ ଗାନ୍ଧୀମୂର୍ତ୍ତି ନିକଟରେ ବିଧାୟକ ଶ୍ରୀ ମିଶ୍ର ଏବଂ ତାଙ୍କ ସମର୍ଥକ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏାହି ସମୟରେ କଟକ ନରସିଂହପୁର ମୁଖ୍ୟ ରାଜ୍ୟ ରାଜପଥ ଉଭୟ ପାର୍ଶ୍ୱ ସମ୍ପୂର୍ଣ ରୂପେ ଜାମ ହୋଇଯାଇଥିଲା । ବିଧାୟକ ଏହି ସମୟରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ନିଜ କର୍ମୀ ତଥା ଜନସାଧାରଣଙ୍କୁ ଉଦବୋଧନ ଦେଉଥିବା ସମୟରେ ନରସିଂହପୁର ଅଭିମୁଖେ ଯାଉଥିବା ଏକ ମାଲ ବୋଝଇ ଟ୍ରକ ନଂ ଓଡି.୦୫ଏ.ଏମ ୧୨୭୦ ଟିରେ ଯାନ୍ତ୍ରିକ ତ୍ରୁଟି ଉପୁଜିବାରୁ ଏହା ଆଗକୁ ଗଡ଼ି ଯାଇ ୪ ଗୋଟି ମଟରସାଇକେଲ ଉପରେ ମାଡ଼ିଯିବା ସହ ୩ ଜଣ ମଟରସାଇକେଲ ଆରୋହୀ ଆହତ ହୋଇଥିଲେ । ଆହତ ବ୍ୟକ୍ତିମାନେ ବଡ଼ମ୍ବାର ଆଲୋକ ନାୟକ, ନରସିଂହପୁର ବ୍ଲକ ନୁଖାପଡ଼ା ଗ୍ରାମର ରତି ରଞ୍ଜନ ବେହେରା ଏବଂ ବାଙ୍କୀ କଳାପଥର ଅଞ୍ଚଳର ଜୟନ୍ତ ପାଣିଗ୍ରାହୀ । ଆହତମାନଙ୍କୁ ପ୍ରଥମେ ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ସହ ଆଲୋକ ନାୟକ ଏବଂ ରତିରଞ୍ଜନ ବେହେରା ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା କାରଣରୁ ସେମାନଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୂଚନା ମିଳିଛି । ଘଟଣା ସ୍ଥଳରେ ମାତ୍ରାଧିକ ସମୟ ଧରି ଭିଡ଼ ଜମି ରହିଥିବା ବେଳେ ଭିଡ଼ ନିୟନ୍ତ୍ରଣ ଦାୟିତ୍ୱରେ ଥିବା କର୍ମଚାରୀ ବିଫଳ ବୋଲି ସ୍ଥାନୀୟ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣା ସ୍ଥଳରେ ବଡ଼ମ୍ବା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ପହଞ୍ଚି ଟ୍ରକ ସମେତ ମଟରସାଇକେଲ ଗୁଡିକୁ ଜବତ ଜବତ କରିଥିବା ସୂଚନା ମିଳିଥିବା ବେଳେ ଟ୍ରକ ଚାଳକ ଜଣଙ୍କ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି।

# ଦଶପଲ୍ଲା ଐତିହାସିକ ଲଙ୍କାପୋଡି ଯାତ୍ରା : ରାବଣ ବଧ




ଦଶପଲ୍ଲା,(ସବ୍ୟୁ) : ଚଳିତ ବର୍ଷ ଲଙ୍କାପୋଡି ଯାତ୍ରା ଅନ୍ତିମ ପର୍ଯ୍ୟାୟରେ ପହଂଚି ଥିବା ବେଳେ ଯାତ୍ରା ର ଚତୁର୍ଦ୍ଦଶ ଦିବସରେ ଇନ୍ଦ୍ରଜିତ ଓ ରାବଣ ବଧ ନାଟକ ମୁଖ୍ୟ ମଞ୍ଚରେ ଓ ମୁଖ୍ୟ ମଞ୍ଚ ଠାରୁ ଏକ କିଲୋମିଟର ଦୂର ଗାନ୍ଧୀ ମୈଦାନ ଠାରେ ଅନୁଷ୍ଠିତ ହୋଇଯାଇଛି । ରାମାୟଣ କଥାବସ୍ତୁ ଅନୁସାରେ କୁମ୍ଭକର୍ଣ୍ଣ ବଦ୍ଧ ପରେ ରାବଣ ମର୍ମାହତ ହୋଇପଡେ । ଏହି ସମୟ ରେ ରାବଣ ପୁତ୍ର ଇନ୍ଦ୍ରଜିତ ରାମ ଓ ଲକ୍ଷ୍ମଣ ଙ୍କୁ ପରାସ୍ତ କରିବା ପାଇଁ ନିକୁମ୍ଭୀଲା ବାଟ ଠାରେ ଗୁପ୍ତ ଯଜ୍ଞ ଆରମ୍ଭ କରେ । ବିଭିନ୍ନ ଏହା ଜାଣିପାରି ରାମ ଲକ୍ଷଣ ସହ ବାନରସେନା ଧରି ସେଠାରେ ପହଂଚି ଇନ୍ଦ୍ରଜିତର ଯଜ୍ଞ ଭଙ୍ଗ କରନ୍ତି । ଉତକ୍ଷିପ୍ତ ଇନ୍ଦ୍ରଜିତ ଙ୍କ ସହ ଲକ୍ଷ୍ମଣ ଙ୍କ ଘମାଘୋଟ ଯୁଦ୍ଧ ହୁଏ ଓ ଶେଷରେ ଇନ୍ଦ୍ରଜିତର ବଧ ହୁଏ। ଏହାପରେ ରାବଣ ଯୁଦ୍ଧ କରିବା ପାଇଁ ଆସେ ଛ ଏକଘନୀ ଅସ୍ତ୍ର ପ୍ରୟୋଗ ରେ ଲକ୍ଷ୍ମଣ ଙ୍କ ଶକ୍ତି ଭେଦ ହୁଏ । ହନୁମାନ ବିଶଲ୍ୟ କରଣୀ ପତ୍ର ଚିହ୍ନି ନପାରି ଗନ୍ଧମାର୍ଦ୍ଦନ ଶୃଙ୍ଗ କୁ ଭାଙ୍ଗି ଉଠାଇ ନେଇ ଆଣନ୍ତି । ଅଯୋଧା ଉପରଦେଇ ହନୁମାନ ଆସିଲାବେଳେ ଭରତ ଙ୍କ ବାଟୁଳି ରେ ସେ ଭୁଲ ରେ ଖସି ପଡନ୍ତି। ପରେ ହନୁମାନ ସୂର୍ଯ୍ୟ ଉଦୟ ପୂର୍ବରୁ ଗନ୍ଧମାର୍ଦ୍ଦନକୁ ଧରି ଲକ୍ଷ୍ମଣ ଙ୍କ ନିକଟରେ ପହଞ୍ଚନ୍ତି। ବୈଦ୍ୟ ଗୁରୁ ସୁଷେଣ ଙ୍କ ବିଶଲ୍ୟ କରଣୀ ଲେପନ ରେ ଲକ୍ଷ୍ମଣ ସୁସ୍ଥ ହୁଅନ୍ତି । ଏ କଥା ଜାଣି ରାବଣ ର ଶେଷପୁତ୍ର ଠୁଳ ଜଙ୍ଘ ଯୁଦ୍ଧକୁ ଆସେ ଓ ରାମ ଙ୍କ ହାତରେ ନିହତ ହୁଏ ଛାଶେଷରେ ରାବଣ ପୁଷ୍ପକ ଜାନରେ ଆସି ରାମ ଓ ଲକ୍ଷ୍ମଣଙ୍କ ସହ ଭୟଙ୍କର ମାୟା ଯୁଦ୍ଧ ଆରମ୍ଭ କରେ ।ଶେଷରେ ପ୍ରଭୁ ଶ୍ରୀରାମଙ୍କ ବ୍ରହ୍ମ ଅସ୍ତ୍ର ରେ ରାବଣର ବଧ ହୁଏ । ପରେ ବିଭିଷଣଙ୍କ ରାଜ୍ୟାଭିଷେକ ଓ ସୀତାଙ୍କ ଅଗ୍ନି ପରୀକ୍ଷା ପରେ ଲକ୍ଷ୍ମଣ,ସୀତା ଓ ବାନରସେନାକୁ ଧରି ପୁଷ୍ପକ ଜାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରନ୍ତା ରାମ ରାବଣ ଯୁଦ୍ଧ ବେଶ ମନ ମୁଗ୍ଧକର ହୋଇଥିବା ବେଳେ ହଜାର ହଜାର ଦର୍ଶକଙ୍କ ଗହଣରେ ରାମଙ୍କ ବ୍ରହ୍ମ ଅସ୍ତ୍ର ରାବଣ କୁ ବଧ କରି ପୁଣି ଫେରି ଆସିବା ଦୃଶ୍ୟ ବେଶ ମନମୁଗ୍ଧକର ହୋଇଥିଲା । ରଥ ଉପରେ ରାମ, ଲକ୍ଷ୍ମଣ ଓ କାଠରେ ନିର୍ମିତ ଚଳନ କ୍ଷମ ରାବଣ ମଧ୍ୟରେ ଏକ କିଲୋମିଟର ବ୍ୟାପି ଯୁଦ୍ଧ ଦେଖିବାକୁ ହଜାର ହଜାର ସଂଖ୍ୟା ରେ ଲୋକ ଙ୍କ ଜନସମାଗମ ହୋଇଥିଲା । ରାବଣ ବଧ ପରେ ଆତସ ବାଜିରେ ପ୍ରକମ୍ପିତ ହୋଇ ଉଠିଥିଲା ଦଶପଲ୍ଲା ସହର । ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ଇଣ୍ଡିଜେନ୍ ଆଇପିଓ ୬ରେ ଖୋଲିବ




ଭୁବନେଶ୍ୱର (ସବ୍ୟୁ) : ଇଣ୍ଡିଜେନ୍ ଲିମିଟେଡ୍ କମ୍ପାନୀ ଏହାର ପ୍ରାରମ୍ଭିକ ସର୍ବସାଧାରଣ ଅଫର୍ (ଆଇପିଓ) ସୋମବାର, ମଇ୬, ୨୦୨୪ ରେ ଖୋଲିବାକୁ ପ୍ରସ୍ତାବ ଦେଇଛି । ବିଡ୍ / ପ୍ରସ୍ତାବ ବନ୍ଦ ତାରିଖ ବୁଧବାର, ମଇ ୦୮, ୨୦୨୪ହେବ । ଆଙ୍କର୍ ଇନଭେଷ୍ଟର୍ ବିଡ୍ ତାରିଖ ହେଉଛି ବିଡ୍ / ଅଫର ଖୋଲିବା ତାରିଖର ଗୋଟିଏ କାର୍ଯ୍ୟ ଦିନର ପୂର୍ବଦିନ, ଅର୍ଥାତ୍ ଶୁକ୍ରବାର, ମଇ ୦୩, ୨୦୨୪ ରହିଛି।ଅଫରର ମୂଲ୍ୟ ବ୍ୟାଣ୍ଡକୁ ଇକ୍ୱିଟି ସେୟାର ପିଛା ୪୩୦ ଟଙ୍କା, ଇକ୍ୱିଟି ସେୟାର ପ୍ରତି ୪୫୨ ଟଙ୍କା ସ୍ଥିର କରାଯାଇଛି। ସର୍ବନିମ୍ନ ୩୩ ଇକ୍ୱିଟି ସେୟାର ପାଇଁ ଏବଂ ତା’ପରେ ୩୩ ଇକ୍ୱିଟି ସେୟାରର ଗୁଣରେ ବିଡ୍ କରାଯାଇପାରିବ ।ଏହି ଅଫରରେ ୭,୬୦୦ ମିଲିୟନ୍ ଇକ୍ୱିଟି ସେୟାର (ଫ୍ରେସ୍ ଇସୁ) ଏବଂ ୨୩,୯୩୨,୭୩୨ ପର୍ଯ୍ୟନ୍ତ ଇକ୍ୱିଟି ସେୟାର (ଅଫର୍ ସେୟାର) ବିକ୍ରୟ ପାଇଁ ଅଫର ରହିଛି, ଯେଉଁଥିରେ ବିକ୍ରୟ ହୋଲ୍ଡ ମନୀଷ ଗୁପ୍ତାଙ୍କ ଦ୍ୱାରା୧,୧୧୮,୫୯୬ ଇକ୍ୱିଟି ସେୟାର ରହିଛି। ଡକ୍ଟର ରାଜେଶ ଭାସ୍କରନ ନାୟାରଙ୍କ ୩,୨୩୩,୮୧୮ ପର୍ଯ୍ୟନ୍ତ ଇକ୍ୱିଟିସେୟାର, ଅନୀତା ନାୟାରଙ୍କ ୧,୧୫୧,୪୫୪ ଇକ୍ୱିଟି ସେୟାର ବ୍ୟକ୍ତିଗତ ବିକ୍ରୟ ଶେୟାରହୋଲ୍ଡର, ଭିଜା ଟ୍ରୁଷ୍ଟିପ୍ରାଇଭେଟ ଲିମିଟେଡ୍ (ଟ୍ରୁଷ୍ଟି ଅଫ୍ ଫିଗର୍ ଟ୍ରି ଟ୍ରଷ୍ଟ) ଙ୍କ ଦ୍ୱାରା ୩,୬୦୦,୦୦୦ ଇକ୍ୱିଟି ସେୟାର ଗ୍ରୁପ୍ ଲାଇଫ୍ ସ୍ପ୍ରିଙ୍ଗର ଅଂଶୀଦାର ଭାବରେ ବିପିସି ଜେନେସିସ୍ ଫଣ୍ଡ ୧ ଏସପିଭି ଲିଃ ଦ୍ୱାରା ୨,୬୫୭,୬୮୭ ଇକ୍ୱିଟି ସେୟାର, ବିପିସି ଜେନେରେସ୍ ଫଣ୍ଡ ୧-ଏ ଏସପିଭିଲିଃ ୧,୩୭୮,୫୨୭ ଇକ୍ୱିଟି ସେୟାର ଏବଂ ସିଏ ଡାଓନ ଇନଭେଷ୍ଟମେ୧୦,୭୯୨,୬୫୦ ଇକ୍ୱିଟି ସେୟାର ଏଥିରେ ସାମିଲ ରହିଛି।

# ଟାଟା ଏଆଇଏ ପକ୍ଷରୁ ଭୋଟ୍ କାର୍ନେ-କୋ ତେୟାର୍ ଅଭିଯାନ

ଭୁବନେଶ୍ୱର (ସବ୍ୟୁ) : ଟାଟା ଏଆଇଏ ଲାଇଫ୍ ଇନ୍ସୁରାନ୍ସ କର୍ପୋରେସନ ଲିଃ (ଟାଟା ଏଆଇଏ), ଭାରତର ଏକ ଅଗ୍ରଣୀଜୀବନ ବୀମା କମ୍ପାନୀ ନିକଟରେ ଭୋଟ୍ କାର୍ନେ-କୋ ତେୟାର୍ ନାମକ ଏକ ଅଭିନବ ସୋସିଆଲ୍ ମିଡିଆଅଭିଯାନ ଆରମ୍ଭ କରିଛି । ଏହି ଅଭିଯାନ ଯୁବ ଭାରତୀୟଙ୍କୁ, ବିଶେଷ କରି ପ୍ରଥମ ଥର ଭୋଟରମାନଙ୍କୁ ଭୋଟ୍‌ଦେବା ପାଇଁ ପଞ୍ଜୀକୃତ କରିବାକୁ ଏବଂ ତା’ପରେ ନିଜ ନିଜ ସ୍ଥାନରେ ନିର୍ବାଚନ ଦିନ ଭୋଟ୍ ଦେବାକୁ ପ୍ରତ୍ସାହିତକରିବ । ଏହି ଅଭିଯାନର ଲକ୍ଷ୍ୟ ହେଉଛି ଯୁବକମାନଙ୍କ ମଧ୍ୟରେ ଜାତୀୟ ଦାୟିତ୍ୱ ଏବଂ କର୍ତ୍ତବ୍ୟର ଭାବନା,ସାମାଜିକ ସମସ୍ୟା ପ୍ରତି ସେମାନଙ୍କର ଚେତନାକୁ ବୃଦ୍ଧି କରିବା ଗୋଟିଏ ସମୟରେ ଯେଉଁଠାରେ ଜେନ୍-ଜି ସ୍ଥିରତା,ସଡକ ସୁରକ୍ଷା ଏବଂ ସାଇବର ସଚେତନତା ଭଳି ବିଷୟ ପ୍ରତି ଅଧିକ ସଚେତନତା ପ୍ରଦର୍ଶନ କରୁଛନ୍ତି, ଅନୁରୂପଭାବେ ଟାଟା ଏଆଇଏ ଦେଶର ଭବିଷ୍ୟତ ଗଠନରେ ସେମାନଙ୍କ ଭାଗିଦାରି ସୁନିଶ୍ଚିତ କରିବା ଦିଗରେପ୍ରମୁଖ ଭୂମିକା ଗ୍ରହଣ କରୁଛି। ଭୋଟ୍ କାର୍ନେ-କୋ ତେୟାର୍ ଅଭିଯାନ ଡିଜିଟାଲି ସକ୍ରିୟ ଯୁବକମାନଙ୍କୁ ଅନ୍ତର୍ଭୁକ୍ତ କରୁଛି, ଯେଉଁମାନେ ଅନଲାଇନ୍ ବିଷୟବସ୍ତୁର ଉପଭୋକ୍ତା ଏବଂ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ସକ୍ରିୟ ଅଟନ୍ତି ।

ବିଭିନ୍ନ ବିଧାନସଭା ମଧ୍ୟରେ ଚଳିତ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥିଙ୍କ ମଧ୍ୟରେ ନବରଙ୍ଗପୁର ବିଜେପିରୁ ଗୌରୀଶଙ୍କର ମାଝୀ, କଂଗ୍ରେସରୁ ଦିଲିପ ପ୍ରଧାନୀ ଓ ବିଜେଡ଼ିରୁ କୌଶଲ୍ୟା ମାଝୀ । କୌଶଲ୍ୟା ହେଉଛନ୍ତି ୨୦୧୯ରେ ବିଜେଡ଼ି ପ୍ରାର୍ଥି ହୋଇ ଜିତିଥିବା ସଦାଶିବ ପ୍ରଧାନୀଙ୍କ ସହଧର୍ମିନୀ । ପାରିବାରିକ ସମ୍ପର୍କରେ କୌଶଲ୍ୟ ହେଉଛନ୍ତି କଂଗ୍ରେସ ପ୍ରାର୍ଥି ଦିଲିପଙ୍କ ଖୁଡ଼ି ।

କୋଟପାଡ଼ରୁ ବିଜେଡ଼ି ପ୍ରାର୍ଥି ହୋଇଛନ୍ତି ଚନ୍ଦ୍ର ଶେଖର ମାଝୀ । ଗତ ୨୦୧୯ ନିର୍ବାଚନରେ ଚନ୍ଦ୍ର ଶେଖର କଂଗ୍ରେସ ଦଳରୁ ପ୍ରାର୍ଥି ହୋଇଥିବା ବେଳେ ପରବର୍ତ୍ତି ସମୟରେ କଂଗ୍ରେସ ଛାଡ଼ି ବିଜେଡ଼ିରେ ଯୋଗଦାନ କରିଥିଲେ । କଂଗ୍ରେସରୁ ଅନାମ ଦିଆନ ଓ ବିଜେପିରୁ ରୁତୁ ଭଦ୍ରା ପ୍ରାର୍ଥି ହୋଇଛନ୍ତି । ବିଶେଷ କରି ଏହି ଆସନରେ ବିଜେଡ଼ି-ବିଜେପି ମଧ୍ୟରେ ଲଢ଼େଇ ହେଉଛି ।

ଡ଼ାବୁଗାଁ ଆସନରୁ ବିଜେଡ଼ିରୁ ମନୋହର ରନ୍ଧାରୀ ଲଢୁଥିବା ବେଳେ କଂଗ୍ରେସରୁ ଡ଼. ଲପିକା ମାଝୀଙ୍କୁ ପ୍ରାର୍ଥି କରିଛି । ବିଜେପି ପକ୍ଷରୁ ସୋମନାଥ ପୁଜାରୀ ପ୍ରାର୍ଥି ହୋଇଛନ୍ତି ।

ମାଲକାନଗିରିରୁ ବିଜେଡ଼ି ମାନସ ମାଡ଼କାମୀଙ୍କୁ ପ୍ରାର୍ଥି କରିଛି । ବିଜେପିରୁ ନରସିଂହ ମାଡ଼କାମୀ ପ୍ରାର୍ଥି ହୋଇଥିବା ବେଳେ କଂଗ୍ରେସରୁ ମାଳା ମାଡ଼ୀଙ୍କୁ ପ୍ରାର୍ଥି କରିଛି । ଚିତ୍ରକୋଣ୍ଡା ବିଧାନସଭା କ୍ଷେତ୍ରରୁ ବିଜେଡ଼ିରୁ ଲକ୍ଷ୍ମୀପ୍ରିୟା ନାଏକ ପ୍ରାର୍ଥି ହୋଇଛନ୍ତି । ୨୦୧୯ ନିର୍ବାଚନରେ ଲକ୍ଷ୍ମୀପ୍ରିୟା କଂଗ୍ରେସ ଦଳରୁ ପ୍ରତିଦ୍ୱନ୍ଦିତା କରୁଥିଲେ । ଉମରକୋଟ ଆସନରୁ ବିଜେଡ଼ି ନବୀନା ନାଏକଙ୍କୁ ପ୍ରାର୍ଥି କରିଥିବା ବେଳେ ବିଜେପି ନିତ୍ୟାନନ୍ଦ ଗଣ୍ଡଙ୍କ ଉପରେ ପୁଣି ଥରେ ଭରଷା କରିଛି । ସେହିପରି କଂଗ୍ରେସ ଦଳରୁ ସନରାଜ ଗଣ୍ଡଙ୍କୁ ପ୍ରାର୍ଥି ହୋଇଛନ୍ତି । ଏହି ସମସ୍ତ ବିଧାନସଭା ଆସନ ମଧ୍ୟରୁ କିଛି ଆସନରେ ଦ୍ୱିମୁଖି ଲଢ଼େଇ ହେଉଥିବା ବେଳେ କିଛି ସ୍ଥାନରେ ତ୍ରୀମୁଖି ଲଢ଼େଇ ହେଉଛି ।

**ଦଶାହ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶ୍ରୀଧର ସାମଲ
କୁଆଖିଆ
ଆବିର୍ଭାବ: ୭.୧୦.୧୯୪୬
ତୀରୋଧାନ:୨୨.୪.୨୦୨୪
ତୁମେ ଥିଲ ଆମ ପ୍ରେରଣାର ଉତ୍ସ, ତୁମର ସ୍ନେହ ଶ୍ରଦ୍ଧା କର୍ତ୍ତବ୍ୟନିଷ୍ଠା ସମୟାନୁବର୍ତ୍ତିତା ଚିର ସ୍ମରଣୀୟ ହୋଇ ରହିବ, ତୁମ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ : ଭ୍ରାତା ରତିକାନ୍ତ ସାମଲ, ହରିହର ସାମଲ, ପତ୍ନୀ, ପୁତ୍ର ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ସାମଲ ପରିବାର ବର୍ଗ ।

**ଦ.ପୂ. ରେଳବାଇ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ସିନିୟର ଡିଭିଜନାଲ ଇଲେକଟ୍ରିକାଲ ଇଞ୍ଜିନିୟର (ଟିଆରଏସ), ବୋଣ୍ଡାମୁଣ୍ଡା, ଦକ୍ଷିଣ ପୂର୍ବ ରେଳବାଇ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବାବଦରେ ମାନୁଆଲ ପ୍ରସ୍ତାବ ଗ୍ରହଣୀୟ ହେବନାହିଁ ଏବଂ ମିଳିଥିବା ଅନୁରୂପ କୌଣସି ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । **ଇ-ଟେଣ୍ଡର ନୋଟିସ ନଂ ଟିଆରଏସ-ବିଏନଡିଏମ-୦୧-୨୦୨୪-୨୫ ତାରିଖ : ୨୯.୦୪.୨୦୨୪ । କାର୍ଯ୍ୟର ବିବରଣୀ :** ଓଇଏମ ଜରିଆରେ ଏସଆଇଜିଏନଓ ଟିଆରଓଏନ ନିର୍ମିତ ନଷ୍ଟ ହୋଇଯାଇଥିବା ଇଓଟି ଡିଭାଇସ, କ୍ରମିକ ନଂ. ଇଓଟି୨୦୦୦୭ର ମରାମତି । **କାର୍ଯ୍ୟର ଅଟକଳମୂଲ୍ୟ :** ଟ.୨,୫୬,୧୪୦.୩୫ (୧୮ ପ୍ରତିଶତ ହାରରେ ଜିଏସଟି ସମେତ) । **ଅର୍ନେଷ୍ଟମନି :** ଟ.୫,୧୦୦ । **ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ :** ୨୦-୦୫-୨୦୨୪, ୧୫.୦୦ ଘଣ୍ଟା । ୱେବସାଇଟ ବିବରଣୀ ଏବଂ ସବିଶେଷ ତଥ୍ୟ **http://www.ireps.gov.in** । ଇ-ଟେଣ୍ଡର ସମ୍ପର୍କିତ ପୂର୍ଣ୍ଣାଙ୍ଗ ବିବରଣୀ ୱେବସାଇଟ୍‌ରେ ଉପଲବ୍ଧ ହେବ । **(PR-96)**

**AFFIDAVIT**

I, **ROUT DHAL SATYADEEP**, aged about 23 years, son of Pradeep Kumar Rout (father) & Smita Nibedita Dhal (mother), resident of Plot No.: S-1/139, Niladri Vihar, Chandrasekharpur, Bhubaneswar-751016, Dist.: Khordha, do hereby solemnly affirm that, in my all relevant documents i.e. Aadhaar Card, Pan Card vide No. LCPPS2254C etc. my name has been reflected as ROUT DHAL SATYADEEP & some other relevant documents/ Certificate my name has been shortly mentioned as R. D. SATYADEEP instead of my full name i.e. ROUT DHAL SATYADEEP. R. D. SATYADEEP and **ROUT DHAL SATYADEEP** is one and same person i.e. myself. That the facts stated above are true to the best of my knowledge and belief.

**ହଜିଛି**

ଆମ୍ଭେ, ବ୍ୟାଙ୍କ ଅଫ୍ ବରୋଦା, ସା: କଲେଜ୍ ରୋଡ଼, ଯାଜପୁର ରୋଡ଼, ତୋରଦା, ପୋ/ ଥାନା: ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ ଏତଦ୍‌ଦ୍ୱାରା ଘୋଷଣା କରୁଛୁ କି, **କୃଷ୍ଣ ଚନ୍ଦ୍ର ସାହୁ,** ସା/ପୋ: ନାରଙ୍ଗପୁର, ପୋ: କେଶଦୁରାପାଳ, ଥାନା: ରାମଚନ୍ଦ୍ରପୁର, ଜିଲ୍ଲା: କେନ୍ଦୁଝରଙ୍କ ନାମରେ ରେକର୍ଡଭୁକ୍ତ ସ୍ଥାବର ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୨୯୫/୨୫୨୦ ଏବଂ ୨୯୮/୨୫୨୧, **ପରିମିତ ସମୁଦାୟ କ୍ଷେତ୍ର: ଏକର ୦.୦୫୦ ଡିସିମିଲ,** କିସମ: ଘରବାରୀ, ଖାତା ନଂ.: ୬୪୩/୫୮୭, ରେଭିନ୍ୟୁ ମୌଜା: ୟୁନିଟ୍ ନଂ.: ୪ ଭଟିଆ, ବ୍ୟାଙ୍କ ଅଫ୍ ବରୋଦା, ଯାଜପୁର ରୋଡ଼ ଶାଖାରେ ମାଲିକାନା ଦଲିଲ୍ ସହିତ ବନ୍ଧକ ରହିଛି ଏବଂ ଆମ୍ଭେ ବ୍ୟାଙ୍କ ଅଫ୍ ବରୋଦା ସତ୍ୟପାଠ ପୂର୍ବକ ଜଣାଇଦେବାକୁ ଚାହୁଁଛୁ କି ଉପରୋକ୍ତ ସମ୍ପତ୍ତିର ବିକ୍ରୟ ଦଲିଲ୍ ଯାହାର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୩୭୨, ତା: ୨୮.୦୪.୨୦୦୮ ଏବଂ ଆରଓଆର୍ ନଂ.: ୬୪୩/୫୮୭ ହଜିଯାଇଛି, ଏହି ଘଟଣା ଯାଜପୁର ରୋଡ଼ ଥାନାର ଜ୍ଞାତ ସାରକୁ ଅଣାଯାଇଛି। ଉପରୋକ୍ତ ସମ୍ପତ୍ତି ଉପରେ ଯଦି କାହାର କୌଣସି ଦାବୀ, ଅଧିକାର ମାଲିକାନା ଥାଏ ତେବେ ଏହି ନୋଟିସ୍ ପ୍ରକାଶନର ୭ ଦିନ ମଧ୍ୟରେ ବ୍ୟାଙ୍କ ଅଫ୍ ବରୋଦା, ଯାଜପୁର ରୋଡ଼ ଶାଖାରେ ନିଜର ଆପତ୍ତି ଉପସ୍ଥାପନ କରିପାରିବେ।

**ସାର୍ବଜନିକ ସୂଚନା**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ ପ୍ରାଧିକରଣ, ଓଡ଼ିଶାଙ୍କ ପତ୍ର ସଂଖ୍ୟା: **462922/05-MIN/02-2024** ତା. ୧୨.୦୩.୨୦୨୪ରିଖ ଦ୍ୱାରା ସାନଇନ୍ଦପୁର ଲୌହ ଏବଂ ବକ୍ସାଇଟ ଖଣି, ମେସର୍ସ ରୁଙ୍ଗଟା ସନସ୍ ପ୍ରା. ଲିଃ. ଗ୍ରାମ: ସାନଇନ୍ଦପୁର ଏବଂ ଓରାଘାଟ, ତହସିଲ କୋଇଡା, ଜିଲ୍ଲା ସୁନ୍ଦରଗଡରେ ସ୍ଥିତ ୧୪୭.୧୦ ହେକ୍ଟର ପରିମିତ ପଟ୍ଟା ଅଞ୍ଚଳରେ ସମୁଦାୟ ସଂଚାଳନ ବାର୍ଷିକ ୨୩.୦୬୪ ନିୟୁତ ଟନ୍ (ଆରଓଏମ ଲୌହ ଓର୍ ବାର୍ଷିକ ୧୭.୯୨୫ ନିୟୁତ ଟନ + ପୁରୁଣା ଡମ୍ପ ଓ ଗଦାରୁ ୧.୭୯୩ ବାର୍ଷିକ ନିୟୁତ ଟନ) ଓ ବର୍ଜ୍ୟ ୩.୩୪୬ ବାର୍ଷିକ ନିୟୁତ ଟନ ପାଇଁ ପରିବେଶ ମଞ୍ଜୁରୀ ଦିଆଯାଇଛି । ଏହି ମଞ୍ଜୁରୀର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟଙ୍କ ୱେବସାଇଟ **(www.parivesh.nic.in)** ରେ ଉପଲବ୍ଧ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

## ଫେକ୍ ଭିଡିଓ ମାମଲା : ୩ ଗିରଫ





ନୂଆଦିଲ୍ଲୀ : ଗୃହମନ୍ତ୍ରୀ ଅମିତ ଶାହଙ୍କ ଫେକ୍ ଭିଡିଓ ଭାଇରାଲ ମାମଲାରେ ଆକ୍ସନ ମୁଡକୁ ଆସିଛି ପୁଲିସ । ଏହି ମାମଲାରେ ଆଜି ତିନି ଜଣଙ୍କୁ ଗିରଫ କରାଯାଇଛି । ଗିରଫ ତିନି ଜଣ ଆମ୍ ଆଦମୀ ପାର୍ଟି ଓ କଂଗ୍ରେସ ସହ ଜଡିତ ଥିବା କୁହାଯାଇଛି ।

ଇଣ୍ଡିଆ ଟୁଡେର ରିପୋର୍ଟ ମୁତାବକ, ଆପ୍ ଓ କଂଗ୍ରେସ ସହ ଜଡିତ ଥିବା ତିନି ଜଣଙ୍କୁ ଗିରଫ କରାଯାଇଛି । ଅହମ୍ମଦାବାଦ ସାଇବର କ୍ରାଇମ ଟିମ୍ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଗିରଫ ତିନି ଜଣ ଅଭିଯୁକ୍ତ ମଧ୍ୟରୁ ଦୁଇ ଜଣଙ୍କ ନାଁ ସତୀଶ ବନସୋଲା ଓ ଆର୍ ବି ବାରିୟା ବୋଲି ଜଣାପଡିଛି । ସତୀଶ ବନସୋଲା ହେଉଛି କଂଗ୍ରେସ ବିଧାୟକ ଜିଗ୍ନେଶ ମେୱାନିଙ୍କ ପିଏ । ସେ ମେୱାନୀଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପରିଚାଳନା କରୁଥିବାବେଳେ ଆର୍ ବି ବାରିୟା ଆମ୍ ଆଦମୀ ପାର୍ଟିର ଦାହୋଡ ଜିଲ୍ଲା ମୁଖ୍ୟ ଅଟନ୍ତି । ଏହି ଦୁଇ ଜଣ ହିଁ ଶାହଙ୍କ ଫେକ୍ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ ବୋଲି ପୁଲିସ କହିଛି । ଏହାପୂର୍ବରୁ ସୋମବାର ଆସାମ ପୁଲିସ ମଧ୍ୟ ଏହି ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା କହିଥିଲା । ତା'ଠାରୁ ଏକ ଲାପଟପ୍ ଏବଂ ଦୁଇଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତିଙ୍କ ନାମ ରିତମ ସିଂହ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୂଚନା ଦେଇଥିଲେ । ଗତକାଲି ଏହି ମାମଲାରେ ଗତକାଲି ଦିଲ୍ଲୀ ପୁଲିସ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବ । ରେଡ୍ଡୀଙ୍କୁ ପଚରାଉଚରା କରିବା ପାଇଁ ସମନ ପଠାଇ ସାରିଛି । ତାଙ୍କ ସହ ଅନ୍ୟ କେତେକ କଂଗ୍ରେସ ନେତାଙ୍କୁ ମଧ୍ୟ ସମନ କରି ପଚରାଉଚରା ପାଇଁ ମେ' ୧ ତାରିଖରେ ହାଜର ହେବା ପାଇଁ କୁହାଯାଇଛି ।

ଶାହାଙ୍କ ଫେକ୍ ଭିଡିଓକୁ ନେଇ ବିଜେପି କଂଗ୍ରେସ ବିରୋଧରେ ନର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛି । ନିର୍ବାଚନ ପ୍ରକ୍ରିୟାକୁ ଭ୍ରମିତ କରିବା ପାଇଁ କଂଗ୍ରେସ ଜାଣିଶୁଣି ଶାହଙ୍କ ଡିପ୍ ଫେକ୍ ଭିଡିଓ ଓ ଏଡିଟେଡ୍ ଭିଡିଓକୁ ସୋଶାଲ ମିଡିଆରେ ଭାଇରାଲ କରୁଛି । ଏଥିପାଇଁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ଦାବି କରିଛି । ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏଥିରେ ଯଦି ଭାରତୀୟ ଜନତା ପାର୍ଟି ସରକାରକୁ ଆସେ ତେବେ ଏସସି / ଏସଟି ସଂରକ୍ଷଣ ବନ୍ଦ କରିବାକୁ ଅମିତ ଶାହା କହୁଥିବା ଦାବି କରାଯାଇଥିଲା । ପରେ ସେୟାର କରାଯାଉଥିବା ଭିଡିଓଟି ଫେକ୍ ବୋଲି ସ୍ପଷ୍ଟ ହୋଇଥିଲା । ଶାହଙ୍କ ଭାଷଣକୁ ଏଡିଟ୍ କରାଯାଇଥିବା ଜଣାପଡିଥିଲା । ମୂଳ ଭିଡିଓ ୨୦୨୩ ତେଲେଙ୍ଗାନାରେ ଦିଆଯାଇଥିବା ଏକ ଭାଷଣର ଥିଲାଳ ଯେଉଁଥିରେ ଗୃହମନ୍ତ୍ରୀ ମୁସଲିମ କୋଟା ରଦ୍ଦ କରିବା ବିଷୟରେ କହିଥିଲେ ।

## ନିର୍ବାଚନୀ ସଭାରେ ପ୍ରତିଶ୍ରୁତି

# ଧର୍ମ ଆଧାରରେ ସଂରକ୍ଷଣ ଅସମ୍ଭବ : ମୋଦୀ

ନୂଆଦିଲ୍ଲୀ: ତେଲେଙ୍ଗାନାରେ ଧର୍ମ ଭିତ୍ତିକ ସଂରକ୍ଷଣକୁ ନେଇ ବଡ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଯେପର୍ଯ୍ୟନ୍ତ ସେ ଜୀବିତ ଅଛନ୍ତି, ଦେଶର ମୁସଲମାନମାନଙ୍କୁ ଧର୍ମ ଆଧାରରେ ସଂରକ୍ଷଣ ଦିଆଯିବ ନାହିଁ ।

ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଟାର୍ଗେଟ୍ କରି କହିଛନ୍ତି ଯେ ଯେପର୍ଯ୍ୟନ୍ତ ସେ ବଞ୍ଚିରହିବେ ଅନୁସୂଚିତ ଜାତି, ଜନଜାତି ଓ ଓବିସିଙ୍କ ବଦଳରେ ଧର୍ମ ଆଧାରରେ ମୁସଲମାନମାନଙ୍କୁ ସଂରକ୍ଷଣ ଦେବାକୁ ସେ ଅନୁମତି ଦେବେ ନାହିଁ । ମେଡକ ଜିଲ୍ଲାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ମୋଦି ପ୍ରତିଶ୍ରୁତି ଦେଇଛନ୍ତି ଯେ ସେ ତାଙ୍କ ତୃତୀୟ ପାଳିରେ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତିକୁ ବଡ଼ ଧରଣରେ ପାଳନ କରାଯିବ ।



ତେଲେଙ୍ଗାନାରେ କେସିଆର ସରକାର ମୁସଲିମମାନଙ୍କୁ ୪ ପ୍ରତିଶତ ସଂରକ୍ଷଣ ଦେଇଥିଲେ । ଧର୍ମ ଭିତ୍ତିରେ ସଂରକ୍ଷଣକୁ ବିଜେପି ବିରୋଧ କରିଆସିଛି । ଗତ ବର୍ଷ ତେଲେଙ୍ଗାନା ବିଧାନସଭା ନିର୍ବାଚନ ସମୟରେ ଗୃହମନ୍ତ୍ରୀ ଅମିତ ଶାହା କହିଥିଲେ ଯେ ରାଜ୍ୟରେ ତାଙ୍କ ସରକାର କ୍ଷମତାକୁ ଆସିଲେ ଏହି କୋଟା ଉଠାଇଦେବ । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ଟାର୍ଗେଟ କରି ମୋଦି ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ଡବଲ ଆର (ଆରଆର) ଟିକସ ଜରିଆରେ ଆଦାୟ ହୋଇଥିବା ଟଙ୍କା ଦିଲ୍ଲୀ ପଠାଯାଉଛି । ପ୍ରଧାନମନ୍ତ୍ରୀ 'ଆରଆରଆର' ନାମକ ବ୍ଲକବଷ୍ଟର ତେଲୁଗୁ ଚଳଚ୍ଚିତ୍ର ବିଷୟରେ ଉଲ୍ଲେଖ କରି ଏହି ମନ୍ତବ୍ୟ ଦେଇଛନ୍ତି ।

ଏକ ନକଲି ଭିଡିଓ ମାମଲାକୁ ନେଇ କଂଗ୍ରେସ ଦଳକୁ ସମାଲୋଚନା କରି ସେ କହିଛନ୍ତି ଯେ ଲୋକଙ୍କୁ ବିଭ୍ରାନ୍ତ କରିବା ଏବଂ ସମାଜରେ ଉତ୍ତେଜନା ସୃଷ୍ଟି କରିବା ପାଇଁ ଏହା କରାଯାଉଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ କଂଗ୍ରେସ କ୍ଷମତାକୁ ଆସିଲେ ୫୫ ପ୍ରତିଶତ ଉତ୍ତରାଧିକାର ଟିକସ ଲଗାଇବ ।



## ସିସୋଦିଆଙ୍କୁ ମିଳିଲାନି ଜାମିନ୍

ନୂଆଦିଲ୍ଲୀ : ଏହା ପୂର୍ବରୁ ନିମ୍ନ ଅଦାଲତ, ହାଇକୋର୍ଟ ଓ ସୁପ୍ରିମକୋର୍ଟ ମଧ୍ୟ ମନ ଦୁର୍ନୀତି ମାମଲାରେ ତାଙ୍କୁ ଜାମିନ ଦେବା ପାଇଁ ମନା କରିଦେଇଥିଲେ । ଏବେ ରାଉଜ ଆଭେନ୍ୟୁ କୋର୍ଟ ମଧ୍ୟ ତାଙ୍କୁ ଜାମିନ ମଞ୍ଜୁର କରିନାହାନ୍ତି । କୋର୍ଟଙ୍କ ଏହି ରାୟକୁ ଏବେ ସିସୋଦିଆ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ । ଦିଲ୍ଲୀର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା ମନୀଷ ସିସୋଦିଆଙ୍କୁ ଝଟ୍କାଛ ତାଙ୍କୁ ମିଳିଲାନି ଜାମିନ । ରାଉଜ ଆଭେନ୍ୟୁ କୋର୍ଟ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ସିସୋଦିଆଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । ଏହାକୁ ମିଶାଇ ଦ୍ୱିତୀୟ ଥର ପାଇଁ ତାଙ୍କ ଜାମିନ ଆବେଦନ ଖରାଜ ହୋଇଛି । ଏହା ପୂର୍ବରୁ ନିମ୍ନ ଅଦାଲତ, ହାଇକୋର୍ଟ ଓ ସୁପ୍ରିମକୋର୍ଟ ମଧ୍ୟ ମନ ଦୁର୍ନୀତି ମାମଲାରେ ତାଙ୍କୁ ଜାମିନ ଦେବା ପାଇଁ ମନା କରିଦେଇଥିଲେ । ଏବେ ରାଉଜ ଆଭେନ୍ୟୁ କୋର୍ଟ ମଧ୍ୟ ତାଙ୍କୁ ଜାମିନ ମଞ୍ଜୁର କରି ନହାନ୍ତି । କୋର୍ଟଙ୍କ ଏହି ରାୟକୁ ଏବେ ସିରୋଦିଆ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ । କିଛି ଦିନ ପୂର୍ବେ ଦିଲ୍ଲୀ ମଦ ଦୁର୍ନୀତି ମାମଲରେ ସିସୋଦିଆଙ୍କ ଜାମିନ ଆବେଦନ ଉପରେ ରାଉଜ ଆଭେନ୍ୟୁ ନିଜ ରାୟ ସଂରକ୍ଷିତ ରଖିଥିଲେ । ଆଜି ରାଉଜ ଆଭେନ୍ୟୁ କୋର୍ଟ ଜଷ୍ଟିସ କାବେରୀ ବାବେଜାଙ୍କ ସାମ୍ନାରେ ଶୁଣାଣି ବେଳେ ସିସୋଦିଆ ମଦ ଦୁର୍ନୀତି ମାମଲାର କିଙ୍ଗପିନ୍ ବୋଲି ସିବିଆଇ କହିଥିଲା । ଏଥିପାଇଁ ତାଙ୍କୁ ଜାମିନ ଦେବା ଉଚିତ ନୁହେଁ ବୋଲି କହିଥିଲା । ଯଦି ସିସୋଦିଆଙ୍କୁ ଜାମିନ ମିଳେ ତେବେ ସେ ପ୍ରମାଣ ଓ ସାକ୍ଷୀ ଉପରେ ପ୍ରଭାବ ପକାଇବାକୁ ଚେଷ୍ଟା କରିପାରନ୍ତି ବୋଲି ସିବିଆଇ କହିଥିଲା । କହିରଖୁ ଯେ, ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଗତବର୍ଷ ଫେବ୍ରୁଆରୀ ୨୬ ତାରିଖରେ ମନୀଷ ସିସୋଦିଆଙ୍କୁ ସିବିଆଇ ଗିରଫ କରିଥିଲା । ଏହାପରେ ଏହି ମାମଲାରେ ଟଙ୍କା ହେରଫେର ଅଭିଯୋଗରେ ଇଡି ମଧ୍ୟ ତାଙ୍କୁ ଗିରଫ କରିଥିଲା ।

## ନିର୍ବାଚନ ଲଢିନପାରନ୍ତି ପ୍ରିୟଙ୍କା

ନୂଆଦିଲ୍ଲୀ : କଂଗ୍ରେସ ରାୟବରେଲି ଏବଂ ଆମେଠିରୁ କାହାକୁ ପ୍ରାର୍ଥୀ କରିବ ସେନେଇ ସ୍ପଷ୍ଟ ହୋଇନଥିବା ବେଳେ ଏଥର ପ୍ରିୟଙ୍କା ଗାନ୍ଧି ଭଦ୍ରା ନିର୍ବାଚନ ଲଢିନପାରନ୍ତି ବୋଲି ଚର୍ଚ୍ଚା ହେଉଛି । ବିଶେଷ ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ ପ୍ରିୟଙ୍କା ଗାନ୍ଧି ଏଥର ଲୋକସଭା ନିର୍ବାଚନ ଲଢିନପାରନ୍ତିଛ ସେ କେବଳ ନିର୍ବାଚନ ପ୍ରଚାର କରିବେ । ସୂତ୍ରରୁ ଆହୁରି ଜଣାଯାଇଛି ଯେ, ରାହୁର ଗାନ୍ଧି ଆମେଠିରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନା ରାୟବରେଲିରୁ ତାହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ।



ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକରେ ଗାନ୍ଧି ଭାଇଭଉଣୀଙ୍କୁ ଆମେଠି ଏବଂ ରାୟବେରେଲିରୁ ପ୍ରାର୍ଥୀ କରିବା ପାଇଁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି ବୈଠକରେ ଉତ୍ତରପ୍ରଦେଶର ସାଧାରଣ ସମ୍ପାଦକଙ୍କ ସମେତ କଂଗ୍ରେସ ନେତାମାନେ ରାହୁଲ ଗାନ୍ଧି ଏବଂ ପ୍ରିୟଙ୍କା ଗାନ୍ଧିଙ୍କୁ ପ୍ରାର୍ଥୀ କରିବାରେ ମଧ୍ୟ ଦୃଢ ସହମତି ପ୍ରକାଶ କରିଥିଲେ । କିନ୍ତୁ ପ୍ରିୟଙ୍କା ଗାନ୍ଧି ନିର୍ବାଚନ ନଲଢିପାରନ୍ତି ବୋଲି କୁହାଯାଉଛି । ମେ ୨୦ରେ ଉଭୟ ଆମେଠି ଏବଂ ରାୟବେରେଲିରେ ଭୋଟ୍ ପଡ଼ିବ । ପୂର୍ବରୁ ଆମେଠି ରାହୁଲ ଗାନ୍ଧିଙ୍କ ଗଡ଼ ଭାବେ ବିବେଚିତ ହୋଇ ଆସୁଥିଲା । ସେ ଏଠାରୁ ସେ ୨୦୦୪ ରୁ ୨୦୧୪ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରିଥିଲେ । କିନ୍ତୁ ୨୦୧୯ରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନି ତାଙ୍କୁ ଏଠାରୁ ପରାସ୍ତ କରିଥିଲେଛ ସେପଟେ ରାହୁଲ ଗାନ୍ଧିଙ୍କ ମାଆ ତଥା କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧି ରାୟବରେଲିରୁ ପ୍ରତିଦ୍ୱନ୍ଦ୍ୱିତା କରନ୍ତିଛ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବାରୁ ଏଥର ଏହି ଆସନ ପାଇଁ ଦଳ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ଚର୍ଚ୍ଚା ଲାଗିରହିଛି । ଯଦି ପ୍ରିୟଙ୍କା ଗାନ୍ଧି ନିର୍ବାଚନ ନ ଲଢନ୍ତି, ତେବେ ରାହୁଲ ଗାନ୍ଧି ଆମେଠିରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନା ରାୟବରେଲିରୁ ତା' ଉପରେ ସମସ୍ତଙ୍କ ନଜର ରହିବ ନିଶ୍ଚୟ ।

## ଏନ୍କାଉଣ୍ଟରେ ମହିଳାଙ୍କ ସମେତ ୭ ମାଓବାଦୀ ନିହତ

ନୂଆଦିଲ୍ଲୀ: ଛତିଶଗଡର ନାରାୟଣପୁର ଜିଲ୍ଲାରେ ସୁରକ୍ଷା ବାହିନୀ ସହ ଚାଲିଥିବା ଏନକାଉଣ୍ଟରରେ ଦୁଇଜଣ ମହିଳା ସଦସ୍ୟଙ୍କ ସମେତ ଅତି କମରେ୭ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଏନକାଉଣ୍ଟର ସ୍ଥାନରୁ ଗୋଟିଏ ଏକେ-୪୭ ସମେତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି ।

ମାଓବାଦୀଙ୍କ ସହି ଜିଲ୍ଲା ରିଜର୍ଭ ଗାର୍ଡ (ଡିଆର୍ଜି) ଏବଂ ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ)ର ମିଳିତ ଏନକାଉଣ୍ଟର ଆଜି ପ୍ରାୟ ସକାଳ ୬ଟା ସମୟରେ ଏକ ଜଙ୍ଗଲରେ ଆରମ୍ଭ ହୋଇଥିଲା ବୋଲି ଅଧିକାରୀମାନେ କହିଛନ୍ତି । ସୁରକ୍ଷାକର୍ମୀମାନେ ସୋମବାର ନାରାୟଣପୁର ଏବଂ କାନକର ସୀମା ଅଞ୍ଚଳର ଆବୁଜମାରରେ ଅପରେସନ୍ ପାଇଁ ଯାଇଥିଲେ । ଟେକମେଟା ଏବଂ କାକୁର ମଧ୍ୟରେ ଥିବା ଜଙ୍ଗଲରେ ପୁଲିସ ପାର୍ଟି ଏବଂ ମାଓବାଦୀଙ୍କ ମଧ୍ୟରେ ଏହି ଏନକାଉଣ୍ଟର ଘଟିଥିଲା । ଅନୁସନ୍ଧାନ କରବାରୁ ଦୁଇ ମହିଳା ମାଓବାଦୀଙ୍କ ସମେତ ମୋଟ ୭ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇ ସେମାନଙ୍କ ପରିଚୟ ଚିହ୍ନଟ କରାଯାଇଛି । ଏକ ମାଓ ଶିବିରରୁ ଗୋଟିଏ ଏକେ-୪୭ ସମେତ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳି ଜବତ କରାଯାଇଛି । ଏହାଛଡ଼ା କିଛି ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ କରାଯାଇଛି ବୋଲି ଅଧିକାରୀ କହିଛନ୍ତ । ଉଲ୍ଲେଖଯୋଗ୍ୟ, ଚଳିତମାସ ଆରମ୍ଭରେ, ଛତିଶଗଡର କାଙ୍କେର ଜିଲ୍ଲାରେ ଗୁଳି ବିନିମୟରେ ବରିଷ୍ଠ ବିଦ୍ରୋହୀ ନେତା ଶଙ୍କର ରାଓଙ୍କ ସମେତ ସୁରକ୍ଷା ବାହିନୀ ୨୯ ମାଓବାଦୀଙ୍କୁ ହତ୍ୟା କରିଥିଲା ।

## ବର୍ଷା ପରେ ଭୂସ୍ଖଳନ: ଯୋଗାଯୋଗ ଠପ୍



ନୂଆଦିଲ୍ଲୀ : ବର୍ଷା ଓ ବନ୍ୟା ଯୋଗୁ ଅତିକମରେ ୩୩୬ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ଭୂସ୍ଖଳନ ଯୋଗୁ ଅନେକ ଘର ନଷ୍ଟ ହୋଇଯାଇଛି । ବର୍ଷାରେ ଉବୁଟୁବୁ କଶ୍ମୀର ଘାଟି । ଲଗାତର ତିନି ଦିନ ହେବ ଏଠାରେ ବର୍ଷା ଜାରି ରହିଛି । ଫଳରେ ଏଠାରେ ବନ୍ୟା ପରିସ୍ଥିତି ଉପୁଜିଛି । ସେପଟେ ବର୍ଷା ଯୋଗୁ କିଛି ସ୍ଥାନରେ ଭୟଙ୍କର ଭୂସ୍ଖଳନ ମଧ୍ୟ ହୋଇଛି । ଏଥିଯୋଗୁ ଅନେକ ଘର ନଷ୍ଟ ହେବା ସହ ଯାତାୟତ ଠପ୍ ହୋଇଯାଇଛି । ବର୍ଷାକୁ ଦୃଷ୍ଟିରେ ରଖି ସ୍କୁଲ କଲେଜ ବନ୍ଦ ଘୋଷଣା କରାଯାଇଛି । କୁପୱାଡା ପୋହରୁ ଡ୍ରେନ୍ ପାଇଁ ବିପଦ ସଙ୍କେତ ଜାରି କରାଯାଇଛି । ଏଥି ସହିତ ପ୍ରବଳ ବର୍ଷା ହେତୁ ଜିଲ୍ଲାର ସମସ୍ତ ସ୍କୁଲ କଲେଜ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖରାପ ପାଗ ଓ ଲଗାତାର ବର୍ଷା ହେତୁ ଉଧପୁର ଜିଲ୍ଲାର ଡୁଡୁ-ବସନ୍ତଗଡ, କୁଲବନ୍ତା ଏବଂ ପଞ୍ଚାରି ଅଞ୍ଚଳର ସମସ୍ତ ସ୍କୁଲଗୁଡିକୁ ବନ୍ଦ ରଖିବାକୁ କୁହାଯାଇଛି । ସେହିପରି କଶ୍ମୀର ୟୁନିଭର୍ସିଟିରେ ଆଜି ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି । ଉଦ୍ଧମପୁର ଜିଲ୍ଲା ମାଜିଷ୍ଟ୍ରେଟ ସାଲୋନି ରାୟ ଏହି ସୂଚନା ଦେଇଛନ୍ତି ।

## ଲଣ୍ଡନ ରାଜରାସ୍ତାରେ ଖଣ୍ଡା ବୁଲିଲା, ନାବାଳକ ମୃତ

ଲଣ୍ଡନ: ଉତ୍ତର-ପୂର୍ବ ଲଣ୍ଡନର ହାନାଲ୍ଟର ରାଜରାସ୍ତାରେ ଖଣ୍ଡାଧରି ଲୋକଙ୍କୁ ଆକ୍ରମଣ କରିଥିବା ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି । ପୁଲିସ କହିଛି ଯେ ସ୍ଥାନୀୟ ସମୟ ସକାଳ ୭ଟା ବେଳେ ସଂପୃକ୍ତ ଯୁବକ ଖଣ୍ଡାଧରି ଆତଙ୍କରାଜ ଚଳାଇଥିବା ବିଷୟରେ ଫୋନ ଆସିଥିଲା । ସେ ଏକ ଗାଡ଼ିରେ ଆସି ଏକ ଘରେ ପଶିଯାଇଥିଲା ଓ ଆକ୍ରମଣ କରିଥିଲା । ସନ୍ଦିଗ୍ଧ ଜଣକ କିଛି ସାଧାରଣ ଲୋକ ଏବଂ ଦୁଇ ଜଣ ପୁଲିସ ଅଧିକାରୀଙ୍କୁ ଆକ୍ରମଣ କରିଥିଲା ବୋଲି ପୁଲିସ କହିଛି । ଏହି ଆକ୍ରମଣରେ ଜଣେ ୧୩ ବର୍ଷ ବୟସର ନାବାଳକ ମୃତ୍ୟୁବରଣ କରିଛି । ଗ୍ରେଟର ଲଣ୍ଡନର ୬୨୦ ବର୍ଗ ମାଇଲ (୧୬୦୫ ବର୍ଗ କିଲୋମିଟର) ଅଞ୍ଚଳ ଉପରେ ନଜର ରଖିଥିବା ମେଟ୍ରୋପଲିଟାନ ପୁଲିସ (ମେଟ୍) କହିଛି ଯେ ଘଟଣାସ୍ଥଳରେ ଉକ୍ତ ୩୬ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ।

# ନିର୍ବାଚନୀ ଦୃଶ୍ୟପଟ୍ଟରେ ପରିବାରବାଦକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ: ପୂର୍ବଭଳି ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ଅନେକ ରାଜନେତିକ ପରିବାର ସକ୍ରିୟ ରହିଛନ୍ତି । ଗୋଟିଏ ଗୋଟିଏ ପରିବାରରୁ ଏକାଧିକ ସଭ୍ୟ ପ୍ରାର୍ଥୀ ହୋଇଛନ୍ତି । ଉତ୍ତର ପ୍ରଦେଶରେ ଗୋଟିଏ ପରିବାରର ୫ ଜଣ ପ୍ରାର୍ଥୀ ହୋଇଥିବା ବେଳେ ତାମିଲନାଡୁରେ ଗୋଟିଏ ପରିବାରର ୬ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।



କର୍ଣ୍ଣାଟକରେ ତିନି ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ବିଭିନ୍ନ ପ୍ରତିଷ୍ଠିତ ପରିବାରରୁ ପାଖାପାଖି ୨୪ ଜଣ ପ୍ରାର୍ଥୀ ହୋଇଛନ୍ତି । ଏହା ହେଉଛି ଚଳିତ ଲୋକସଭା ନିର୍ବାଚନର ଦୃଶ୍ୟ ।

ଉତ୍ତର ପ୍ରଦେଶରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ପରିବାରରୁ ୫ ଜଣ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି । ଏଥିରେ ଅଛନ୍ତି ନିଜେ ଅଖିଳେଶ, ପତ୍ନୀ ଡିମ୍ପଲ, ଦାଦା ଶିବପାଲ ଯାଦବ, ଦୁଇ ଦାଦା ପୁଅ ଅକ୍ଷୟ ଯାଦବ ଏବଂ ଧର୍ମେନ୍ଦ୍ର ଯାଦବ । ଏମାନେ ସମସ୍ତେ ସମାଜବାଦୀ ପାର୍ଟି ଟିକେଟରେ ପ୍ରାର୍ଥୀ ହୋଇଛନ୍ତି । ବିହାରରେ ଲାଲୁ ପ୍ରସାଦ ଯାଦବଙ୍କ ପରିବାରରୁ ଦୁଇ ଜଣ ପ୍ରାର୍ଥୀ ହୋଇଛନ୍ତି ।

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆରଜେଡି ଅଧ୍ୟକ୍ଷ ଲାଲୁ ଯାଦବଙ୍କ ଦୁଇ ପୁଅ ତେଜସ୍ୱୀ ଓ ତେଜ ପ୍ରତାପ ଏବେ ବିଧାୟକ ଥିବା ବେଳେ ଲାଲୁଙ୍କର ଦୁଇ ଝିଅ ରୋହିନୀ ଏବଂ ମିସା ଭାରତୀ ଦଳୀୟ ଟିକଟରେ ଲୋକସଭା ନିର୍ବାଚନ ଲଢୁଛନ୍ତି । ତେବେ ଏକ୍ଷେତ୍ରରେ ତାମିଲନାଡୁ ଆଗରେ ରହିଛି । ସେଠାରେ ବିଭିନ୍ନ ପରିବାରର ୧୬ ଜଣ ପ୍ରାର୍ଥୀ ହୋଇଛନ୍ତି । କେବଳ ଡିଏମକେ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ପରିବାରରୁ ୬ ଜଣ ପ୍ରାର୍ଥୀ ହୋଇଛନ୍ତି । ଏଥିରେ ଅଛନ୍ତି ତାଙ୍କର ଭଉଣୀ କାନିମୋଝି ଏବଂ ଦୟାନିଧି ମାରନ । ଆନ୍ନାଡିଏମକେ ଗୋଟିଏ ପରିବାରର ତିନି ଜଣଙ୍କୁ ପ୍ରାର୍ଥୀ କରିଥିବା ବେଳ ରାଜ୍ୟରେ କଂଗ୍ରେସ ମଧ୍ୟ ଗୋଟିଏ ପରିବାରର ୩ ଜଣଙ୍କୁ ପ୍ରାର୍ଥୀ କରିଛି ।

କର୍ଣ୍ଣାଟକରେ ବିଜେପି, ଜେଡିଏସ୍ ଏବଂ କଂଗ୍ରେସ ବିଭିନ୍ନ ପ୍ରତିଷ୍ଠିତ ପରିବାରର ପାଖାପାଖି ୨୪ ଜଣଙ୍କୁ ପ୍ରାର୍ଥୀ କରିଛନ୍ତି । ତେବେ ଆନ୍ଧ୍ର ଓ ତେଲେଙ୍ଗାନରେ ପରିବାରବାଦକୁ ନେଇ ରୋଚକ ତଥ୍ୟ ଆସିଛି । ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ରାମା ରାଓ ଏବଂ ରାଜଶେଖର ରେଡ୍ଡୀଙ୍କ ପରିବାରର ୪ ଜଣ ୪ଟି ବିଭିନ୍ନ ଦଳର ମୁଖ୍ୟ ଅଛନ୍ତି । ଟିଡିପି ପ୍ରତିଷ୍ଠାତା ଏନ୍ଟି ରାମା ରାଓଙ୍କ ଝିଅ ଡି. ପୁରୁନ୍ଦେଶ୍ୱରୀ ଏବେ ରାଜ୍ୟ ବିଜେପିର ମୁଖ୍ୟ ଥିବା ବେଳେ ରାମା ରାଓଙ୍କ ଜ୍ୱାଇଁ ଚନ୍ଦ୍ରବାବୁ ନାଇଡୁ ଟିଡିପି ଅଧ୍ୟକ୍ଷ ଅଛନ୍ତି । ସେ ରାମା ରାଓଙ୍କୁ ହଟାଇ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ହୋଇଥିଲେ । ରାମା ରାଓଙ୍କ ପୁଅ ବାଲାକୃଷ୍ଣନ ଏବଂ ତାଙ୍କ ଭିଣୋଇ ଶ୍ରୀଭାରତ, ଚନ୍ଦ୍ରବାବୁଙ୍କ ପୁଅ ଲୋକେଶ ଟିଡିପି ଟିକଟରେ ଲୋକସଭା ନିର୍ବାଚନ ଲଢୁଛନ୍ତି । ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡ୍ଡୀଙ୍କ ପୁଅ ଜଗନମୋହନ ରେଡ୍ଡୀ ନୂଆ ଦଳ ୱାଇଏସ୍ଆର କଂଗ୍ରେସ ଗଢ଼ି ଏହାର ସଭାପତି ଥିବା ବେଳେ ତାଙ୍କ ଉଉଣୀ ଶର୍ମିଳା ଆନ୍ଧ୍ରରେ ପ୍ରଦେଶ କଂଗ୍ରେସ ସଭାନେତ୍ରୀ ଅଛନ୍ତି । ଜଗନମୋହନ ଏବେ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ଅଛନ୍ତି । ପିତାଙ୍କ ମୃତ୍ୟୁ ପରେ ସେ କଂଗ୍ରେସରେ ଥିଲେ । କିନ୍ତୁ ଦଳରେ ତାଙ୍କୁ ଅବହେଳା କରାଯିବାରୁ ସେ ୱାଇଏସ୍ଆର କଂଗ୍ରେସ ନାମରେ ପାର୍ଟି ଗଢ଼ିଥିଲେ । ଏହି ଦଳ ଏରେ ଆନ୍ଧ୍ରରେ କ୍ଷମତାସୀନ ଅଛି । ଶର୍ମିଳା କଡ଼ପ୍ପା ଲୋକସଭା ଆସନରେ ପ୍ରାର୍ଥୀ ହୋଇଛନ୍ତି ।

ତେବେ ସବୁଠାରୁ ରୋଚକ ଲଢ଼େଇ ଦେଖିବାକୁ ମିଳିଛି ୟୁପିରେ । ମୁଜାଫରପୁର ଲୋକସଭା ଆସନରେ ଗୋଟିଏ ପରିବାରର ତିନି ଜଣ ପରସ୍ପର ବିରୋଧରେ ପ୍ରାର୍ଥୀ ହୋଇଛନ୍ତି । ଠାକୁର ନନ୍ଦ କିଶୋର ଏଠାରେ ବିଏସ୍ପି ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କର ପତ୍ନୀ କବିତା ଏବଂ ପୁତୁରା ଅଭିଷେକ ସ୍ୱାଧୀନ ପ୍ରାର୍ଥୀ ଭାବେ ତାଙ୍କର ମୁକାବିଲା କରୁଛନ୍ତି ।

## କେନ୍ଦ୍ର କର୍ମଚାରୀଙ୍କୁ ମହଙ୍ଗା ଭତ୍ତା

ନୂଆଦିଲ୍ଲୀ: କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନ ଭୋଗୀଙ୍କ ପାଇଁ ଚଳିତ ୨୦୨୪ ବର୍ଷ ଆରମ୍ଭରେ ସରକାର ମହଙ୍ଗା ଭତ୍ତା (ଡିଏ)ରେ ୫୦ ପ୍ରତିଶତ ବୃଦ୍ଧି କରିଥିଲେ । ଏବେ ସରକାର କେନ୍ଦ୍ରୀୟ କର୍ମଚାରୀଙ୍କୁ ଦୁଇଟି ଉପହାର ଦେବାକୁ ଯାଉଛନ୍ତି । ପିଲାମାନଙ୍କ ପାଠପଢା ଭତ୍ତା (ସିଇଏ) ଏବଂ ହଷ୍ଟେଲ୍ ସବସିଡି ଭଳି ଭତ୍ତାର ସୀମା ବୃଦ୍ଧି କରିବାକୁ ସରକାର ଯୋଜନା କରିଛନ୍ତି । ପିଲାଙ୍କ ଶିକ୍ଷା ଏବଂ ହଷ୍ଟେଲ ସବସିଡିରେ ୨୫ ପ୍ରତିଶତ ବୃଦ୍ଧି କରାଯିବ ।



ଏସବୁ ଭତ୍ତା ବୃଦ୍ଧି ଖବର ମଧ୍ୟରେ ଅନେକ ଲୋକ ଏହି ବିଷୟରେ ଦ୍ୱନ୍ଦ୍ୱରେ ଅଛନ୍ତି ଏବଂ ସେମାନଙ୍କ ଦ୍ୱନ୍ଦ୍ୱ ଦୂର କରିବାକୁ କର୍ମଚାରୀ, ଜନ ଅଭିଯୋଗ ଏବଂ ପେନସନ୍ ବିଭାଗ କର୍ମଚାରୀ ଏବଂ ତାଲିମ ବିଭାଗ ସ୍ପଷ୍ଟୀକରଣ ଦେଇଛନ୍ତି । କାର୍ମିକ ମନ୍ତ୍ରଣାଳୟ ଅନୁଯାୟୀ, ୧୨ ମାର୍ଚ୍ଚ ୨୦୨୪ ରେ ଅର୍ଥ ମନ୍ତ୍ରଣାଳୟ କହିଛି ଯେ କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତାର ୫୦ ପ୍ରତିଶତ ବୃଦ୍ଧି ଚଳିତ ବର୍ଷ ଜାନୁୟାରୀ ୧ ଠାରୁ କାର୍ଯ୍ୟକାରୀ ହେବ । ତେଣୁ ବିଭିନ୍ନ କ୍ଷେତ୍ରରୁ ଶିଶୁଙ୍କ ଶିକ୍ଷା ଭତ୍ତା (ସିଏଏ) ଏବଂ ହଷ୍ଟେଲ ସବସିଡି ବୃଦ୍ଧି ପାଇଁ ଜ୍ଞାନ ନିଆଯାଇଛି । ଶିଶୁ ଶିକ୍ଷା ଭତ୍ତା ପ୍ରତ୍ୟେକ ମାସରେ ୨,୮୧୨.୫ ଟଙ୍କା ଏବଂ ହଷ୍ଟେଲ ସବସିଡି ପ୍ରତ୍ୟେକ ମାସରେ ୮,୪୩୭.୫ଟଙ୍କା ହେବ । ଏଥିରେ କୁହାଯାଇଛି ସରକାରୀ କର୍ମଚାରୀଙ୍କ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଶିଶୁ ଶିକ୍ଷା ଭତ୍ତାର ଅର୍ଥ ସାଧାରଣ ହାରର ଦୁଇଗୁଣ ଅର୍ଥାତ୍ ପ୍ରକୃତ ଖର୍ଚ୍ଚ ନିର୍ବିଶେଷରେ ମାସକୁ ୫୬୨୫ ଟଙ୍କା ପ୍ରଦାନ କରାଯିବ ।

ଭିନ୍ନକ୍ଷମ ମହିଳାଙ୍କ ଶିଶୁ ଯତ୍ନ ସହ ଜଡିତ ବିଶେଷ ଭତ୍ତାର ହାର କାର୍ଯ୍ୟାଳୟ ସ୍ମାରକପତ୍ରରେ ଲିଖିତ ଅବଶିଷ୍ଟ ସର୍ତ୍ତ ଅନୁଯାୟୀ ମାସକୁ ୩୭୫୦ ଟଙ୍କାକୁ ସଂଶୋଧିତ କରାଯାଇଛି । ଏହି ସମସ୍ତ ସଂଶୋଧନ୧ ଜାନୁଆରୀ ୨୦୨୪ଠାରୁ ପ୍ରଯୁଜ୍ୟ, ୪% ଡିଏ ବୃଦ୍ଧି ସହିତ ଏହା କାର୍ଯ୍ୟକାରୀ ହେବ ।

## ଟି-୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ

# ରୋହିତ ଅଧିନାୟକ, ପାଣ୍ଡ୍ୟା ଡେପୁଟି

ନୂଆଦିଲ୍ଲୀ, ୩୦।୪ (ଏଜେନ୍ସି) : ଆମେରିକା ଓ ୱେଷ୍ଟଇଣ୍ଡିଜରେ ଜୁନ ପହିଲାରୁ ଟି-୨୦ ବିଶ୍ୱକପ ବିଗୁଲ ବାଜିବ । ଏଥିନିମନ୍ତେ ଭାରତୀୟ ଦଳ ଘୋଷଣା ହୋଇଛି । ଦୀର୍ଘଦିନ ହେବ ଭାରତୀୟ ଦଳ ଘୋଷଣା ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଥିଲା । ଆଇପିଏଲ ପ୍ରଦର୍ଶନ ଆଧାରରେ ବହୁ ଖେଳାଳି ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଚର୍ଚ୍ଚା ହେଉଥିଲା । ଶେଷରେ ସେହି ସମସ୍ତ ଚର୍ଚ୍ଚାରେ ବିରାମ ଲାଗିଛି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ (ବିସିସିଆଇ)ର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଏବଂ ଅଧିନାୟକ ରୋହିତ ଶର୍ମା ଓ ଅନ୍ୟାନ୍ୟ ଅଧିକାରୀଙ୍କ ମଧ୍ୟରେ ବୈଠକ ପରେ ୧୫ ଜଣିଆ ଖେଳାଳିଙ୍କ ନାମ ସାର୍ବଜନିନ ହୋଇଛି । ପୂର୍ବ ସୂଚନା ମୁତାବକ ରୋହିତ ଶର୍ମାଙ୍କ ନେତୃତ୍ୱରେ ହିଁ ଟିମ୍ ଇଣ୍ଡିଆ ବିଶ୍ୱକପ ରଣାଙ୍ଗନକୁ ଓହ୍ଲାଇବ । ଦଳରେ ବିରାଟ କୋହଲି ଓ ସୂର୍ଯ୍ୟ କୁମାର ଯାଦବ ସ୍ଥାନ ପାଇଛନ୍ତି । ୧୫ ଜଣିଆ ଦଳରେ ଯୁବ ତାରକା ଶୁଭମନ ଗିଲ ସ୍ଥାନ ପାଇ ନଥିବାବେଳେ ଯଶସ୍ୱୀ ଜୟସ୍ୱାଲଙ୍କ ଉପରେ ବିସିସିଆଇ ଅଧିକ ଭରସା ଦେଖାଇଛି । ଖରାପ ଫର୍ମ ସତ୍ତ୍ୱେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳରେ ରଖାଯାଇଛି । ସେ ପୂର୍ବଭଳି ଉପଅଧିନାୟକ ଦାୟିତ୍ୱ ତୁଲାଇବେ । ପାଣ୍ଡ୍ୟାଙ୍କ ବ୍ୟତୀତ ଅଲରାଉଣ୍ଡର ଭାବେ ଶିବମ ଦୁବେଙ୍କୁ ସ୍ଥାନ ମିଳିଛି । ସେ ଆଇପିଏଲ୍‌ରେ ଚେନ୍ନାଇ ସୁପରକିଙ୍ଗସ ପକ୍ଷରୁ ଭଲ ପ୍ରଦର୍ଶନ କରିଚାଲିଛନ୍ତି ।

କାର ଦୁର୍ଘଟଣାରେ ଆହତ ହୋଇ ପାଖାପାଖି ୧୫ ମାସ ପରେ ଆଇପିଏଲ ଖେଳିବାକୁ ଫିଟ୍ ହୋଇଥିବା ରିଷଭ ପନ୍ତଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିଛି । ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଇଥିବା ପନ୍ତ ଆଇପିଏଲ୍‌ରେ ଦମଦାର ଫର୍ମରେ ଥିବାରୁ ତାଙ୍କ ଉପରେ ଭରସା ଦେଖାଇଛି ବିସିସିଆଇ । ଦ୍ୱିତୀୟ ୱିକେଟକିପର ଭାବେ ସଞ୍ଜୁ ସାମସନଙ୍କୁ ଦଳରେ ରଖାଯାଇଛି । ଭଲ ପ୍ରଦର୍ଶନ ସତ୍ତ୍ୱେ ଲୋକେଶ ରାହୁଲଙ୍କୁ ଦଳରେ ସ୍ଥାନ ମିଳିନାହିଁ । ସେ ରିଜର୍ଭ ଖେଳାଳି ତାଲିକାରେ ମଧ୍ୟ ନାହାନ୍ତି । ରିଙ୍କୁ ସିଂହ ଓ ଶୁଭମନ ଗିଲ ମୁଖ୍ୟ ଦଳରେ ନଥିଲେ ମଧ୍ୟ ରିଜର୍ଭ ଦଳରେ ସ୍ଥାନ ପାଇଛନ୍ତି । ଉଭୟ ଖେଳାଳି ୱେଷ୍ଟଇଣ୍ଡିଜ ଗସ୍ତ କରିବେ । ଖଲିଲ ଅହମ୍ମଦ ଓ ଆଭେସ ଖାନଙ୍କୁ ମଧ୍ୟ ରିଜର୍ଭ ଖେଳାଳି ତାଲିକାରେ ରଖାଯାଇଛି ।

ସ୍ପିନ ବୋଲିଂ ଆଟାକରେ ଭାରତର ମଙ୍ଗ ଧରିବେ ରବିନ୍ଦ୍ର ଜାଡେଜା, ଯୁଜଭେନ୍ଦ୍ର ଚହଲ, ଅକ୍ଷର ପଟେଲ ଓ କୁଲଦୀପ ଯାଦବ । ରବି ବିଷ୍ଣୋଇଙ୍କୁ ବିସିସିଆଇ ୧୫ଜଣିଆ ତାଲିକାରେ ସ୍ଥାନ ଦେଇନାହିଁ । ସେହିଭଳି ଦ୍ରୁତ ବୋଲିଂ ବର୍ଗରେ ଯଶପ୍ରୀତ ବୁମ୍‌ରା, ଅର୍ସଦୀପ ସିଂହ ଓ ମହମ୍ମଦ ସିରାଜ ଅଛନ୍ତି ।

୨୦ଟି ଦଳକୁ ନେଇ ଟି-୨୦ ବିଶ୍ୱକପ ଜୁନ ୧ରୁ ଆରମ୍ଭ ହେବ । ପ୍ରଥମ ମ୍ୟାଚରେ ଆୟୋଜକ ଆମେରିକା ଓ କାନାଡ଼ା ମୁହାଁମୁହିଁ ହେବେ । ୧୮୪୪ରେ ପ୍ରଥମ ଅନ୍ତର୍ଜାତୀୟ ଦଳ ଏହି ଦୁଇ ଦଳ ପରସ୍ପରକୁ ଭେଟିଥିଲେ । ଏବେ ପୁଣି ଥରେ ଆମେରିକା ଓ କାନାଡ଼ା ମଧ୍ୟରେ ଲଢ଼େଇ ହେବ । ବିଶ୍ୱକପର ସବୁଠାରୁ ବଡ଼ ମ୍ୟାଚ୍ ଜୁନ ୯ରେ ଖେଳାଯିବ । ନ୍ୟୁୟର୍କରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ । ଗ୍ରୁପ-ଏ'ରେ ଭାରତ ସହ ଆମେରିକା, ପାକିସ୍ତାନ, କାନାଡ଼ା ଓ ଆୟରଲାଣ୍ଡ ରହିଛନ୍ତି । ଭାରତ ଜୁନ ୫ରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍ ଖେଳି ବିଶ୍ୱକପ ଅଭିଯାନ ଆରମ୍ଭ କରିବ । ଜୁନ ୯ରେ ପାକିସ୍ତାନ, ଜୁନ ୧୨ରେ ଆମେରିକା ଓ ଜୁନ ୧୫ରେ କାନାଡ଼ା ବିପକ୍ଷରେ ଶେଷ ଲିଗ୍ ମ୍ୟାଚ୍ ଖେଳିବ ଭାରତ ।

ଟି-୨୦ ବିଶ୍ୱକପର ଦୁଇ ସେମିଫାଇନାଲ ଜୁନ- ୨୬ ଓ ୨୭ରେ ଖେଳାଯିବ । ଜୁନ ୨୯ରେ କ୍ରିକେଟ ମହାକୁମ୍ଭର ମହାମୁକାବିଲା ବାର୍ବାଡୋସରେ ଆୟୋଜିତ ହେବ ।

ପ୍ରଥମ ଥର ଟି-୨୦ ବିଶ୍ୱକପରେ ୨୦ଟି ଦଳ ଭାଗ ନେବେ । ଏମାନଙ୍କୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି । ପ୍ରତି ଗ୍ରୁପରେ ୫ଟି ଲେଖାଏଁ ଦଳ ରହିଛନ୍ତି । ଲିଗ୍ ମ୍ୟାଚ ପରେ ପ୍ରତି ଗ୍ରୁପରୁ ଦୁଇଟି ଲେଖାଏଁ ଦଳ ଆଗକୁ ବଢ଼ିବେ । ଯୋଗ୍ୟତା ଅର୍ଜନ କରିଥିବା ୮ଟି ଦଳକୁ ଦୁଇଟି ଗ୍ରୁପରେ ବିଭାଗ କରାଯିବ । ପ୍ରତି ଗ୍ରୁପରେ ୪ଟି ଲେଖାଏଁ ଦଳ ରହିବେ । ଉଭୟ ଗ୍ରୁପରୁ ୨ଟି ଲେଖାଏଁ ଦଳ ସେମିଫାଇନାଲକୁ ଯିବେ । ୨୯ ତାରିଖରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ।

ପ୍ରଥମ ସେମିଫାଇନାଲ ଜୁନ-୨୬ରେ ଗୁଏନ ଓ ଦ୍ୱିତୀୟ ସେମିଫାଇନାଲ ୨୭ ତାରିଖରେ ତ୍ରିନିଦାଦରେ ଖେଳାଯିବ । ୱେଷ୍ଟଇଣ୍ଡିଜର ୬ଟି ଭେନ୍ୟୁରେ ୪୧ ମ୍ୟାଚ୍ ଓ ଆମେରିକାର ୩ଟି ଭେନ୍ୟୁରେ ୧୬ଟି ମ୍ୟାଚ୍ ଖେଳାଯିବ । ୨୯ ଦିନ ଧରି ଟି-୨୦ ବିଶ୍ୱକପର ନବମ ସଂସ୍କରଣ ଆୟୋଜିତ ହେବ ।




## ବାଦ୍ ପଡ଼ିଲେ ଲୋକେଶ ରାହୁଲ

### ଭାରତୀୟ ଦଳ

ରୋହିତ ଶର୍ମା (ଅଧିନାୟକ), ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ସୂର୍ଯ୍ୟ କୁମାର ଯାଦବ, ଶିବମ ଦବେ, ହାର୍ଦ୍ଦିକ ପାଣ୍ଡ୍ୟା ଉପଅଧିନାୟକ, ରିଷଭ ପନ୍ତ, ସଞ୍ଜୁ ସାମସନ, ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜଭେନ୍ଦ୍ର ଚହଲ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ ଓ ମହମ୍ମଦ ସିରାଜ ।

### ରିଜର୍ଭ ଖେଳାଳି

ଶୁଭମନ ଗିଲ, ରିଙ୍କୁ ସିଂହ, ଖଲିଲ ଅହମ୍ମଦ ଓ ଆଭେସ ଖାନ ।

### କାହିଁକି ସ୍ଥାନ ପାଇଲେନି ରାହୁଲ ?

ନୂଆଦିଲ୍ଲୀ ୩୦।୪ (ଏଜେନ୍ସି) : ଘୋଷଣା ହୋଇଥିବା ଟି-୨୦ ବିଶ୍ୱକପ ଭାରତୀୟ ଦଳରେ ସ୍ଥାନ ପାଇନାହାନ୍ତି ୱିକେଟରକ୍ଷକ ବ୍ୟାଟର ଲୋକେଶ ରାହୁଲ । ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଖରାପ ଫର୍ମ ସତ୍ତ୍ୱେ ବିଶ୍ୱକପ ଦଳରେ ସ୍ଥାନ ମିଳିବା ତଥା ଉପଅଧିନାୟକ ଦାୟିତ୍ୱ ଦିଆଯିବାକୁ ଅନେକ ନାପସନ୍ଦ କରିଛନ୍ତି । ଭାରତୀୟ ଦଳରୁ ବାଦ ପଡ଼ିଥିବା ବଡ଼ ନାଁ ହେଉଛି ରାହୁଲ । କାର ଦୁର୍ଘଟଣା ଯୋଗୁ ଗତ ୧୪ ମାସ ଧରି ଦଳ ବାହାରେ ଥିବା ପନ୍ତ ଆଇପିଏଲ ଜରିଆରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି, ଭଲ ଫର୍ମରେ ମଧ୍ୟ ଅଛନ୍ତି । ଅନ୍ୟତମ ୱିକେଟରକ୍ଷକ ସଞ୍ଜୁ ସାମସନଙ୍କ ଉଚ୍ଚକୋଟିର ପ୍ରଦର୍ଶନ ଆଇପିଏଲ୍‌ରେ ଜାରି ରହିଛି ।

ଏଦୃଷ୍ଟିରୁ ବିଶ୍ୱକପ ଦଳ ପାଇଁ ପନ୍ତ ଓ ସାମସନଙ୍କୁ ନିଆଯାଇଥିବାରୁ ଲୋକେଶ ରାହୁଲଙ୍କୁ ସୁଯୋଗ ମିଳିନାହିଁ । ରାହୁଲ ଭାରତ ପାଇଁ ୨୦୨୨ ନଭେମ୍ବର ୧୦ ତାରିଖରେ ଶେଷ ଟି-୨୦ ମ୍ୟାଚ ଖେଳିଥିଲେ । ଏହା ଥିଲା ଟି-୨୦ ବିଶ୍ୱକପ ସେମିଫାଇନାଲ । ୨୦୨୩ ଆଇପିଏଲ୍ ଅଧାରୁ ସେ ଆହତ ହୋଇ କ୍ରିକେଟରୁ ଦୂରେଇ ଯାଇଥିଲେ । ଗତ ମେ ମାସରେ ତାଙ୍କର ସର୍ଜରୀ ହୋଇଥିଲେ । ୨୦୨୩ ଦିନିକିଆ ବିଶ୍ୱକପ ପୂର୍ବରୁ ସେ ସୁସ୍ଥ ହୋଇ ଦଳକୁ ଫେରିଥିଲେ । ପ୍ରତ୍ୟାବର୍ତ୍ତନ ପରେ ଦିନିକିଆ ଟେଷ୍ଟ ମ୍ୟାଚ୍‌ରେ ନଜର ଆସିଥିଲେ ହେଁ ଟି-୨୦ ଖେଳିନାହାନ୍ତି । ଟି-୨୦ରେ



ତାଙ୍କ ଷ୍ଟ୍ରାଇକ ରେଟ୍‌କୁ ନେଇ ଚର୍ଚ୍ଚା ହୋଇଥାଏ । ରାହୁଲ ଭାରତ ପାଇଁ ୭୨ଟି ମ୍ୟାଚ ଖେଳି ୨୨୬୫ ରନ କରିଛନ୍ତି । ୧୧୦ ରନ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ । ସେ ୧୩୯.୧୨ ହାରରେ ଏହି ରନ ସଂଗ୍ରହ କରିଛନ୍ତି । ଚଳିତ ଆଇପିଏଲ୍‌ରେ ସେ ୯ଟି ମ୍ୟାଚ ଖେଳି ୩୭୮ ରନ କରି ସଂଗ୍ରହ କରିଛନ୍ତି । ରାହୁଲଙ୍କ ଅପେକ୍ଷା ବିସିସିଆଇ ପନ୍ତ ଓ ସାମସନଙ୍କ ଉପରେ ଅଧିକ ଭରସା ଦେଖାଇ ଟି-୨୦ କପ ଦଳରେ ସ୍ଥାନ ଦେଇଛି ।

## କାଳୀପ୍ରସାଦ ରାଜ୍ୟ କରାଟେ ସଂଘ ଯୁଗ୍ମ ସମ୍ପାଦକ



ଭୁବନେଶ୍ୱର, ୩୦।୪ (ସବ୍ୟୁ) : ଗତ ଏପ୍ରିଲ ୨୮ ତାରିଖରେ ଓଡ଼ିଶା ରାଜ୍ୟ କରାଟେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ କାଳୀପ୍ରସାଦ ନନ୍ଦ ରାଜ୍ୟ କରାଟେ ସଂଘର ଯୁଗ୍ମ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ନନ୍ଦ ଦୀର୍ଘ ୪୦ ବର୍ଷ ଧରି କରାଟେ ଖେଳ ସହ ସମ୍ପୃକ୍ତ ଅଛନ୍ତି । ଓସାକାର ସଭାପତି ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଗୌରୀ ମହାନ୍ତି ଶ୍ରୀ ନନ୍ଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।


SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


## ମୁମ୍ବାଇର ସପ୍ତମ ପରାଜୟ

# ପ୍ଲେଅଫ୍ସ ଆଡ଼େ ଆଉ ପାଦେ ଆଗେଇଲା ଲକ୍ଷ୍ନୌ

### ଆଇପିଏଲ୍ ମହାସମର

ଲକ୍ଷ୍ନୌ, ୩୦।୪ (ଏଜେନ୍ସି) : ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ପ୍ଲେଅଫ୍ସ ଆଡ଼େ ଆଉ ପାଦେ ଆଗେଇଛି । ଆଇପିଏଲ୍‌ର ୪୮ତମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ୫ଥର ଆଇପିଏଲ୍ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ୪ ୱିକେଟରେ ପରାଜିତ କରି ଷଷ୍ଠ ବିଜୟ ହାସଲ କରିଛି । ଚଳିତ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସର ଏହା ୭ମ ପରାଜୟ । ଏତଦ୍‌ଭିନ୍ନ ପରାଜୟ ସହ ମୁମ୍ବାଇର ପ୍ଲେଅଫ୍ସ ଆଶା ମୌଳିବାରେ ଲାଗିଛି ।

ଏହି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୭ ୱିକେଟ ହରାଇ ୧୪୪ ରନ କରିଥିଲା । ଜବାବରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ୧୯.୨ ଓଭରରେ ୬ ୱିକେଟ ହରାଇ ୧୪୫ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଜମାଣିଆ ବିଜୟ ସହ ଲକ୍ଷ୍ନୌ ୧୦ ମ୍ୟାଚ୍‌ରୁ ୧୨ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୩ୟ ସ୍ଥାନକୁ ଉଠିଛି । ସେହିଭଳି ମୁମ୍ବାଇ ୧୦ ମ୍ୟାଚ୍‌ରୁ ୬ ପଏଣ୍ଟ ସହ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି ।

ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ଅତ୍ୟନ୍ତ ଦୟନୀୟ ଥିଲା । ଦଳୀୟ ସ୍କୋର ୨୭ ରନ ବେଳେ ୪ ଜଣ ପ୍ରାରମ୍ଭିକ ବ୍ୟାଟରଙ୍କୁ ହରାଇ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା ମୁମ୍ବାଇ । ରୋହିତ ଶର୍ମା ୪, ଇମ୍ପାକ୍ଟ ଖେଳାଳି ସୂର୍ଯ୍ୟକୁମାର ଯାଦବ ୧୦, ତିଲକ ବର୍ମା ୭ ଏବଂ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ବିନା ସ୍କୋରରେ ଆଉଟ ହୋଇଥିଲେ । ଏହାପରେ ଇସାନ କିଶାନ ୩୬ ବଲରୁ ୩୨ ରନ, ନେହାଲ ୱାଧେରା ୪୬ ରନ ଓ ଟିମ୍ ଡେଭିଡ୍ ୩୫ ରନ କରିବାରୁ ମୁମ୍ବାଇ ୨୦ ଓଭରରେ ୭ ୱିକେଟ ହରାଇ ୧୪୪ ରନ କରିଥିଲା । ବୋଲିଂରେ ଲକ୍ଷ୍ନୌର ମୋହସିନ ଖାନ ୨ଟି, ମାର୍କସ ଷ୍ଟୋଇନିସ, ନବୀନ ଉଲହକ, ମୟଙ୍କ ଯାଦବ, ରବି ବିଷ୍ଣୋଇ ପ୍ରତ୍ୟେକ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।



୧୪୫ ରନର ବିଜୟଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ । ଆରମ୍ଭରୁ ମୁମ୍ବାଇ ଚାପ ସୃଷ୍ଟି କରିବାକୁ ସଫଳ ହୋଇଥିଲା । ଦଳୀୟ ସ୍କୋର ୧ ରନ ବେଳେ ଲକ୍ଷ୍ନୌ ଦଳ ଓପନର ଅର୍ଶିନ କୁଲକର୍ଣ୍ଣିଙ୍କୁ ହରାଇଥିଲା । ଏହାପରେ ଲୋକେଶ ରାହୁଲ ୨୮, ମାର୍କସ ଷ୍ଟୋଇନିସ ୬୨, ଦୀପକ ହୁଡା ୧୮ ଓ ନିକୋଲାସ ପୁରନ ୧୪ ରନ କରିବାରୁ ଲକ୍ଷ୍ନୌ ୧୯.୨ ଓଭରରେ ୧୪୫/୬ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ମୁମ୍ବାଇର ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୨ ୱିକେଟ ନେଇଥିଲେ ।

### ଆଜିର ମ୍ୟାଚ

ଚେନ୍ନାଇ- ପଞ୍ଜାବ
ସମୟ: ରାତି ୭.୩୦
ସ୍ଥାନ: ଚେନ୍ନାଇ
ପ୍ରସାରଣ: ଷ୍ଟାରନେଟଓ୍ୱର୍କ, ଜିଓ ସିନେମା

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୯ | ୮ | ୧ | ୧୬ |
| କୋଲକାତା | ୯ | ୬ | ୩ | ୧୨ |
| ଲକ୍ଷ୍ନୌ | ୧୦ | ୬ | ୪ | ୧୨ |
| ଚେନ୍ନାଇ | ୯ | ୫ | ୪ | ୧୦ |
| ସନ୍‌ରାଇଜର୍ସ | ୯ | ୫ | ୪ | ୧୦ |
| ଦିଲ୍ଲୀ | ୧୧ | ୫ | ୬ | ୧୦ |
| ଗୁଜରାଟ | ୧୦ | ୪ | ୬ | ୮ |
| ପଞ୍ଜାବ | ୯ | ୩ | ୬ | ୬ |
| ମୁମ୍ବାଇ | ୧୦ | ୩ | ୭ | ୬ |
| ବେଙ୍ଗାଲୁରୁ | ୧୦ | ୩ | ୭ | ୬ |





Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


## ଅନ୍ତର୍ଜାତୀୟ ହ୍ୱିଲ ଚେୟାର ଫେନ୍ସିଂ ଖେଳାଳି ରାଖାଲ ସେଠୀ ସମ୍ବର୍ଦ୍ଧିତ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ କୁଲଣା ଗ୍ରାମର ଆନ୍ତର୍ଜାତୀୟ ହ୍ୱିଲ ଚେୟାର ଫେନ୍ସିଂ ଖେଳାଳି ରାଖାଲ କୁମାର ସେଠୀଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ମଙ୍ଗଳବାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଥାଇଲ୍ୟାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ଗତ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହ୍ୱିଲ ଚେୟାର ଫେନ୍ସିଂ ଏସିଆନ ଚାମ୍ପିଅନସିପରେ ଓଡିଆ ଖେଳାଳି ରାଖାଲ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ଜିଣି ଓଡିଶାକୁ ଗୌରବାନ୍ୱିତ କରିଛନ୍ତି । ଏହି ଅବସରରେ ହ୍ୱିଲ ଚେୟାର ଫେନ୍ସିଂର ମୁଖ୍ୟ ବେଲା ଜୈସୱାଲ, ଅଲମ୍ପିଅନ ମାକଣ୍ଡ ରେଡ୍ଡି, ହୁଇଲ ଚେୟାର ଫେନ୍ସିଂ ସଙ୍ଗଠନ ସଦସ୍ୟ ପ୍ରଶାନ୍ତ କୁମାର ବେହେରା, କୋଚ ବଙ୍କିମ ମହାନ୍ତି, ଓଡିଶା ହୁଇଲ ଚେୟାର ଫେନ୍ସିଂ ଖେଳାଳିମାନେ ରାଖାଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଛେଟି ନେଇଥିଲେ । ଏଥିସହ ଭଣ୍ଡାରିପୋଖରୀ ଅଞ୍ଚଳର ବିଭିନ୍ନ ବ୍ୟକ୍ତିବିଶେଷ ରାଖାଲଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ମହିଳା ଟି-୨୦ : ଭାରତର ଦ୍ୱିତୀୟ ବିଜୟ

ସିଲ୍‌ହେଟ୍, ୩୦।୪ (ଏଜେନ୍ସି) : ବାଂଲାଦେଶ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚରେ ଭାରତୀୟ ମହିଳା ଦଳ ୧୯ ରନ ବ୍ୟବଧାନରେ ଜିତିଛି । ଏହି ମ୍ୟାଚରେ ବାଂଲାଦେଶ ୨୦ ଓଭରରେ ୧୧୯ ରନ କରି ସମସ୍ତ ୱିକେଟ ହରାଇଥିଲା । ଭାରତୀୟ ଇନିଂସର ୫.୨ ଓଭର ଖେଳ ହୋଇଥିବାବେଳେ ଦଳୀୟ ସ୍କୋର ୧ ୱିକେଟ ରନ ବିନିମୟରେ ୪୭ ରନ ହୋଇଥିଲା ।



ବର୍ଷା ଯୋଗୁ ମ୍ୟାଚ୍ ଆଉ ଆଗକୁ ବଢ଼ିପାରି ନଥିଲା । ତେଣୁ ଡକ୍ ୱର୍ଥ ଲୁଇସ ନିୟମ ଅନୁଯାୟୀ ଭାରତ ସମ୍ମୁଖରେ ୫.୨ ଓଭରରେ ୨୯ ରନର ଟାର୍ଗେଟ ସେଟ୍ ହୋଇଥିଲା । ଭାରତ ୪୭ ରନ କରିଥିବାରୁ ୧୯ ରନ ବ୍ୟବଧାନରେ ବିଜୟୀ ହୋଇଛି । ୨୪ ବଲରୁ ୪୧ ରନର ଇନିଂସ ଖେଳିଥିବା ଦୟଲାଲ ହେମଲତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଏହି ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୨-୦ରେ ଅଗ୍ରଣୀ ହାସଲ କରିଛି ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପକ୍ଷରୁ ମୁର୍ସିଦା ଖାତୁନ ୪୬, ଶୋଭନ ମୋସ୍ତାରି ୧୯, ରିତୁ ମୋନି ୨୦ ଓ ଦିଲ୍ଲାରା ଅଖତାର ୧୦ ରନ କରିଥିଲେ । ଭାରତର ରାଧା ଯାଦବଙ୍କୁ ୩ଟି, ଶ୍ରୀୟଙ୍କା ପାଟିଲ ଓ ଦିପ୍ତି ଶର୍ମା ଦୁଇଟି ଲେଖାଏଁ ତଥା ପୂଜା ବସ୍ତ୍ରକାରଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଥିଲା । ଭାରତୀୟ ଇନିଂସରେ ଦୟାଲାନ ହେମଲତା ୨୪ ବଲରୁ ୫ଟି ଚୌକା ଓ ୨ଟି ଛକା ସହାୟତାରେ ଅପରାଜିତ ୪୧ ରନ କରିଥିଲେ ।


ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541